

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ ।।।

website : wwwödhwanipratidhwaniönet

email: pratidhwaniödhwani@gmailöcom

ବାଲେଶ୍ୱର ❑ ମଙ୍ଗଳବାର ୦୩ ନଭେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ଠ ■ Baleshwar ♦ TUESDAY 03 November 2026

Vol No 36 ■ No 287 ■ Price :Rs. 2.00 ( 8 pages) ■ RNI Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି ପୂଜାଫଙ୍ଖ୍ୟା ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ ।।।



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ଭୋର୍‌ରୁ ଲ୍ୟାଣ୍ଡଫଲ୍ କରିବ ମୁରାସୁ




ଭୁବନେଶ୍ୱର, ୦୨/୧୧ (ନି.ପ୍ର): ବଙ୍ଗୋପସାଗରରେ ବଳ ଗୋଟାଉଥିବା ବାତ୍ୟା 'ମୁରାସୁ' ଭୀଷଣ ବାତ୍ୟାର ରୂପ ନେଇଛି । ନଭେମ୍ବର ୨ତାରିଖ ମଧ୍ୟରାତିରୁ ୩ ତାରିଖ ଭୋର ମଧ୍ୟରେ ନେଲୋର ଓ ନରସାପୁର ମଧ୍ୟରେ ଆନ୍ଧ୍ର ଉପକୂଳ ଛୁଇଁପାରେ। ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ୧୦୦ରୁ ୧୧୦ କିମି ଏବଂ ଝଟକା ପବନ ୧୨୦ କିମି ରହିବା ଆକଳନ କରାଯାଇଛି। ମୁରାସୁ ମଧ୍ୟରାତିରେ ଆନ୍ଧ୍ରର ନେଲୋର ଓ ନର୍ସାପୂର ଭିତରେ ଛୁଇଁବ ସ୍ଥଳଭାଗ । ୫ ଜିଲ୍ଲାକୁ ସତର୍କ କରାଇଛି ଆଇଏମ୍‌ଡି । ଘଣ୍ଟା ପ୍ରତି ୨୦ କିମି ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି 'ମୁରାସୁ । ତାମିଲନାଡୁର ଚେନ୍ନାଇଠାରୁ ୨୬୦ କିମି, ଆନ୍ଧ୍ରପ୍ରଦେଶର ନେଲ୍ଲୋରଠାରୁ ୩୦୦ କିମି ଓ ବିଶାଖାପାଟଣାଠାରୁ ୬୧୦ କିମି ଦକ୍ଷିଣ-ଦକ୍ଷିଣପୂର୍ବରେ ରହିଛି । ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଉତ୍ତର- ପଶ୍ଚିମ ଦିଗକୁ ଗତି କରିବ । ଆଜି ମଧ୍ୟରାତିରୁ ୩ ତାରିଖ ଭୋର ମଧ୍ୟରେ ଦକ୍ଷିଣ ଆନ୍ଧ୍ରପ୍ରଦେଶର ନେଲ୍ଲୋର ଓ ନରସପୁର ମଧ୍ୟରେ ଉପକୂଳରେ ଲାଣ୍ଡଫଲ କରିବ। ଭୟଙ୍କର ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ ଘଣ୍ଟାକୁ ୧୦୦ରୁ ୧୧୦ କିଲୋମିଟର ବେଗରେ ମାଡ଼ ହେବ । ଝଟକା ପବନର ବେଗ ଘଣ୍ଟାପ୍ରତି ୧୨୦ କିଲୋମିଟର ଛୁଇଁବ । ମଙ୍ଗଳବାର ବିଳମ୍ବିତ ରାତିରୁ ବୁଧବାର ସକାଳ ଯାଏଁ ଭୟଙ୍କର ବାତ୍ୟା ମୁରାସୁର ଲ୍ୟାଣ୍ଡଫଲ ପ୍ରକ୍ରିୟା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବା ପୂର୍ବାନୁମାନ କରାଯାଉଛି । ତେଣୁ ଅର୍ଣ୍ଣବ ପ୍ରଭାବରେ ଯେମିତି ବିପର୍ଯ୍ୟୟ ହୋଇଥିଲା ସେହିଭଳି ବିପର୍ଯ୍ୟୟରୁ ରକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି ଜିଲ୍ଲା ପ୍ରଶାସନ ।

## ମୁରାସୁ ପ୍ରଭାବରେ ଓଡ଼ିଶାରେ ବର୍ଷା, ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ବାତ୍ୟା ମୁରାସୁ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଛି। ଆଗାମୀ ୪ ଦିନ ବର୍ଷା ଆଶଙ୍କା ଥିବାବେଳେ ଆଜି ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଏବଂ ଆସନ୍ତାକାଲି ଓ ୪ ତାରିଖରେ ୬ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ବାତ୍ୟା 'ମୁରାସୁ'ର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯାଇଛି । ଆଗାମୀ ୪ ଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ଏଥିପାଇଁ ଆଜି ୧୯ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର । ଏହି ସମୟରେ ପ୍ରବଳ ବର୍ଷା ସହ ପବନ ଓ ବଜ୍ରପାତର ଆଶଙ୍କା ଥିବାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ◆◆ପୃଷ୍ଠା ୭

# ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ରଙ୍କ ପରଲୋକ



ଭୁବନେଶ୍ୱର, ୦୨/୧୧ : (ନି.ପ୍ର) ବିଶିଷ୍ଟ ଚିକିତ୍ସକ, ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ପରଲୋକ ଘଟିଛି । ତାଙ୍କ ବିୟୋଗରେ ଚିକିତ୍ସା ଜଗତ ସମେତ ବିଭିନ୍ନ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି । କିଛିଦିନ ତଳେ ମସ୍ତିଷ୍କଜନିତ ଯନ୍ତ୍ରଣାରେ ଅସୁସ୍ଥ ହୋଇ ଡା. ମହାପାତ୍ର ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ । ପରବର୍ତ୍ତୀ ସମୟରେ ଉନ୍ନତ ଚିକିତ୍ସା ନିମନ୍ତେ ତାଙ୍କୁ ନୂଆଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା । ଏହି ସ୍ଥାନାନ୍ତରଣ ସମୟରେ ତାଙ୍କ ସହ ଏକ ସ୍ୱତନ୍ତ୍ର ଡାକ୍ତରୀ ବିଶେଷଜ୍ଞ ଦଳ ମଧ୍ୟ ଯାଇଥିଲେ । ସୋଆ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଓ ପରିବାର ସଦସ୍ୟ ତାଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଥିଲେ । ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆଙ୍କ ସଫଳ ଅସ୍ତ୍ରୋପଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଡା. ମହାପାତ୍ର ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ । ଚିକିତ୍ସା କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ଓ ସେବା ପାଇଁ ଭାରତ ସରକାର ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ । ସେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ◆◆ପୃଷ୍ଠା ୭

# ଦିଲ୍ଲୀରେ ବଢ଼ିଲା ବାୟୁ ପ୍ରଦୂଷଣ

## ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ଏକାଧିକ କଟକଣା, ୫୦ ପ୍ରତିଶତ କର୍ମଚାରୀ କରିବେ ୱାର୍କ ଫ୍ରମ୍ ହୋମ୍



ନୂଆଦିଲ୍ଲୀ, ୨/୧୧ : ଦିଲ୍ଲୀରେ ବଢ଼ିଲା ବାୟୁ ପ୍ରଦୂଷଣ, ୩୧୪ରେ ପହଞ୍ଚିଲା ଏକ୍ୟୁଆଇ । ଚଳିତ ଋତୁରେ ପ୍ରଥମ ଥର 'ଭେରି ପୁଅର୍' ବର୍ଗରେ ରାଜଧାନୀର ପବନ । ଶୀତ ଆସୁ ଆସୁ ଦିଲ୍ଲୀରେ ବିଷାକ୍ତ ହେଲାଣି ପବନ ! ସକାଳୁ ସକାଳୁ ରାଜଧାନୀର ବାୟୁ ଗୁଣବତ୍ତା ଖସି ଅତି ଖରାପ ବର୍ଗରେ ପହଞ୍ଚିଛି । ନଭେମ୍ବର ୨ ତାରିଖ ସକାଳ ୧୦ଟା ସୁଦ୍ଧା ଦିଲ୍ଲୀର ସାମଗ୍ରିକ ଏୟାର କ୍ୱାଲିଟି ଇଣ୍ଡେକ୍ସ ୩୧୪ ରେକର୍ଡ ହୋଇଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବା CPCBର ତଥ୍ୟ ଅନୁସାରେ, ଏକ୍ୟୁଆଇ ୩୦୦ ଅତିକ୍ରମ କରିବା ପରେ ଦିଲ୍ଲୀର ବାୟୁ 'ଭେରି ପୁଅର୍' ବା ଅତି ଖରାପ ବର୍ଗରେ ସାମିଲ ହୋଇଛି। ଏହାକୁ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ସବୁଠାରୁ ବଡ଼ କଥା ହେଉଛି, ପ୍ରଦୂଷଣ ରୋକିବାକୁ ନଭେମ୍ବର ୧ରୁ ଶୀତକାଳୀନ ଆକ୍ସନ୍ ପ୍ଲାନ୍ ଲାଗୁ ହୋଇଥିଲେ ମଧ୍ୟ ବାୟୁର ମାନରେ ସେଭଳି ସୁଧାର ଆସିନାହିଁ। ଆକ୍ସନ୍ ପ୍ଲାନ୍‌ର ପ୍ରଥମ ଦିନରେ ଦିଲ୍ଲୀ ପ୍ରଶାସନ ପ୍ରାୟ ୧୫ ହଜାର ଗାଡ଼ି ଯାଞ୍ଚ କରିଛି । ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବା PUCC ନଥିବାରୁ ୫୬୬ଟି ଚାଲାଣ କଟାଯାଇଛି । ଏହାସହ ଜରିମାନା ଓ ପରିବେଶ କ୍ଷତିପୂରଣ ବାବଦରେ ୬୮.୪ ଲକ୍ଷ ଟଙ୍କା ଆଦାୟ ହୋଇଛି। ◆◆ପୃଷ୍ଠା ୭

# ଇଣ୍ଡି ମେଣ୍ଟର ରାଲିକୁ ନେଇ ବିଜେପିର କଟାକ୍ଷ: ଅନ୍ୟପଟେ ସମାବେଶ ଯୋଗୁଁ ଦିଲ୍ଲୀର ବ୍ୟବସାୟୀଙ୍କ ୧୧ ହଜାର କୋଟି କ୍ଷତି ହୋଇଥିବା ଦାବି




ନୂଆଦିଲ୍ଲୀ, ୨/୧୧ : ଦିଲ୍ଲୀର ରାମଲୀଳା ମୈଦାନରେ ଇଣ୍ଡି ମେଣ୍ଟର ବିଶାଳ ରାଲିକୁ ନେଇ ଏବେ ରାଜନୈତିକ ବୟାନବାଜି ଜୋରଦାର ଚାଲିଛି । ରାଲିକୁ ନେଇ ବିଜେପି କରିଛି କଟାକ୍ଷ । ବିରୋଧୀଙ୍କ ଏହି ସମାବେଶକୁ 'ସୁପର ଫ୍ଲପ୍' କହିବା ସହ ରାମଲୀଳା ମୈଦାନର ପ୍ରାୟ ୪୦ ପ୍ରତିଶତ ଅଞ୍ଚଳ ଖାଲି ପଡ଼ିଥିବା ଦାବି କରିଛି ବିଜେପି । ଯାହାକୁ ନେଇ ବିଜେପି ଓ ବିରୋଧୀ ଦଳ ମଧ୍ୟରେ ଆରମ୍ଭ ହୋଇଛି ଆରୋପ-ପ୍ରତ୍ୟାରୋପ । କିନ୍ତୁ ରାଜନୈତିକ ବୟାନବାଜି ଭିତରେ ଏବେ ସାମ୍ନାକୁ ଆସିଛି ବ୍ୟବସାୟୀଙ୍କ ଅସନ୍ତୋଷ । ରାଲି ଯୋଗୁଁ ଦିଲ୍ଲୀର ବ୍ୟବସାୟୀମାନଙ୍କୁ ପ୍ରାୟ ୧୦ରୁ ୧୧ ହଜାର କୋଟି ଟଙ୍କାର କ୍ଷତି ହୋଇଥିବା ଦାବି କରିଛି ବ୍ୟବସାୟୀ ସଂଗଠନ । ଚାୟର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି ବା ସିଟିଆଇ ଏହି କ୍ଷତିର ଆକଳନ କରିଛି । ସିଟିଆଇ ଅଧ୍ୟକ୍ଷ ବ୍ରିଜେଶ ଗୋୟଲଙ୍କ ଦାବି ଅନୁସାରେ, ଦିଲ୍ଲୀର ୨୦ରୁ ୨୫ଟି ପ୍ରମୁଖ ବଜାରରେ ପ୍ରାୟ ଅଢ଼େଇ ଲକ୍ଷ ଦୋକାନ ବନ୍ଦ ରହିଥିଲା । ପ୍ରାୟ ୩ ଲକ୍ଷ ଦୋକାନ ମଧ୍ୟରୁ ୮୦ ପ୍ରତିଶତ ଦୋକାନରେ ବ୍ୟବସାୟ ଠପ୍ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି । ଚାନ୍ଦନୀଚୌକ, ସଦର ବଜାର, କାଶ୍ମୀରୀ ଗେଟ୍ ଓ ଦରିୟାଗଞ୍ଜ ଭଳି ପ୍ରମୁଖ ବଜାରରେ ବ୍ୟବସାୟ ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି । କେବଳ ଗ୍ରାହକଙ୍କ ଯାତାୟାତ ନୁହେଁ, ସାମଗ୍ରୀ ପରିବହନ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ସିଟିଆଇ କହିଛି । ଏପରିକି ପ୍ରାୟ ୫ ହଜାର ଟ୍ରକ୍ ଓ ଛୋଟ ମାଲବାହୀ ଗାଡ଼ିର ଚଳାଚଳ ପ୍ରଭାବିତ ହୋଇଥିବା ଦାବି କରାଯାଇଛି ।

# ହାଇକୋର୍ଟ ଗଲେ ସୁଶାନ୍ତ !



ଭୁବନେଶ୍ୱର, ୦୨/୧୧ (ନି.ପ୍ର): ପୂର୍ବତନ ଜେଲ୍ ଡିଜି ତଥା ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥଙ୍କ ଅଡୁଆ ବଢ଼ିଛି । ଚୌଦ୍ୱାର କାରାଗାରର ପୂର୍ବତନ ଜେଲର ସନ୍ତୋଷିନୀ ଦାସ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଓ ଧମକ ଦେବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ପୂର୍ବତନ ଜେଲ୍ ଡିଜି ତଥା ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥଙ୍କ ଅଡୁଆ ବଢ଼ିଛି । ଚୌଦ୍ୱାର କାରାଗାରର ପୂର୍ବତନ ଜେଲର ସନ୍ତୋଷିନୀ ଦାସ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଓ ଧମକ ଦେବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ◆◆ପୃଷ୍ଠା ୭

# ଓମର ଅବଦୁଲ୍ଲାଙ୍କ ସରକାରକୁ ବିପଦ ! ୨୫ ବିଧାୟକଙ୍କ ୧୪ ଦିନିଆ ଅଲ୍ଟିମେଟମ୍



ନୂଆଦିଲ୍ଲୀ,୨/୧୧ : ବିବାହକୁ ନେଇ ଚର୍ଚ୍ଚା ଭିତରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ପାଇଁ ବଢ଼ିପାରେ ରାଜନୈତିକ ଅଡୁଆ । ବିବାହ ଖୁସି ଭିତରେ ପଡ଼ିଛି ରାଜନୈତିକ ଚଡ଼ୁକ । ନିଜ ଦଳ ନ୍ୟାସନାଲ କନଫରେନ୍ସ (ଏନ୍‌ସି) ଭିତରେ ଅସନ୍ତୋଷ ତୀବ୍ର ହେଉଥିବା ନେଇ ଚର୍ଚ୍ଚା । ଦଳର ପ୍ରାୟ ୨୫ ଜଣ ବିଧାୟକ ନେତୃତ୍ୱଙ୍କ ଉପରେ ଚାପ ପକାଇଥିବା ଏବଂ ଦାବି ପୂରଣ ପାଇଁ ୧୪ ଦିନର ମହଲତ ଦେଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଦାବି ପୂରଣ ନହେଲେ ରାଜଭବନ ଯାଇ ସରକାରଙ୍କ ପ୍ରତି ସମର୍ଥନ ପ୍ରତ୍ୟାହାର କରିବାକୁ ଚେତାବନୀ ଦେଇଥିବା କୁହାଯାଉଛି । ତେବେ ଏନେଇ କୌଣସି ବିଧାୟକ ଏଯାଏଁ ସାର୍ବଜନୀନ ଭାବେ ସମର୍ଥନ ପ୍ରତ୍ୟାହାର ଘୋଷଣା କରିନାହାନ୍ତି । ଅକ୍ଟୋବର ୨୭ରେ ଉମର ଅବଦୁଲ୍ଲାଙ୍କ ସରକାରରେ କ୍ୟାବିନେଟ୍ ସମ୍ପ୍ରସାରଣ ହୋଇଥିଲା । ଏଥିରେ ନ୍ୟାସନାଲ କନଫରେନ୍ସର ଚାରି ବିଧାୟକ ଅଲି ମହମ୍ମଦ ସାଗର, ମୀର ସୈଫୁଲ୍ଲା, ଶମିମା ଫିରଦୌସ ଓ ଅଲତାଫ ଅହମ୍ମଦ ୱାନିଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା । କିନ୍ତୁ ଅନେକ ବରିଷ୍ଠ ବିଧାୟକଙ୍କୁ ମନ୍ତ୍ରୀ ପଦ ମିଳିନଥିବାରୁ ଅସନ୍ତୋଷ ଦେଖାଦେଇଥିବା କୁହାଯାଉଛି । ଏହି ପରିପ୍ରେକ୍ଷୀରେ ବିଧାୟକ କୌସର ଜମଶେଦ ଲୋନଙ୍କ ଶ୍ରୀନଗରସ୍ଥିତ ବାସଭବନରେ ଅସନ୍ତୁଷ୍ଟ ବିଧାୟକଙ୍କ ଏକ ବୈଠକ ହୋଇଥିବା ଖବର ସାମ୍ନାକୁ ଆସିଥିଲା । ବିଭିନ୍ନ ଗଣମାଧ୍ୟମର ରିପୋର୍ଟରେ ଏହି ବୈଠକରେ ୧୭ରୁ ୨୫ ଜଣ ବିଧାୟକ ଯୋଗ ଦେଇଥିବା କୁହାଯାଇଛି । ତେବେ ବୈଠକକୁ ବିଦ୍ରୋହର ରୂପ ଦେବା ଠିକ୍ ନୁହେଁ ବୋଲି ଦଳର କିଛି ନେତା କହିଛନ୍ତି । ◆◆ପୃଷ୍ଠା ୭

## ବାତ୍ୟା ମୁରାସୁରେ ପ୍ରଭାବିତ ହେବ ୭ ଜିଲ୍ଲା

ଭୁବନେଶ୍ୱର, ୦୨/୧୧ : (ନି.ପ୍ର) ବାତ୍ୟା ମୁରାସୁ ପାଇଁ ସରକାର ପ୍ରସ୍ତୁତ। ସୋମବାର ବାତ୍ୟା ମୁରାସୁ ପାଇଁ ଏସଆରସିଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ପରେ ଏହା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ମୁରାସୁ ପାଇଁ ଦକ୍ଷିଣ ଓଡ଼ିଶାର ୭ ଜିଲ୍ଲା ପ୍ରଭାବିତ ହେବ। ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି, କନ୍ଧମାଳ ସମେତ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ପ୍ରଭାବିତ ହେବ ବୋଲି ଆକଳନ କରାଯାଇଛି। ଏହା ବ୍ୟତୀତ ସମୁଦ୍ର ତଟବର୍ତ୍ତୀ ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ହେବ। ବାତ୍ୟା ଆଶ୍ରୟସ୍ଥଳରୁ ଫେରିଥିବା ଲୋକଙ୍କୁ ପୁଣି ଥରେ ସେଠାକୁ ଅଣାଯିବ ।ପ୍ରଭାବିତ ହୋଇଥିବା ୮ ଜିଲ୍ଲା ମଧ୍ୟରୁ ୪ଟିରେ ଶତପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ନବୀନଙ୍କ ମିସିଂ ପୋଷ୍ଟରକୁ ବିଜେପିର ସମର୍ଥନ : କହିଲେ ଭୁଲ୍ କେଉଁଠି ?




ଭୁବନେଶ୍ୱର, ୦୨/୧୧ (ନି.ପ୍ର): ହିଞ୍ଜିଳିରେ ନବୀନ ପଟ୍ଟନାୟକଙ୍କ ମିସିଂ ପୋଷ୍ଟର ଲାଗିବା ପ୍ରସଙ୍ଗକୁ ନେଇ ବିଜେଡିକୁ ଘେରିଛି ବିଜେପି । ଏହି ପୋଷ୍ଟରକୁ ସମର୍ଥନ କରି ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି, ଦୁର୍ଦ୍ଦିନରେ ଯଦି ହିଞ୍ଜିଳିବାସୀ ନିଜ ବିଧାୟକଙ୍କୁ ଖୋଜିଲେ ଏବଂ ନ ପାଇବାରୁ ମିସିଂ ପୋଷ୍ଟର ଲଗାଇଲେ, ସେଥିରେ ଭୁଲ୍ କେଉଁଠି ରହିଲା ? ଅନିଲ କହିଛନ୍ତି, ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ବନ୍ୟାଞ୍ଚଳ ପରିଦର୍ଶନ ପାଇଁ ହେଲିକପ୍ଟରରେ ଯାଉଥିଲେ । ହେଲେ ଏବେ ସରକାରରେ ନାହାନ୍ତି ବୋଲି ନିଜ ନିର୍ବାଚନମଣ୍ଡଳୀକୁ ଯିବାକୁ ତାଙ୍କର ଆଗ୍ରହ କାହିଁକି ନାହିଁ ବୋଲି ପ୍ରଶ୍ନ କରିଛନ୍ତି । ଲୋକଙ୍କ ପାଖକୁ ଯିବା, ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ଏବଂ ସମସ୍ୟାକୁ ନିଜ ଆଖିରେ ଦେଖିବା ପାଇଁ ଯେଉଁ ଆନ୍ତରିକତା ରହିବା କଥା, ତାହା ନବୀନଙ୍କଠାରେ ଦେଖିବାକୁ ମିଳୁନଥିବା ସେ ଅଭିଯୋଗ କରିଛନ୍ତି । ଏହି ମିସିଂ ପୋଷ୍ଟର ନବୀନ ବାବୁଙ୍କୁ ତାଙ୍କ ଦାୟିତ୍ୱ ମନେ ପକାଇ ଦେଇଛି ବୋଲି କହିଛନ୍ତି ଅନିଲ । ସରକାରରେ ଥିବାବେଳେ ଯେଉଁ ଦାୟିତ୍ୱବୋଧ ଦେଖାଉଥିଲେ, ବିରୋଧୀ ଦଳରେ ଥିବାବେଳେ ମଧ୍ୟ ସେହି ଦାୟିତ୍ୱବୋଧ ରହିବା ଆବଶ୍ୟକ । ହିଞ୍ଜିଳିର ବିଧାୟକ ଭାବେ ନବୀନଙ୍କୁ ପ୍ରଶ୍ନ କରିବା ଓ ତାଙ୍କଠାରୁ ଉତ୍ତର ମାଗିବାର ପୂର୍ଣ୍ଣ ଅଧିକାର ହିଞ୍ଜିଳିବାସୀଙ୍କର ରହିଛି ବୋଲି କହିଛନ୍ତି ବିଜେପି ମୁଖପାତ୍ର ।

# ଶାନ୍ତି କମିଟି ଫଟୋରେ ଡିଜିଟାଲ୍ କାରସାଦି, ପୋଷାକ ଓ ଟୋପି ବଦଳାଇ ସାମ୍ପ୍ରଦାୟିକ ଉତେଜନା ସୃଷ୍ଟି ଉଦ୍ୟମ ଅଭିଯୋଗ, ଥାନାରେ ମାମଲା

ଭଦ୍ରକ,୨/୧୧ (ନି.ପ୍ର): ଶାନ୍ତି ବଜାୟ ରଖିବା ପାଇଁ ହୋଇଥିବା ଶାନ୍ତି କମିଟି ବୈଠକର ଫଟୋକୁ ନେଇ ଡିଜିଟାଲ୍ କାରସାଦି। ମୂଳ ଫଟୋରେ ଥିବା ବ୍ୟକ୍ତିଙ୍କ ପୋଷାକ ଓ ଟୋପିକୁ ଡିଜିଟାଲ୍ ମାଧ୍ୟମରେ ପରିବର୍ତନ କରି ସୋସିଆଲ୍ ମିଡିଆରେ ପ୍ରସାର କରାଯାଇଥିବା ଅଭିଯୋଗ ଏବେ ଧାମନଗରରେ ଚର୍ଚ୍ଚାର ବିଷୟ ହୋଇଛି। ଏପରି କାର୍ଯ୍ୟ ଅଂଚଳର ସାମ୍ପ୍ରଦାୟିକ ସଦ୍ଭାବ ଓ ଶାନ୍ତିଶୃଙ୍ଖଳାକୁ ବିପନ୍ନ କରିବାର ଉଦ୍ଦେଶ୍ୟରେ କରାଯାଇଥିବା ଦର୍ଶାଇ ଶାନ୍ତି କମିଟିର ସଦସ୍ୟମାନେ ଧାମନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୯ ତାରିଖରେ ଆଗାମୀ ପର୍ବପର୍ବାଣୀକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଉଦ୍ଦେଶ୍ୟରେ ଧାମନଗର ବ୍ଲକ ସଭାଗୃହରେ ଶାନ୍ତି କମିଟିର ଏକ ବୈଠକ ହୋଇଥିଲା। ତେବେ ଉକ୍ତ ବୈଠକର ଏକ ମୂଳ ଫଟୋକୁ ବିକୃତ କରି ସେଥିରେ ଉପସ୍ଥିତ କିଛି ବ୍ୟକ୍ତିଙ୍କ ପୋଷାକ ଓ ଟୋପି ପରିବର୍ତ୍ତନ କରାଯାଇ ଗେରୁଆ ରଙ୍ଗର ଟୋପି ଲଗାଯାଇଥିବା ଅଭିଯୋଗ ହୋଇଛି। ଏହି ବିକୃତ ଫଟୋକୁ 'ମୁସଲମାନ କା ଆୱାଜ' ନାମକ ଫେସବୁକ୍ ପେଜ୍‌ରେ ପୋଷ୍ଟ କରାଯିବା ସହ ଅନ୍ୟ ସୋସିଆଲ୍ ମିଡିଆ ମାଧ୍ୟମରେ ମଧ୍ୟ ପ୍ରଚାର କରାଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ଏଭଳି ଫଟୋ ବିକୃତିକରଣ ପଛରେ ଅସାମାଜିକ ଉଦ୍ଦେଶ୍ୟ ରହିଥିବା ଏବଂ ଏହାଦ୍ୱାରା ଦୁଇ ସମ୍ପ୍ରଦାୟ ମଧ୍ୟରେ ଅବିଶ୍ୱାସ ଓ ଉତ୍ତେଜନା ସୃଷ୍ଟି ସହ ଅସଙ୍ଗଳର ଶାନ୍ତି ଭଙ୍ଗ କରିବାକୁ ଉଦ୍ୟମ ହୋଇଥିବା ଅଭିଯୋଗ କରି ଶାନ୍ତି କମିଟିର ସଦସ୍ୟମାନେ ମିଳିତ ଭାବେ ଥାନାରେ ଲିଖିତ ଏତଲା ଦେଇଛନ୍ତି।ଏହି ଅଭିଯୋଗ ଆଧାରରେ ଧାମନଗର ଥାନା କେସ୍ ନଂ ୪୬୭, ତାରିଖ ୦୧.୧୧.୨୦୨୬ରେ ବିଏନ୍‌ଏସ୍‌ର ଧାରା ୧୯୬(୧), ୨୯୯, ୩୫୩(୨) ଓ ୩୫୬(୩) ଅନୁଯାୟୀ ମାମଲା ରୁଜୁ ହୋଇଛି। ଇନ୍ସପେକ୍ଟର ସୁଭ୍ରଜିତ ଦାସ ଏହି ମାମଲାର ତଦନ୍ତ ଭାର ନେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ସୁଭ୍ରଜିତ ଦାସ କହିଛନ୍ତି, ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ଏବଂ ଖୁବ୍‌ଶୀଘ୍ର ଦୋଷୀଙ୍କୁ ଧରାଯିବ।ଶାନ୍ତି ଓ ସଦ୍ଭାବର ବାର୍ତା ଦେବା ପାଇଁ ଆୟୋଜିତ ବୈଠକର ଫଟୋକୁ ନେଇ ଏଭଳି ବିବାଦ ସୃଷ୍ଟି ହେବା ଘଟଣା ଏବେ ଧାମନଗରରେ ଆଲୋଚନାର ବିଷୟ ପାଲଟିଛି। ତେବେ ଫଟୋ ବିକୃତିକରଣ ପଛରେ କିଏ ରହିଛି ଏବଂ ଏହାର ଉଦ୍ଦେଶ୍ୟ କ'ଣ, ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ।

# ଭଦ୍ରକ ବ୍ଲକ ରାଜନୀତିରେ ନୂଆ ମୋଡ଼: ସମର୍ଥକଙ୍କ ସହ ତାଲା ଖୋଲି କାର୍ଯ୍ୟାଳୟକୁ ପ୍ରବେଶ କଲେ ଅଧକ୍ଷା ଉର୍ମିଳା ନାୟକ

ଭଦ୍ରକ ,୨/୧୧(ନି.ପ୍ର): ଭଦ୍ରକ ବ୍ଲକ ରାଜନୀତିରେ ଦିନକୁ ଦିନ ନୂଆ ମୋଡ଼ ଦେଖିବାକୁ ମିଳୁଛି। ବ୍ଲକ ଅଧକ୍ଷା ଉର୍ମିଳା ନାୟକଙ୍କୁ ନେଇ ଚାଲିଥିବା ରାଜନୈତିକ ବିବାଦ ଏବେ ପୁଣି ଚର୍ଚ୍ଚାକୁ ଆସିଛି। ନିଜ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତାଲା ଖୋଲିବା ପରେ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଛନ୍ତି ଅଧକ୍ଷା।ସୂଚନା ଅନୁଯାୟୀ, ଉର୍ମିଳା ନାୟକଙ୍କୁ ବିଜେପିରୁ ବହିଷ୍କାର କରିବା ଦାବିରେ ଦଳର ଏକ ଗୋଷ୍ଠୀ ପକ୍ଷରୁ ବ୍ଲକ ଅଧକ୍ଷାଙ୍କ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ଏହି ଘଟଣାକୁ ନେଇ ବ୍ଲକ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା। ତେବେ ଅଧକ୍ଷା



ନିଜ ସମର୍ଥକଙ୍କ ସହ ପହଞ୍ଚି ତାଲା ଖୋଲିବା ସହ କାର୍ଯ୍ୟାଳୟକୁ ପ୍ରବେଶ କରିବା ଘଟଣା ବିବାଦକୁ ନୂଆ ଦିଗ ଦେଇଛି। ଏହି ଘଟଣା ପରେ ଦଳୀୟ ନେତୃତ୍ୱ କି ପଦକ୍ଷେପ ନେବେ ଏବଂ ବିବାଦ କେଉଁ ଦିଗକୁ ଗତି କରିବ, ତାହାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଅନ୍ୟପକ୍ଷରେ, ବ୍ଲକ କାର୍ଯ୍ୟାଳୟର ସ୍ୱାଭାବିକ କାର୍ଯ୍ୟକଳାପ ଯେପରି ବାଧାପ୍ରାପ୍ତ ନହୁଏ ଏବଂ ସାଧାରଣ ଲୋକଙ୍କୁ ସେବା ପାଇବାରେ ଅସୁବିଧା ନହୁଏ, ସେଥିପାଇଁ ପ୍ରଶାସନର ହସ୍ତକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

# ଘରେ ପଶି ଚୋରି କରିଥିବା ୧୧ ପ୍ରକାର ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨/୧୧ (ନି.ପ୍ର):- ସମ୍ବଲପୁର ଜିଲ୍ଲା ବୁର୍ଲା ବୋର୍ଡ କଲୋନୀର ଏକ ଘରୁ ହୋଇଥିବା ଚୋରି ଘଟଣାରେ ବୁର୍ଲା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବା ସହ ୧୧ ପ୍ରକାରର ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ବୋର୍ଡ କଲୋନୀର ୨୭ ବର୍ଷିୟ ଶଙ୍କର ବିଶ୍ୱାଳ ବୋଲି ପୋଲିସ କହିଛି। ପୋଲିସର ସୂଚନାନୁଯାୟୀ, ଗତ ଅକ୍ଟୋବର ୩୧ ତାରିଖ ରାତି ୧୦ଟାରୁ ନଭେମ୍ବର ୧ ତାରିଖ ସକାଳ ୫ଟା ମଧ୍ୟରେ ବୁର୍ଲା ବୋର୍ଡ କଲୋନୀର କ୍ୱାଟର ନମ୍ବର ଏଫ୍-୧୩/୦୫ ରୁ ଚୋରି ହୋଇଥିଲା। ଏ ନେଇ ବୁର୍ଲା ଥାନାରେ ଅଭିଯୋଗ ହେବାପରେ ପୋଲିସ ୪୬୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ବିଶ୍ୱସ୍ତ ସୂତ୍ରର ସୂଚନାକ୍ରମେ ସନ୍ଦିଗ୍ଧ ଶଙ୍କର ବିଶ୍ୱାଳକୁ ଧରିବା ସହ ତା' ନିକଟରୁ ସମସ୍ତ ଚୋରି ସାମଗ୍ରୀ ଜବତ କରିଥିଲା। ପୋଲିସର ଏହି ଚଢ଼ାଉରେ ଗୋଟିଏ ଏଚ୍ପି ଲାପଟପ୍, ଗୋଟିଏ ସାମସଙ୍ଗ ଲାପଟପ୍, ଗୋଟିଏ ଏଚପି ପ୍ରିଂଟର, ଗୋଟିଏ ବୋଷ୍ ଭାଇବ୍ରେଟର ମେସିନ୍, ଗୋଟିଏ ଇଣ୍ଡେନ୍ ଗ୍ୟାସ୍ ସିଲିଣ୍ଡର, ଗୋଟିଏ ହୋଣ୍ଡା ସାଇନ୍ ବାଇକ୍ ଚାବି, ବିଭିନ୍ନ ଆକାରର ୧୨ଟି ସ୍ପାନର ରେଂଚ, ଗୋଟିଏ ଏସି ଷ୍ଟାବିଲାଇଜର, ଗୋଟିଏ ଇଂଟେକ୍ସ ସାଉଣ୍ଡ ସିଷ୍ଟମ୍, ଗୋଟିଏ କଟର ମେସିନ୍ ଏବଂ ନଗଦ ୯ ହଜାର ୬୪୫ ଟଙ୍କା ଜବତ୍ କରିଥିଲା । ଗିରଫ ଅଭିଯୁକ୍ତ ବିରୋଧରେ ପୂର୍ବରୁ ମଧ୍ୟ ବୁର୍ଲା ଥାନାରେ ୪୩୪/୨୬ ରେ ଅନ୍ୟ ଏକ ଚୋରି ମାମଲା ରହିଥିବା ପୋଲିସ ପ୍ରକାଶ କରିଛି। ଗିରଫ ଅଭିଯୁକ୍ତ ଶଙ୍କରକୁ ଆଜି ପୋଲିସ କୋର୍ଟ ଚାଲାଣ କରିଛି।

## AFFIDAVIT

By virtue of an affidavit before the executive Magistrate Balasore, I Ratnaprabha Panda, aged about 37 years W/o- Ramakanta Panda, Aadhar vide No. 805495192685, At- Gud, Po- Gud, Ps- Soro, Dist- Balasore, Odisha, declare that I, wholly renounce, relinquish and abandon the use of my former name (nick name) Sakuntala Panda and in place thereof assume from the date hereof the name of (new name) Ratnaprabha Panda. I will be known as Ratnaprabha Panda. for all purposes.

**Ratnaprabha Panda**

# ଚୋରା ବାଲି ହାଇୱା ଧରିବାକୁ ଯାଇ ଅଟକ ଦୁଇ ଜୁନିୟର ମାଇନିଂ ଅଧିକାରୀ!: କୁସୁଡ଼ା ଛକରେ ଉତ୍ତେଜନା, ପହଞ୍ଚିଲା ପୋଲିସ

ବାଲିଆପାଳ, ୨/୧୧: (ନି.ପ୍ର) ବାଲେଶ୍ୱର ଜିଲ୍ଲାରେ ପୁଣି ଚୋରା ବାଲି ଚାଲାଣକୁ ନେଇ ଉତ୍ତେଜନା। ବେଆଇନ ବାଲି ଚାଲାଣ ଉପରେ ରୋକ୍ ଲଗାଇବାକୁ ଯାଇ ଅଡୁଆରେ ପଡ଼ିଲେ ମାଇନିଂ ବିଭାଗର ଦୁଇ ଜୁନିୟର ଅଧିକାରୀ। ଏକ ବାଲି ବୋଝେଇ ହାଇୱା ଡମ୍ଫରକୁ ଧରିବା ସମୟରେ ଦୁଇ ଅଧିକାରୀଙ୍କୁ ଅଟକ ରଖାଯାଇଥିବା ଅଭିଯୋଗ। ଏହାକୁ ନେଇ କମର୍ଦ୍ଦା ଥାନା ଅନ୍ତର୍ଗତ କୁସୁଡ଼ା ଛକ ନିକଟରେ ସୃଷ୍ଟି ହୋଇଥିଲା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା କମର୍ଦ୍ଦା ପୋଲିସ। ତେବେ କ'ଣ ରହିଛି ପୂରା ଘଟଣା, ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଛୋଟଖାନପୁର ନିକଟରେ ଏକ ହାଇୱା ଡମ୍ଫରରେ ବାଲି ଲୋଡ୍ ହେଉଥିବା ଖବର ପାଇ ମାଇନିଂ ବିଭାଗର ଅଧିକାରୀମାନେ ଯାଞ୍ଚ ପାଇଁ ପହଞ୍ଚିଥିଲେ। ବାଲି ଚାଲାଣର




କାଗଜପତ୍ର ଯାଞ୍ଚ କରିବା ସହ ହାଇୱା ଡମ୍ଫରକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ତେବେ ଏହାପରେ ଗାଡ଼ିଟିକୁ ସେଠାରୁ ନେଇ ଥାନା କୁସୁଡ଼ା ଅଞ୍ଚଳରେ ଲୁଚାଇବାକୁ ଉଦ୍ୟମ ହୋଇଥିବା ଅଭିଯୋଗ କରୁ ଥିଲେଏହି ସମୟରେ ମାଇନିଂ ବିଭାଗର ଜୁନିୟର ଅଧିକାରୀ ଅଭିଷେକ ବେହେରା ଓ ତାପସ ବେହେରା ହାଇୱା ଡମ୍ଫରକୁ ଧରିଥିଲେ। କିନ୍ତୁ ଗାଡ଼ି ଧରିବା ଘଟଣାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ବଢ଼ିଥିଲା। ଏପରିକି ଦୁଇ ଅଧିକାରୀଙ୍କୁ ବାଲି ମାଫିଆମାନେ ଅଟକ ରଖିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା।ବେଆଇନ ଖଣିଜ ସମ୍ପଦ ଉତ୍ତୋଳନ ଓ ପରିବହନ ଉପରେ ରୋକ୍ ଲଗାଇବା ମାଇନିଂ ବିଭାଗର ଦାୟିତ୍ୱ। ତେବେ ଯାଞ୍ଚ କରିବାକୁ ଯାଇଥିବା ସରକାରୀ ଅଧିକାରୀଙ୍କୁ ଅଟକ ରଖାଯାଇଛି,ଘଟଣା ସମ୍ପର୍କରେ ଖବର ପାଇ କମର୍ଦ୍ଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିବା ସୂଚନା ମିଳିଛି। ତେବେ ହାଇୱାରେ ପରିବହନ ହେଉଥିବା ବାଲିର ବୈଧ କାଗଜପତ୍ର ଥିଲା କି ନାହିଁ, ଅଧିକାରୀଙ୍କୁ କେଉଁ ପରିସ୍ଥିତିରେ ଅଟକ ରଖାଯାଇଥିଲା ଏବଂ ଏହି ଘଟଣାରେ କେଉଁମାନେ ସମ୍ପୃକ୍ତ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

# ରାଷ୍ଟ୍ରୀୟ ଏକତା ଦିବସରେ ସଦର ଥାନା ପୁଲିସର ଏକତା ଦୌଡ଼

ଖୋର୍ଦ୍ଧା,୨/୧୧(ନି.ପ୍ର): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଖୋର୍ଦ୍ଧା ସଦର ଥାନା ପୁଲିସ ପକ୍ଷରୁ ଏକତା ଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏସ୍ପି ପରମାର ସ୍ମିଥ ପି. ଦାସ ଙ୍କ ନିର୍ଦ୍ଦେଶ କ୍ରମେସଦର ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ କୁରାଢ଼ମଲ ଛକଠାରୁ ସଦର ଥାନା ପର୍ଯ୍ୟନ୍ତ ଏହି ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନାର କର୍ମଚାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଶତାଧିକ ଯୁବକ ଏକତ୍ରିତ ହୋଇ




ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିସହ ଜାତୀୟ ଏକତା, ଭାଇଚାରା ଓ ସାମାଜିକ ସଂହତିର ବାର୍ତ୍ତା ପ୍ରସାର କରିବା ସହ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ସକ୍ରିୟ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଏସଆଇ ଚନ୍ଦନ ଦାସ, ଦୀପକ ପାକଳ, ସୁଜାତା ପଲେଇ, ଏଏସଆଇ ମନଜିତ ଏକା, ପ୍ରଦୀପ ପ୍ରଧାନ, ସୁବାଷ ନାୟକ, କନେଷ୍ଟବଳ ଶୁଭ୍ରାଂଶୁ ଦଳେଇ, ସୁଧାକର ପାଟଶାଣୀ ପ୍ରମୁଖଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ର ଶତାଧିକ ଯୁବକ ସାମିଲ ହୋଇଥିଲେ।

# ଏକାଉଂଟାଂଟଙ୍କ ବଦଳିକୁ ନେଇ ଶିକ୍ଷକ ସଂଘର ତୀବ୍ର ବିରୋଧ ସିଆରସିସି ନିଯୁକ୍ତିକୁ ନେଇ ବି ଅସନ୍ତୋଷ, ତାଲାବନ୍ଦ ଓ ଅନଶନ ଚେତାବନୀ

ଘଟଗାଁ,୨/୧୧ (ନି.ପ୍ର): ଏକାଉଂଟାଂଟଙ୍କ ବଦଳିକୁ ନେଇ ଶିକ୍ଷକ ସଂଘର ତୀବ୍ର ଘଟଗାଁ ବ୍ଲକ ଶିକ୍ଷାଧିକାରୀ (ବିଇଓ) କାର୍ଯ୍ୟାଳୟରେ ବରିଷ୍ଠ ଏକାଉଂଟାଂଟଙ୍କ ବଦଳିକୁ ନେଇ ଶିକ୍ଷକ ସଂଘ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିସହ ସିଆରସିସି ନିଯୁକ୍ତିକୁ ନେଇ ମଧ୍ୟ ବିବାଦ ଉପୁଜିଛି। ଏହି ସମସ୍ୟାର ସମାଧାନ ନହେଲେ ବିଇଓ କାର୍ଯ୍ୟାଳୟରେ ତାଲାବନ୍ଦ ଓ ଅନଶନ କରାଯିବ ବୋଲି ଘଟଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଚେତାବନୀ ଦେଇଛି। ସୂଚନା ଅନୁଯାୟୀ, ଘଟଗାଁ ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଏକାଉଂଟାଂଟ ଅମର କୁମାର ପାତ୍ରଙ୍କୁ ହରିଚନ୍ଦନପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟକୁ ବଦଳି କରାଯିବା ନିଷ୍ପତିକୁ ସଂଘ ବିରୋଧ କରିଛି। କିଛି ମାସ ପୂର୍ବରୁ ତାଙ୍କ ବଦଳି ବାତିଲ ହୋଇଥିବା ବେଳେ ଗୋଟିଏ ଶିକ୍ଷାବର୍ଷରେ ବାରମ୍ବାର ବଦଳି କରାଯିବାର ଆବଶ୍ୟକତା କ'ଣ ବୋଲି ସଂଘ ପ୍ରଶ୍ନ ଉଠାଇଛି। ସଂଘର କହିବା ଅନୁଯାୟୀ, ଅମର କୁମାର ପାତ୍ର ଅଳ୍ପ ସମୟ ମଧ୍ୟରେ ନିଜର କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ତ୍ୱରିତ ପଦକ୍ଷେପ ମାଧ୍ୟମରେ ଶିକ୍ଷକ ଓ କର୍ମଚାରୀଙ୍କ ମାସିକ ବେତନ ସହ ଅନ୍ୟାନ୍ୟ ପ୍ରାପ୍ୟ ସମ୍ପର୍କିତ କାର୍ଯ୍ୟର ସମାଧାନ କରି ସମସ୍ତଙ୍କ ଆସ୍ଥାଭାଜନ ହୋଇଥିଲେ। ତେଣୁ ତାଙ୍କ ବଦଳି ନିଷ୍ପତିର ପୁନର୍ବିଚାର କରିବାକୁ ସଂଘ ଦାବି କରିଛି। ଏନେଇ ସଂଘ ପକ୍ଷରୁ ସାଂସଦ ଅନନ୍ତ ନାୟକଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଗଦାଧରପୁର ସିଆରସିସି ପଦବିରେ ନିଯୁକ୍ତିକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ସିଆରସିସି ଧରଣୀଧର ମହାନ୍ତ ତୃତୀୟ ବର୍ଗକୁ ପଦୋନ୍ନତି ପାଇ ବଡ଼ଜାମ୍ବୁପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ ହେବା ପରେ ଗଦାଧରପୁର ସିଆରସିସି ପଦବି ଖାଲି ପଡ଼ିଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଦେଶକ୍ରମେ ଏହି ପଦବି ପାଇଁ ମଧୁପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସିମନ ସ୍ମିତା ପୃଷ୍ଟିଙ୍କ ନାମକୁ ଘଟଗାଁ ବିଇଓ ହରେକୃଷ୍ଣ ନାଏକ ସୁପାରିଶ କରିଥିବା କୁହାଯାଇଛି।

# ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଦୁଇ ଗିରଫ

ସମ୍ବଲପୁର,୨/୧୧ (ନି.ପ୍ର): ବେଆଇନ ଭାବେ ବନ୍ଧୁକ ରଖିଥିବା ଅଭିଯୋଗରେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିବା ସହ ଦୁଇଟି ବନ୍ଧୁକ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ମଧ୍ୟରେ ରେଢ଼ାଖୋଲ ଥାନା ମୁଟୁରମୁଣ୍ଡା ଗ୍ରାମର ମନାସ ତିର୍କୀର ୪୦ ବର୍ଷିୟ ଭେଣ୍ଡା ପୁଅ ସନ୍ତୋଷ ତିର୍କୀ ଏବଂ ତେରବେଢ଼ା ଗ୍ରାମର ସନାତନ ପ୍ରଧାନର ୪୬ ବର୍ଷିୟ ପୁଅ ଅରୁଣ ପ୍ରଧାନ ବୋଲି ଜଣାପଡିଛି। ପୋଲିସର ସୂଚନାନୁଯାୟୀ, ଏକ ମାମଲାର ତଦନ୍ତ ସମୟରେ ଏଏସ୍ଆଇ ପି.କେ. ଅଚ୍ଛି ଲଣ୍ଡିମାଲ ଅଂଚଳକୁ ଯାଇଥିବା ବେଳେ ସନ୍ତୋଷ ତିର୍କୀର ଘରେ ବନ୍ଧୁକ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଏହାପରେ ପୋଲିସ ଟିମ୍ ସନ୍ତୋଷ ଘରେ ଚଢ଼ାଉ କରି ଗୋଟିଏ ବନ୍ଧୁକ ଜବତ କରିଥିଲା। ସନ୍ତୋଷକୁ ଏ ସମ୍ପର୍କରେ ପଚରାଉଚରା କରିବା ବେଳେ ଅରୁଣ ପ୍ରଧାନ ଘରେ ମଧ୍ୟ ଆଉ ଗୋଟିଏ ବନ୍ଧୁକ ଥିବା ଜଣାପଡ଼ିଥିଲା। ପୋଲିସ ଅରୁଣ ଘରେ ମଧ୍ୟ ଚଢ଼ାଉ କରି ଦ୍ୱିତୀୟ ବନ୍ଧୁକଟିକୁ ଜବତ କରିଥିଲା। ଜବତ ବନ୍ଧୁକ ମଧ୍ୟରୁ ଗୋଟିଏର ମୋଟ ଲମ୍ବ ୧୩୬ ସେଣ୍ଟିମିଟର ଓ ଅନ୍ୟଟିର ଲମ୍ବ ୧୩୪ ସେଂଟିମିଟର। ଉଭୟ ବନ୍ଧୁକର ବ୍ୟାରେଲର ପରିଧି ୭ ସେଂଟିମିଟର ବୋଲି ପୋଲିସ ଗଣମାଧମକୁ କହିଛି।

# ବର୍ଷକରେ ୩ ଫରେଷ୍ଟର ବଦଳି, ଜଣେ ନିଲମ୍ବିତ ! ନେଚର କ୍ୟାମ୍ପ ଓ ବିଦ୍ୟୁତ୍ କାର୍ଯ୍ୟରେ ଅନିୟମିତତା ଅଭିଯୋଗ, ତଦନ୍ତ ଦାବି

ଘଟଗାଁ,୨/୧୧ ଘଟଗାଁ ବନାଂଚଳରେ ଗତ ଏକ ବର୍ଷ ମଧ୍ୟରେ ୩ ଜଣ ଫରେଷ୍ଟରଙ୍କ ବଦଳି ଓ ଜଣେ ନିଲମ୍ବିତ ହୋଇଥିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ, ଦରାଗଡ଼ାଶିଳାସ୍ଥିତ ନେଚର କ୍ୟାମ୍ପ ନିର୍ମାଣ ଓ ବିଦ୍ୟୁତ୍ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହୋଇଥିବାରୁ ତଦନ୍ତ ଦାବି ଉଠିଛି। ବୈତରଣୀ ନଦୀକୂଳ ଆଟେଇ ସଂରକ୍ଷିତ ଜଙ୍ଗଲ ଅଂଚଳରେ ପର୍ଯ୍ୟଟକଙ୍କ ପାଇଁ ନିର୍ମିତ ନେଚର କ୍ୟାମ୍ପର ଚାରିଟି ୟୁନିଟ୍ ଗତ ଜୁଲାଇରେ ବନ୍ୟାଜଳରେ ଭାସିଯାଇଥିବା କୁହାଯାଉଛି। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଅଭିଯୋଗ ରହିଛି। ପ୍ରକଳ୍ପ ନିର୍ମାଣରେ ନିମ୍ନମାନର କାମ, ପାଚେରି ନିର୍ମାଣରେ ଅନିୟମିତତା ଓ ଅର୍ଥ ବିନିଯୋଗକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ରୋଷେଇ ଘର ଓ ଭୋଜନ ଗୃହ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ସୂଚନା ମିଳିଛି। ସେହିପରି, ଦରାଗଡ଼ାଶିଳାରେ ବିଦ୍ୟୁତ୍ କାର୍ଯ୍ୟର ଦାୟିତ୍ୱ ନବନିଯୁକ୍ତ ଫରେଷ୍ଟରଙ୍କୁ ଦିଆଯିବା ଓ ତାଙ୍କର ଏ ସମ୍ପର୍କିତ ଅଭିଜ୍ଞତାକୁ ନେଇ ମଧ୍ୟ ଆଲୋଚନା ହେଉଛି। ଅସମ୍ପୂର୍ଣ୍ଣ କାମ ଶେଷ କରିବାକୁ ଡିଏଫ୍‌ଓ ନିର୍ଦ୍ଦେଶ ଦେଇଥିବା କୁହାଯାଉଥିବାବେଳେ ପ୍ରକଳ୍ପର ଗୁଣବତା ଓ ଖର୍ଚ୍ଚର ଯାଂଚ ଦାବି ହୋଇଛି। ପୂର୍ବରୁ ଜତୀନ୍ଦ୍ର କୁମାର ସାହୁଙ୍କ ବଦଳି ପରେ ବିଶ୍ୱମୋହନ ମିଶ୍ର ଦାୟିତ୍ୱ ନେଇଥିଲେ। ପ୍ରାୟ ତିନି ମାସ ପରେ ଶ୍ରୀ ମିଶ୍ରଙ୍କ ବଦଳି ସହ ନିଲମ୍ବନ ହୋଇଥିବା ସୂଚନା ରହିଛି। ପରେ ଶରତ ପଟ୍ଟନାୟକ ଦାୟିତ୍ୱ ନେଇଥିଲେ ମଧ୍ୟ ନିକଟରେ ତାଙ୍କର ବଦଳି ହୋଇଛି। ଏହି ବଦଳି ଓ ନିଲମ୍ବନର ପ୍ରକୃତ କାରଣ ଏବଂ ଅନିୟମିତତା ଅଭିଯୋଗ ସହ ଏହାର ସମ୍ପର୍କ ଅଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଘଟଗାଁ ରେଞ୍ଜ ଅଧିକାରୀ ବାବୁ ବାହନ ସାହୁ ଓ ଜିଲ୍ଲା ଡିଏଫ୍‌ଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୋଗର ସତ୍ୟତା ଜାଣିବା ପାଇଁ ନେଚର କ୍ୟାମ୍ପ ନିର୍ମାଣ, ଅର୍ଥ ବିନିଯୋଗ ଓ ବିଦ୍ୟୁତ୍ କାର୍ଯ୍ୟର ନିରପେକ୍ଷ ତଦନ୍ତ ପାଇଁ ଦାବି ହେଉଛି।

# ପ୍ରଜ୍ଞାନ ମିଶନ୍ ପକ୍ଷରୁ ବ୍ଲକ୍‌ସ୍ତରୀୟ ଶ୍ରୀମଭଗବଦ ଗୀତା ଶ୍ଲୋକ ଆବୃତି ପ୍ରତିଯୋଗିତା

ବଲାଙ୍ଗୀର,୨/୧୧ (ନି.ପ୍ର):– ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ଜ୍ଞାନପରମ୍ପରା, ନୈତିକ ମୂଲ୍ୟବୋଧ ତଥା ଆଧ୍ୟାତ୍ମିକ ଚେତନାର ଜାଗରଣ ଉଦ୍ଦେଶ୍ୟରେ ପ୍ରଜ୍ଞାନ ମିଶନ୍ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଖପ୍ରାଖୋଲ ଠାରେ ଏକ ବ୍ଲକ୍‌ସ୍ତରୀୟ ଶ୍ରୀମଭଗବଦ ଗୀତା ଶ୍ଲୋକ ଆବୃତି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଉତ୍ସାହ ଓ ଉଦ୍ଦୀପନାର ସହ ଯୋଗଦାନ କରି ଗୀତାର ଶ୍ଲୋକ ଆବୃତି ମାଧ୍ୟମରେ ନିଜସ୍ୱ ପ୍ରତିଭା ଓ ଶାସ୍ତ୍ରୀୟ ଜ୍ଞାନର ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସମାରୋହରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଲାଙ୍ଗୀର ଜିଲ୍ଲାର ନୋଡାଲ୍ ଅଧକ୍ଷ କ୍ଷମାନିଧି ଝାଙ୍କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମଭଗବଦ ଗୀତାର ସାର୍ବଜନୀନ ଜୀବନଦର୍ଶନ, କର୍ତବ୍ୟନିଷ୍ଠା ଓ ଚରିତ୍ର ଗଠନରେ ଏହାର ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଖପ୍ରାଖୋଲର ଉପ ଅଧକ୍ଷା ସରିତା ନାଏକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଂସ୍କୃତ ଭାରତୀ ର ପ୍ରାନ୍ତ ପ୍ରଚାର ପ୍ରମୁଖ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପାର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ପ୍ରତିଯୋଗିତାର ସଂଯୋଜନା ଓ ସମନ୍ୱୟ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାର ମୂଲ୍ୟାୟନ ନିମନ୍ତେ ଦେବଦତ ଭୋଇ, ମଧୁସୂଦନ ସାହୁ, ଅମର ବେହେରା, ଚୂଡ଼ାମଣି ପଟେଲ, ଦୀପକ କୁମାର ନାଏକ, ଛୋଟୁ ବେହେରା, ପ୍ରଦୀପ କୁମାର ପଣ୍ଡା, ସମୀର ଦେବ ଚୌହାନ ଓ ଫକୀର ରଣା ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଅମୃତା ମେହେର ପ୍ରଥମ, ଆଦ୍ୟାଶା ପ୍ରିୟଦର୍ଶିନୀ ମେହେର ଦ୍ୱିତୀୟ ଓ ଅଞ୍ଜଳି ବାଗ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଅର୍ଚ୍ଚିତା ସାହୁ ସାନ୍ତ୍ୱନାମୂଳକ ପୁରସ୍କାର ଲାଭ କରିଥିଲେ। ବରିଷ୍ଠ ବିଭାଗରେ ଅଲିଶା କରୁଆଁ ପ୍ରଥମ, ଆଦ୍ୟାଶା ନାଏକ ଦ୍ୱିତୀୟ ଓ ମନୀଷା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତା କେବଳ ଶ୍ଲୋକ ଆବୃତିରେ ସୀମିତ ନରହି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ଭାଷାପ୍ରତି ଅନୁରାଗ, ଭାରତୀୟ ସଂସ୍କୃତିପ୍ରତି ଶ୍ରଦ୍ଧା ତଥା ଗୀତାର ଜୀବନୋପଯୋଗୀ ଆଦର୍ଶକୁ ଆତ୍ମସାତ୍ କରିବାର ପ୍ରେରଣା ସୃଷ୍ଟି କରିଥିଲା। ଉଭୟ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ମନୋନୀତ ଛାତ୍ରଛାତ୍ରୀମାନେ ଆସନ୍ତା ନଭେମ୍ବର ୨୨ ତାରିଖରେ ଆୟୋଜିତ ହେବାକୁ ଥିବା ବଲାଙ୍ଗୀର ଜିଲ୍ଲାସ୍ତରୀୟ ଗୀତା ଶ୍ଲୋକ ଆବୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ।

# ବାତ୍ୟା ମୁରୁସାକୁ ଦୃଷ୍ଟିରେ ରଖି ଚିତ୍ରକୋଣ୍ଡା ଜଳଭଣ୍ଡାରରୁ ଜଳ ନିଷ୍କାସନ

ମାଲକାନଗିରି,୨/୧୧ (ନି.ପ୍ର): –ଆସନ୍ନ ବାତ୍ୟା ମୁରୁସା ଓ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ବାଲିମେଳା ଜଳଭଣ୍ଡାରର ଚାପ କମାଇବାକୁ ଜଳଭଣ୍ଡାରର ଦୁଇଟି ସ୍ଲୁଇସ୍ ସହ ୩ଟି ଫାଟକକୁ ଖୋଲାଯାଇଛି। ଏହାକୁ ନେଇ ତଳିଆ ଅଞ୍ଚଳରେ ସତର୍କତା ଜାରି କରାଯାଇଛି। ବାତ୍ୟା ମୁରୁସା ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଜଳଭଣ୍ଡାର କର୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନାନୁସାରେ, ୬୫ କିଲୋମିଟର ପରିମିତ ଅଞ୍ଚଳରେ ବ୍ୟାପ୍ତ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣା କ୍ଷମତା ରହିଛି ୧୫୧୬ ଫୁଟ ରହିଛି। ବର୍ତ୍ତମାନ ଜଳସ୍ତର ରହିଛି ୧୫୧୦.୮୦ ଫୁଟ। ଆଗକୁ ଅଧିକ ବର୍ଷା ଆଶଙ୍କାରେ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଜଳଭଣ୍ଡାରର ଜଳସ୍ତର ସ୍ଥିର ରଖିବା ପାଇଁ ଆଜି ଚିତ୍ରକୋଣ୍ଡା ଜଳଭଣ୍ଡାରରୁ ଗୋଟିଏ ଗେଟ ଓ ଦୁଇଟି ଫାଟକ ଖୋଲାଯାଇଛି। ତିନିଟି ଫାଟକରୁ ପ୍ରତି ସେକେଣ୍ଡରେ ୬ହଜାର ଘନଫୁଟ ଜଳ ନିଷ୍କାସିତ ହେଉଛି। ପୋଟେରୁ ଜଳସେଚନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ତୃପ କୁମାର ପାତ୍ର ଏନେଇ ସୂଚନା ଦେଇ କହିଛନ୍ତି, ଜଳଭଣ୍ଡାର ଫାଟକ ଖୋଲିବା ନେଇ ପୂର୍ବରୁ ଆଜି ଅପରାହ୍ଣ ଦୁଇଟା ସମୟରେ ଡାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ତଳିଆ ଅଂଚଳ ରେ ଗ୍ରାମବାସୀଙ୍କୁ ସତର୍କ କରାଯାଇଥିଲା। ୪ଟା ୫୦ ରେ ଗେଟ ଖୋଲା ଯାଇଥିଲା। ଆଗକୁ ବର୍ଷାର ପ୍ରଭାବ ଓ ଜଳଭଣ୍ଡାର ଭିତରକୁ ପ୍ରବେଶ କରୁଥିବା ଜଳପ୍ରଭାବ କୁ ଦୃଷ୍ଟିରେ ରଖି ଅଧିକ ଗେଟ ଖୋଲାଯିବ ନା ନାହିଁ ନିର୍ଣ୍ଣୟ ନିଆଯିବ ବୋଲି ସେ କହିଛନ୍ତି। ଜଳଭଣ୍ଡାର ଗେଟ ଖୋଲା ଯିବା ସମୟରେ ପୋଟେରୁ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ବାଲିମେଳା ବନ୍ଧ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ କୈଳାଶ ଚନ୍ଦ୍ର ସେଠି, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର ରଞ୍ଜନ ଖୁଂଟିଆ ଓ ଦିଲୀପ କୁମାର ଦଳବେହେରା, କନିଷ୍ଠ ଯନ୍ତ୍ରୀ ଜ୍ୟୋତି ଟପ୍ପୋ, ବିଭୂତି ବେହେରା ଉପସ୍ଥିତ ଥିଲେ।

# ଜୟପୁର ଠାରେ 'ଅରାଜକତା ହଟାଅ ଏବଂ ଗଣତନ୍ତ୍ର ବଂଚାଅ' ବୁଦ୍ଧିଜୀବୀ ସମ୍ମିଳନୀ

ଜୟପୁର,୨/୧୧ (ନି.ପ୍ର):–ଜୟପୁର ସ୍ଥିତ ସନ୍ଧ୍ୟା ଫଙ୍କସନ ହଲ ଠାରେ ଆବାହକ ଗଣତାନ୍ତ୍ର ବଂଚାଅ କମିଟି, ଜୟପୁର ତରଫରୁ 'ଅରାଜକତା ହଟାଅ ଏବଂ ଗଣତନ୍ତ୍ର ବଂଚାଅ' ନାମକ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ବକ୍ତା ଭାବେ ରାଷ୍ଟ୍ରୀୟ ବିଜେପି ଉପ ସଭାନେତ୍ରୀ ଓଡ଼ିଶା ବିଜେପି ପ୍ରଭାରୀ ତଥା ଆନ୍ଧ୍ରପ୍ରଦେଶ ରାଜମହେନ୍ଦ୍ରମ ନିର୍ବାଚନ ମଣ୍ଡଳୀର ବିଜେପି ସାଂସଦ ଶ୍ରୀମତୀ ଡି.ପୁରନେନ୍ଦଶ୍ୱରୀ ଯୋଗେ ଦେଇଥିଲେ। ସେ ବର୍ତମାନ ଦେଶରେ ଚାଲିଥିବା ଆନ୍ଦୋଳନ ନାମରେ ଅରାଜକତା ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା କୋରାପୁଟ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ମାଛ ଏବଂ କୋଟପଡ଼ ବିଧାୟକ ରୁପୁ ଭତ୍ରା ମଧ୍ୟ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ଜେନା ଜିଲ୍ଲା ଉପ ସଭାପତି, ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ହିମାଂଶୁ ମହାପାତ୍ର, ଜୟପୁର ବିଧାୟକ ପ୍ରାର୍ଥ ଗୌତମ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା କୋଷାଧକ୍ଷ ତ୍ରିନାଥ ପଣ୍ଡା ଏବଂ ଏ ଦୁର୍ଗା ପ୍ରସାଦ, ରବୀନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ଅମର ଲାଲ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ।

# ସାନଘାଗରା ଜଳପ୍ରପାତ





ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ କେନ୍ଦୁଝର ଜିଲା । ପ୍ରକୃତି ଯେପରି ଗୋଟିଗୋଟି କରି ଶୋଭାର ଭଣ୍ଡାର ଏଠାରେ ସଜାଇ ରଖିଛି । ଏଗୁଡ଼ିକ ମଧ୍ୟରୁ ଅନ୍ୟତମ ସାନଘାଗରା ଜଳପ୍ରପାତ । ବଣଭୋଜି ସମୟ ଆରମ୍ଭ ହେବା ମାତ୍ରେ ଅନେକଙ୍କର ପ୍ରଥମ ପ୍ରସନ୍ଦ ପାଲଟେ ସାନଘାଗରା ଜଳପ୍ରପାତ । ଓଡ଼ିଶାର ଉତ୍ତର ସୀମାରେ ପଡ଼ୋଶୀ ଝାଡ଼ଖଣ୍ଡକୁ ଲାଗି ସମୁଦ୍ର ପତ୍ତନଠାରୁ ହାରାହାରି ୪୮୦ ମିଟର ଉଚ୍ଚରେ ଅବସ୍ଥିତ କେନ୍ଦୁଝର ଜିଲା । ରାଜଧାନୀ ଭୁବନେଶ୍ୱରଠାରୁ ସଡ଼କ ପଥରେ ପ୍ରାୟ ୨୩୫ କିଲୋମିଟର ଏବଂ ଯାଜପୁର କେନ୍ଦୁଝର ରେଳଷ୍ଟେସନଠାରୁ ୧୧୫ କିଲୋମିଟର ଦୂର ହୋଇଥିବା ବେଳେ ଯାଜପୁର ରୋଡ଼ଠାରୁ ୩୦ କିଲୋମିଟର ଦୂରରେ ଏହି ଜିଲ୍ଲା ଅବସ୍ଥିତ । ୧୧୫ ନମ୍ବର ଜାତୀୟ ରାଜପଥରେ ଗଲେ ପଡ଼େ ଆନନ୍ଦପୁର ଉପଖଣ୍ଡ । ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୀଠ ଘଟଗାଁ । ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ସୁଉଚ୍ଚ ଜଳପ୍ରପାତ ଦେଖିବାଲାଗି କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ବର୍ଷ ତମାମ ଛୁଟିଥାଏ ।

### ଅବସ୍ଥିତି :

ଜିଲା ମୁଖ୍ୟାଳୟଠାରୁ ମାତ୍ର ୫କିମି ଦୂରରେ ଥିବା ୪୯ ନଂ ଜାତୀୟ ରାଜପଥକୁ ଲାଗି ୩୧ମି ଉଚ୍ଚତା ବିଶିଷ୍ଟ ସାନଘାଗରା ଜଳପ୍ରପାତ ବୁଲି ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟି ଥାଏ । ଘଞ୍ଚ ବଣପାହାଡ଼ ଘେରା ସାନଘାଗରାର ଶିଶୁପାର୍କ, ଗୋଲାପ ଉଦ୍ୟାନ, ବୋଟିଂ ସୁବିଧା ତଥା ଚତୁଃପାରର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପିକନିକ୍ ଋତୁରେ ପ୍ରବଳ ଗହଳି ଜମେ । ପର୍ଯ୍ୟଟକଙ୍କ ସହିତ ପ୍ରକୃତିପ୍ରେମୀ, ସାହିତ୍ୟିକ ଓ କବିମାନେ ବି ଏଠାକାର ଆକର୍ଷଣ ଏଡାଇ ପାରନ୍ତି ନାହିଁ । ପ୍ରାକୃତିକ ଶୋଭା ମଧ୍ୟରେ ପ୍ରାୟ ୧୦୦ଫୁଟ ଉଚ୍ଚରୁ ସ୍ତରସ୍ତର ହୋଇ ଆସୁଥିବା ଏଇ ପ୍ରପାତ ନିକଟରେ ଏକାଧିକ ଚଳଚ୍ଚିତ୍ରର ଫଟୋ ଉତ୍ତୋଳନ ସ୍ଥାନ ଭାବେ ପରିଚିତ । ପର୍ଯ୍ୟଟନରେ ଆସିଥିବା ଶିଶୁମାନଙ୍କର ମଧ୍ୟ ମନୋରଞ୍ଜନ ଏବଂ ସୁବିଧା ପାଇଁ ସାନ ଘାଗରାରେ ବଣଭୋଜିର ବ୍ୟବସ୍ଥା କରାଯାଇଥାଏ ।



### ଦର୍ଶନୀୟ ସ୍ଥାନ :

ଏହାର ନିକଟବର୍ତ୍ତୀ ଏକାଧିକ ପର୍ଯ୍ୟଟନସ୍ଥଳ ରହିଛି । ତେଣୁ ଇଚ୍ଛା କଲେ ବଡ଼ ଘାଗରା, ଷୋଡ଼ଶ ଶତାବ୍ଦୀର ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ରାଜବାଟୀ, ସିଦ୍ଧମଠ, କେନ୍ଦୁଝର ରାଜାଙ୍କ ବିରାଟ ଦରବାର ହଲ



### କେମିତି ଯିବେ :

ଉଭୟ ସଡକ ଏବଂ ରେଳପଥରେ ଏଠାକୁ ଯିବା ସହଜ । ବିଭିନ୍ନ ଅଞ୍ଚଳରୁ ଏଠାକୁ ବସସେବା ରହିଥିବା ବେଳେ ରେଳଷ୍ଟେସନରୁ ସାନଘାଗରା ମୋଟ ୮କିଲୋମିଯର ଦୂର । ଷ୍ଟେସନରୁ କେନ୍ଦୁଝର ୩କିଲୋମିଟର ଏବଂ କେନ୍ଦୁଝରରୁ ଘାଗରାର ଦୂରତ୍ୱ ୫କିଲୋମିଟର ।

### କେଉଁଠି ରହିବେ :

ପାନ୍ଥ ନିବାସ (ସାନଘାଗରାଠାରୁ୨ କିଲୋମିଟର), ପ୍ରକୃତି ନିବାସ (ବନ ନିବାସ ପକ୍ଷରୁ ଅନଲାଇନ ବୁକିଂ) । ଏହା ବ୍ୟତୀତ କେନ୍ଦୁଝରରେ ଏକାଧିକ ହୋଟେଲର ସୁବିଧା ଉପଲବ୍ଧ ।



ଗୋନାସିକା, ମା ତାରିଣୀଙ୍କ ମନ୍ଦିର ସୀତାବିଞ୍ଜ ,ବଂ ଖଣ୍ଡାଧାର ଜଳପ୍ରପାତ ମଧ୍ୟ ଦେଖିବାକୁ ଯାଇପାରିବେ । ଏ ସମସ୍ତ ସ୍ଥାନ କେନ୍ଦୁଝରଠାରୁ ୩୦ରୁ ୫୦କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ।

# କଦଳୀ କଳା ନ ପଡ଼ି ନଷ୍ଟ ନହେବାର ଉପାୟ ଜାଣିଛନ୍ତି କି ?

କଦଳୀ ହେଉଛି ଏମିତି ଏକ ଫଳ ଯାହା ପ୍ରତି ଋତୁରେ ମିଳିଥାଏ । ଫାଇବର, ଭିଟାମିନ୍, ମିନେରାଲସ ଭରପୁର ଥିବା କଦଳୀରେ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । କଦଳୀରେ, ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ଆଇରନ୍ ପ୍ରଚୁର ପରିମାଣରେ ଥାଏ, ଯାହା କିଡନୀ, ହୃତପିଣ୍ଡ ଏବଂ ହଜମ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଭଳି ପରିସ୍ଥିତିରେ କିଛି ଲୋକ ନିୟମିତ ଭାବରେ କଦଳୀ ଖାଇଥା'ନ୍ତି । ଅବଶ୍ୟ, ପାଚିଲା କଦଳୀ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରହେ ନାହିଁ ଏବଂ ଗ୍ରୀଷ୍ମ ଋତୁରେ କିମ୍ବା ଗରମ ତାପମାତ୍ରାରେ କଦଳୀ ଅତି ଶୀଘ୍ର ପଚିବାକୁ ଲାଗିଥାଏ । ଏଭଳି ପରିସ୍ଥିତିରେ କଦଳୀକୁ କିଭଳି ସତେଜ ରଖିହେବ, ସେନେଇ ଆମେ ଆପଣଙ୍କୁ କିଛି ଉପାୟ କହିବୁ । ଆଜି କିଛି ଏଭଳି ଟିପ୍ସ ବିଷୟରେ କହିବାକୁ ଯାଉଛୁ, ଯାହା ଦ୍ୱାରା ଆପଣ ଏକ ସପ୍ତାହ ପର୍ଯ୍ୟନ୍ତ କଦଳୀକୁ ସତେଜ ରଖିପାରିବେ ।

**ଫଏଲ୍ ବ୍ୟବହାର କରନ୍ତୁ**

କଦଳୀକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରଖିବା ପାଇଁ ଆପଣ ଫଏଲ୍ ପେପର ବ୍ୟବହାର କରିପାରିବେ । ଏଥିପାଇଁ ଏକ ଫଏଲ୍ କାଗଜ ନିଅନ୍ତୁ ଏବଂ ଏହାକୁ କଦଳୀ ଉପରେ ଗୁଡ଼ାଇ ରଖନ୍ତୁ । ଏହା ଦ୍ୱାରା କଦଳୀ ଶୀଘ୍ର ନଷ୍ଟ ହୁଏ ନାହିଁ ।

**ହ୍ୟାଙ୍ଗରରେ ଝୁଲାଇ ରଖନ୍ତୁ**

କଦଳୀଗୁଡିକ ଶୀଘ୍ର ନଷ୍ଟ ନହେବା ପାଇଁ ଆପଣ ଏକ ହ୍ୟାଙ୍ଗର୍ ବ୍ୟବହାର କରିପାରିବେ । ଏଥିପାଇଁ କଦଳୀକୁ ହ୍ୟାଙ୍ଗରରେ ଟାଙ୍ଗନ୍ତୁ । ଏହା କଦଳୀକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରଖିବ । ସେହି ସମୟରେ, ଯଦି ଆପଣ ସେଗୁଡିକୁ ତଳେ ରଖନ୍ତି, ତେବେ ତାହା ଶୀଘ୍ର ନଷ୍ଟ ହୋଇଯିବ ।

**ଭିଟାମିନ୍ ସି ଟାବଲେଟ୍ ବ୍ୟବହାର କରନ୍ତୁ**

କଦଳୀକୁ ସତେଜ ରଖିବାରେ ଭିଟାମିନ୍ ସି ଟାବଲେଟ୍ ମଧ୍ୟ ପ୍ରଭାବଶାଳୀ । ଏଥିପାଇଁ ଭିଟାମିନ୍ ସି ଟାବଲେଟକୁ ପାଣିରେ ଭିଜାଇ ରଖନ୍ତୁ ଏବଂ ତା'ପରେ କଦଳୀକୁ ସେହି ପାଣିରେ ଭିଜାନ୍ତୁ । ଏହା ଦ୍ୱାରା କଦଳୀ ଶୀଘ୍ର ନଷ୍ଟ ହେବ ନାହିଁ ।




# ଠିଆହୋଇ ଖାଇଲେ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଯାଏ

ଏକ ଅଧ୍ୟନରୁ ଜଣାପଡ଼ିଛି, ଠିଆ ହୋଇ ଖାଇବା ଦ୍ୱାରା ଶାରୀରିକ ଜାପ ବୃଦ୍ଧିପାଏ ଓ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଥାଏ । 'କଂକୁମର ରିସର୍ଚ୍ଚ' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ନୁସାରେ, ବ୍ୟକ୍ତି ଶରୀରର ମୁଦ୍ରା ଦ୍ୱାଦ ଧାରଣା ଉପରେ ପ୍ରଭାବ ପକାଏ ଏବଂ ଚଟାଣରେ ବସି ଖାଇବା ସମୟରେ ଖାଦ୍ୟର ସ୍ୱାଦ ଅପେକ୍ଷାକୃତ ଭଲଭାବେ ଅନୁଭବ ହୋଇଥାଏ । ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ଭେଷ୍ଟିବୁଲାର ସେନ୍ସ ଉପରେ ଫୋକସ କରିଥିଲେ, ଯାହା ଶରୀରର ଭାରସାମ୍ୟ, ମୁଦ୍ରା ଉପରେ ଆଧାରିତ । ଏହା ସ୍ୱାଦକୁ ପ୍ରଭାବିତ କରୁଥିବା ସ୍ୱାଦ ସମ୍ବେଦନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ବେଳେବେଳେ ମା ବାପା ପିଲାକୁ ବିଭିନ୍ନ ମୁଦ୍ରାରେ ତିକ୍ତ ଖାଦ୍ୟ ବା ଔଷଧ ଖୁଆଇଥାନ୍ତି । ଅଧ୍ୟନ ଅନୁସାରେ, ଏହା ଦ୍ୱାରା ମାଧ୍ୟକର୍ଷଣ ଶକ୍ତି ଯୋଗୁ ଶରୀରର ନିମ୍ନ ଭାଗକୁ ରକ୍ତ ଠେଲିହୋଇଯାଏ । ଫଳରେ ହୃତସ୍ପନ୍ଦନ ମାତ୍ରା ବଢ଼ିଯାଏ ଏବଂ ଶରୀରର ଶୀର୍ଷକୁ ରକ୍ତ ଫେରିଆସେ । ଏହି କାର୍ଯ୍ୟକଳାପ ଦ୍ୱାରା ଚାପ ହର୍ମୋନ କୋର୍ଟସୋଲ ସ୍ତର ବୃଦ୍ଧିପାଏ ।

# ଦୁନିଆର ସବୁଠାରୁ ଦାମୀ ପାଣି ବୋତଲ : ଦାମ ଶୁଣିଲେ ହୋଇଯିବେ ଆଶ୍ଚର୍ଯ୍ୟ...



ଜଳ ହିଁ ଜୀବନ, ଏ କଥା ଆମେ ସମସ୍ତେ ଜାଣିଛେ । ପାଣି ଆମକୁ ସବୁ ସ୍ଥାନରେ ମିଳିଥାଏ । ହେଲେ ଅନେକ ଲୋକ ବିଭିନ୍ନ ବ୍ରାଣ୍ଡର ପାଣି ପିଇବାକୁ ପସନ୍ଦ କରନ୍ତି । ଆଜି ଆମେ ଆପଣଙ୍କୁ ଏମିତି ଏକ ପାଣି ବୋତଲ ବ୍ରାଣ୍ଡ ନାଁ କହିବୁ ଯାହାର ମୂଲ୍ୟ ଲକ୍ଷାଧାକ ଟଙ୍କା । ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ପୂରା ସତ । ଏହି ପାଣି ବୋତଲର ଦାମ ଏତେ ଟଙ୍କା ଯେ ଏଥିରେ ଆପଣ ଚାହିଁଲେ ଏକ ମର୍ସେଡିସ କାର କିଣିପାରିବେ ।

ଏହି ପାଣି ବୋତଲର ନାଁ ହେଉଛି ଆକ୍ୱା କ୍ରିଷ୍ଟାଲୋ ଟ୍ରିବିଟୋ ଏ ମୋଡିଗ୍ଲିଆନି । ଫ୍ରାନ୍ସରେ ମାଟିର ଅନେକ ଗଭିରତାରୁ ଏହି ପାଣି ସଂଗ୍ରହ କରାଯାଇଥାଏ । ଏହାର ପ୍ୟାକିଂରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହାର ସ୍ୱାଦ ମଧ୍ୟ ସବୁ ପାଣିଠାରୁ ଭିନ୍ନ ହୋଇଥାଏ ।

ଏହି ପାଣି ବୋତଲରେ ୧ ଲିଟର ପାଣି ବି ରହିନଥାଏ, ଏହି ବୋତଲରେ ୭୫୦ ମିଲି ଲିଟର ପାଣି ରହିଥାଏ । ଆଉ ଏହାର ଦାମ ହେଉଛି ୪୫ ଲକ୍ଷ ଟଙ୍କା । ଏକ ରିପୋର୍ଟ ଅନୁସାରେ ଏହି ଭିନ୍ନ ଧରଣର ପାଣି ରହୁଥିବା ବୋତଲ ୨୪ କ୍ୟାରେଟ ସୁନାରେ ତିଆରି ହୋଇଥାଏ ।

ଏହି ପାଣି ବୋତଲ ଦାମୀ ହେବାର ଅନେକ କାରଣ ରହିଛି । ପ୍ରଥମ କାରଣ ହେଉଛି ଏହି ସୁନାର ବୋତଲ । ଆଉ ଏହି ପାଣି ବୋତଲକୁ ତିଆରି କରିଛନ୍ତି ଦୁନିଆର ପ୍ରତିଷ୍ଠିତ ବୋତଲ ଡିଜାଇନର ଫର୍ନାଣ୍ଡୋ ଅଲତାମିରାନୋ । ଏହାଛଡା ଏହି ପାଣି ଅନ୍ୟ ପାଣିଠାରୁ ଅଧିକ ଏନର୍ଜି ମଧ୍ୟ ଦେଇଥାଏ ।

# ଘରୋଇ ଉପାୟରେ କରନ୍ତୁ କେଶ ସିଧା

ଆପଣ ଯଦି କୌଣସି ପାର୍ଟି ଉତ୍ସବକୁ ଯାଉଛନ୍ତି ଏବଂ ଚାହୁଁଛନ୍ତି ଆପଣଙ୍କର କେଶ ବି କୌଣସି ହିରୋଇନ୍ଙ୍କ କେଶ ଭଳି ଚିକ୍କଣ ଓ ସିଧା ଦେଖାଯାଉ ବୋଲି ତେବେ ଚିନ୍ତା କରନ୍ତୁ ନାହିଁ। କାହିଁକି ନା, ଆଜି ଆମେ ଆପଣଙ୍କୁ ପାର୍ଲର ନ ଯାଇ ବିନା କୌଣସି କେମିକାଲ୍ ବ୍ୟବହାର ନ କରି ଘରୋଇ ଉପାୟ ଦ୍ୱାରା କେଶକୁ କିପରି ଚିକ୍କଣ ଓ ସିଧା କରାଯାଇପାରିବ ସେହି ବିଷୟରେ ଜଣାଇବୁ। ଆସନ୍ତୁ ଜାଣିବା ଏହା ବିଷୟରେ।

**ଆବଶ୍ୟକୀୟ ସାମଗ୍ରୀ :**

୧- ୧୦ ଚାମଚ ଏଲୋଭରା ଜେଲ୍

୨-୧ ଚାମଚ ନଡ଼ିଆର ତେଲ

**ପ୍ରସ୍ତୁତି :** ପ୍ରଥମେ ଆପଣ ଏଲୋଭରାରୁ ତାହାର ଭିତର ଅଂଶର ଜେଲ୍‌କୁ ବାହାର କରି ତାହାକୁ ଗ୍ରାଇଣ୍ଡର ସାହାଯ୍ୟରେ ଭଲକରି ପେସିଦିଅନ୍ତୁ। ଏହାପରେ ଆପଣ ଏକ ପାତ୍ରରେ ଏଲୋଭରା ଜେଲ୍‌ର ୧୦ ଚାମଚ ଏବଂ ଏକ ଚାମଚ ନଡ଼ିଆ ତେଲକୁ ଆଣି ତାହାକୁ ଭଲଭାବରେ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫେଣ୍ଟି ଦିଅନ୍ତୁ। ଏଥିସହିତ ଆପଣ ଆପଣଙ୍କ କେଶର ମୂଳରୁ ଅଗ ପର୍ଯ୍ୟନ୍ତ ଭଲ ଭାବରେ ଏହାକୁ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ। ଏହାପରେ ଆପଣ ଏହାକୁ ୧ ଘଣ୍ଟା ପର୍ଯ୍ୟନ୍ତ ରଖି କେଶକୁ ଥଣ୍ଡାପାଣି ସାହାଯ୍ୟରେ ଧୋଇଦିଅନ୍ତୁ। ଏହାପରେ ଆପଣ ନିଜେ ହିଁ ଅନୁଭବ କରିବେ କି କିଭଳି ଭାବରେ ଆପଣଙ୍କ କେଶ ପୂର୍ବାପେକ୍ଷା ସିଧା, ସୁନ୍ଦର, ଚିକ୍କଣ ଏବଂ ନରମ ହୋଇଯାଇଅଛି। ଆଉ ଯଦି ଆପଣ ଏହାର ଭଲ ଫଳାଫଳ ପାଇବାକୁ ଚାହୁଁଛନ୍ତି ତ, ତେବେ ଆପଣଙ୍କୁ ଏହି ଉପାୟର ଉପଯୋଗକୁ ନିରନ୍ତର ଭାବରେ ୧୦ ଦିନ ପର୍ଯ୍ୟନ୍ତ କରିବାକୁ ପଡ଼ିବ।



### ଅଦରକାରୀ ଉପକାର ଦେବ

ଅସରପା ସମସ୍ୟା ପ୍ରାୟତଃ ପ୍ରତ୍ୟେକ ଘରେ ଥିବ । ଏଥିରୁ ମୁକ୍ତି ପାଇବା ଲାଗି ବଡ଼ ଚାମଚରେ ୨ଚାମଚ ଲେଖାଏ ବୋରିକ୍ ପାଉଡର ଏବଂ ଗହମ ଅଟା ନେଇ ଏଥିରେ କ୍ଷୀର ମିଶାଇ ଚକଟିଦେବେ । ଏହାର ଛୋଟଛୋଟ ଗୁଳା କରି ଅସରପା ହେଉଥିବା ସ୍ଥାନରେ ରଖିଦିଅନ୍ତୁ ।

ବହି ଥାକରେ କିଛି ଶୁଖିଲା ନିମପତ୍ର ରଖିଦେଲେ ପୋକ ଲାଗିବେନି । ଚନ୍ଦନ କାଠ ବି ସେଠାରେ ରଖିପାରନ୍ତି ।
ଘରେ ବେଶୀ କଳାପିମ୍ପୁଡ଼ି ହୁଏଥିଲେ ସେସବୁ ଜାଗାରେ ଅଳ୍ପ ଅଟା, ଚିନି ଏବଂ ହଳଦି ମିଶାଇ ପକାଇ ଦିଅନ୍ତୁ । ପିମ୍ପୁଡ଼ି ପଳାଇବେ ।

# ମା'ର ଅବସାଦ ପିଲାର ମସ୍ତିଷ୍କ ବିକାଶରେ ବାଧକ

ଗର୍ଭାବସ୍ଥା କିମ୍ବା ତାପରେ ମହିଳାଙ୍କଠାରେ ଅବସାଦ ଲକ୍ଷଣ ରହିଲେ, ଶିଶୁର ମସ୍ତିଷ୍କ ବିକାଶ ବାଧାପ୍ରାପ୍ତ ହୁଏ । ମା'ଠାରେ ଏହି ଲକ୍ଷଣ ଥିଲେ, ପିଲାର ମସ୍ତିଷ୍କର ବାହ୍ୟ ପରସ୍ତର ଘନତ୍ୱ ହ୍ରାସ ପାଏ ବୋଲି ଅଧ୍ୟନରୁ ଜଣାପଡ଼ିଛି । ଗବେଷଣାରେ ଉଭୟ ଗର୍ଭାବସ୍ଥା ଓ ମାତୃତ୍ୱ ପରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା କାନାଡ଼ାର ଆଲବର୍ଟା ସ୍ଥିତ କାଲଗାରୀ ୟୁନିଭର୍ସିଟିର ମୁଖ୍ୟ ଗବେଷକ କ୍ୟାଥେରିନ ଲେବେଲ କହିଛନ୍ତି । ଜୀବନର ଜଟି ସୋପାନରେ ପିଲାର ମସ୍ତିଷ୍କ ବିକାଶ ଉପରେ ମାର ମୁଡ୍ ପ୍ରଭାବ ପକାଇପାରେ । ଗର୍ଭାବସ୍ଥା ଓ ମାତୃତ୍ୱ ସମୟରେ ୧୮ ପ୍ରତିଶତ ମହିଳା ଅବସାଦର ଶିକାର ହୋଇଥାନ୍ତି, ଯାହା ସେମାନଙ୍କ ପିଲାର ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ । ଅଧ୍ୟନ ପାଇଁ ଗବେଷକମାନେ ୫୨ ମହିଳାଙ୍କ ଗର୍ଭାବସ୍ଥା ଓ ମାତୃତ୍ୱ ପରର ଅବସାଦ ଲକ୍ଷଣ ଯାଞ୍ଚ କରିଥିଲେ ।



# ଭାରତୀୟ ଶ୍ରମ ବଜାରର ସଙ୍କଟ: ସଂଖ୍ୟାଗତ ଅଭିବୃଦ୍ଧି ଏବଂ ଗୁଣାତ୍ମକ ଅବନତି

ଭାରତର ଅର୍ଥନୈତିକ ବିକାଶ ଏବଂ ନିଯୁକ୍ତି ସ୍ଥିତିକୁ ନେଇ ନିକଟରେ ପ୍ରକାଶ ପାଇଥିବା ବିଭିନ୍ନ ତଥ୍ୟ ଏକ ବଡ଼ ଧରଣର ବିରୋଧାଭାସ ସୃଷ୍ଟି କରିଛି । ସାମ୍ପ୍ରତିକ ପିରିଓଡିକ୍ ଲେବର ଫୋର୍ସ ସର୍ଭେ (ପିଏଲଏଫଏସ) ରିପୋର୍ଟ ଅନୁଯାୟୀ, ଦେଶରେ ବେକାରୀ ହାର ୨୦୧୭-୧୮ ମସିହାର ୬.୧ ପ୍ରତିଶତରୁ ଯଥେଷ୍ଟ ହ୍ରାସ ପାଇ ୨୦୨୩-୨୪ ମସିହାରେ ୩.୨ ପ୍ରତିଶତରେ ପହଞ୍ଚିଛି । ଉପରଠାଉରିଆ ଭାବେ ଦେଖିଲେ ଏହା ଏକ ଅତ୍ୟନ୍ତ ସକାରାତ୍ମକ ତଥା ଉତ୍ସାହଜନକ ଖବର ଭଳି ମନେହୁଏ । ସରକାରୀ ସ୍ତରରେ ମଧ୍ୟ ଏହି ତଥ୍ୟକୁ ଏକ ଐତିହାସିକ ସଫଳତା ଭାବେ ଉପସ୍ଥାପନ କରାଯାଉଛି । ମାତ୍ର ଅର୍ଥନୀତି ବିଶେଷଜ୍ଞ ଏବଂ ଶ୍ରମ ବଜାରର ଗବେଷକମାନେ ଏହି ଆକଳନର ଗଭୀର ବିଶ୍ଳେଷଣ କରି ଏକ ସମ୍ପୂର୍ଣ୍ଣ ଭିନ୍ନ ତଥା ଚିନ୍ତାଜନକ ଚିତ୍ର ସାମ୍ନାକୁ ଆଣିଛନ୍ତି । ବିଶେଷଜ୍ଞମାନଙ୍କ ମତରେ ବେକାରୀ ହାର କମିଥିଲେ ମଧ୍ୟ ଦେଶରେ 'ଶୋଭନୀୟ କାର୍ଯ୍ୟ' ବା ଡିସେଣ୍ଟ ୱାର୍କର ଘୋର ଅଭାବ ଦେଖାଦେଇଛି । ନିଯୁକ୍ତିର ସଂଖ୍ୟା ବଢ଼ିଥିଲେ ସୁଦ୍ଧା ନିଯୁକ୍ତିର ଗୁଣବତ୍ତା ବା ମାନ ଅତ୍ୟନ୍ତ ନିମ୍ନ ସ୍ତରରେ ରହିଛି । କେବଳ କୌଣସି ପ୍ରକାରର ଏକ କାମ ମିଳିଯିବା ଅର୍ଥ ନୁହେଁ ଯେ ଜଣେ ବ୍ୟକ୍ତି ଆର୍ଥିକ ସ୍ତରରେ ସୁରକ୍ଷିତ ଅଛନ୍ତି କିମ୍ବା ତାଙ୍କର ଜୀବନଧାରଣର ମାନ ଉନ୍ନତ ହୋଇଛି । ଦେଶର ଶ୍ରମ ବଜାରରେ ଅଣଆନୁଷ୍ଠାନିକ କ୍ଷେତ୍ରର ଅତ୍ୟଧିକ ପ୍ରାଧାନ୍ୟ, ଅସୁରକ୍ଷିତ ନିଯୁକ୍ତି ଏବଂ ଦିନକୁ ଦିନ ବଢୁଥିବା ଆୟର ଅସମାନତା ଭାରତୀୟ ଅର୍ଥନୀତି ପାଇଁ ଏକ ଦୀର୍ଘମିଆଦୀ ବିପଦ ସୃଷ୍ଟି କରୁଛି । ଯଦି ଏହି ସମସ୍ୟାର ସଠିକ୍ ସମାଧାନ ନକରାଯାଏ, ତେବେ ଦେଶର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି ।

ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲଓ) ଅନୁଯାୟୀ, ଡିସେଣ୍ଟ ୱାର୍କର ଅର୍ଥ ହେଉଛି ଏପରି ଏକ ନିଯୁକ୍ତି ଯେଉଁଥିରେ ଶ୍ରମିକମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁଥିବ, କର୍ମକ୍ଷେତ୍ରରେ ଶାରୀରିକ ଓ ମାନସିକ ସୁରକ୍ଷା ଥିବ, ପରିବାର ପାଇଁ ସାମାଜିକ ନିରାପତ୍ତା ବ୍ୟବସ୍ଥା ଥିବ ଏବଂ ବ୍ୟକ୍ତିଗତ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିବ । କିନ୍ତୁ ଭାରତୀୟ ପରିପ୍ରେକ୍ଷୀରେ ଏହି ସମସ୍ତ ସୁବିଧା ପାଉଥିବା ଶ୍ରମିକଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । ନିକଟରେ କିଛି ଅର୍ଥନୀତିଜ୍ଞ ପିଏଲଏଫଏସ ତଥ୍ୟକୁ ଆଧାର କରି ଏକ 'ଡିସେଣ୍ଟ ୱାର୍କ ଇଣ୍ଡେକ୍ସ' ବା ଶୋଭନୀୟ କାର୍ଯ୍ୟ ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି । ଏହି ସୂଚକାଙ୍କରେ ନିଯୁକ୍ତିର ସ୍ଥିତି, ସୁଯୋଗ ଏବଂ ସାମାଜିକ ନିରାପତ୍ତା ଭଳି ବିଭିନ୍ନ ମାନଦଣ୍ଡକୁ ବିଚାରକୁ ନିଆଯାଇଥିଲା । ଏହି ସୂଚକାଙ୍କ ଅନୁଯାୟୀ ୨୦୧୭-୧୮ ମସିହାରେ ଏହାର ମୂଲ୍ୟ ୦.୨୪୭ ଥିବାବେଳେ ୨୦୨୩-୨୪ ମସିହାରେ ଏହା ସାମାନ୍ୟ ବୃଦ୍ଧି ପାଇ ମାତ୍ର ୦.୩୦୨ ରେ ପହଞ୍ଚିଛି । ଏହି ଅତି ସାମାନ୍ୟ ବୃଦ୍ଧି ପ୍ରମାଣ କରୁଛି ଯେ ବେକାରୀ ହାର ପ୍ରାୟ ଅଧା କମିଯାଇଥିଲେ ମଧ୍ୟ ଗୁଣାତ୍ମକ ନିଯୁକ୍ତି କ୍ଷେତ୍ରରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ । ଅଧିକାଂଶ ଲୋକ ବାଧ୍ୟ ହୋଇ ସ୍ୱଳ୍ପ ଆୟକାରୀ ଏବଂ ଅସୁରକ୍ଷିତ କାମରେ ନିଜକୁ ନିୟୋଜିତ କରୁଛନ୍ତି, ଯାହାକୁ ସରକାରୀ ପରିସଂଖ୍ୟାନରେ ନିଯୁକ୍ତି ବୋଲି ଦର୍ଶାଯାଉଛି ସତ, କିନ୍ତୁ ବାସ୍ତବରେ ତାହା ସେମାନଙ୍କର ଜୀବନଧାରଣର ମାନରେ କୌଣସି ଉନ୍ନତି ଆଣିପାରୁନାହିଁ । ଏହା ଏକ ପ୍ରକାରର ଛଦ୍ମ ନିଯୁକ୍ତି, ଯେଉଁଠାରେ ଲୋକେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ମାତ୍ର ସେମାନଙ୍କର ଶ୍ରମର ଉଚିତ୍ ମୂଲ୍ୟ ସେମାନଙ୍କୁ ମିଳିପାରୁନାହିଁ ।

ମହିଳାମାନଙ୍କ ଶ୍ରମଶକ୍ତିରେ ଅଂଶଗ୍ରହଣ (ଫିମେଲ ୱାର୍କଫୋର୍ସ ପାର୍ଟିସିପେସନ୍) ବୃଦ୍ଧି ପାଇବାକୁ ସାମ୍ପ୍ରତିକ ସମୟରେ ଏକ ବଡ଼ ଉପଲବ୍ଧି ଭାବେ ବିବେଚନା କରାଯାଉଛି । ସରକାରୀ ତଥ୍ୟ ଅନୁଯାୟୀ, ଦଶନ୍ଧି ଦଶନ୍ଧି ଧରି ମହିଳାମାନଙ୍କ ଅଂଶଗ୍ରହଣ ହାର କମିବା ପରେ ଏବେ ଏଥିରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଛି । ମାତ୍ର ଏହି ବୃଦ୍ଧିର ପ୍ରକୃତ କାରଣ ଏବଂ ସ୍ୱରୂପକୁ ଖୋଜିଲେ ଘୋର ନିରାଶ ହେବାକୁ ପଡ଼େ । ଆଇଏଲଓ ଏବଂ ଇନଷ୍ଟିଚ୍ୟୁଟ୍ ଫର୍ ହ୍ୟୁମାନ୍ ଡେଭେଲପମେଣ୍ଟ ପକ୍ଷରୁ ମିଳିତ ଭାବେ ପ୍ରକାଶିତ 'ଇଣ୍ଡିଆ ଏମ୍ପ୍ଲୟମେଣ୍ଟ ରିପୋର୍ଟ ୨୦୨୪' ଅନୁଯାୟୀ, ମହିଳାମାନଙ୍କ କ୍ଷେତ୍ରରେ ନିଯୁକ୍ତିର ଏହି ବୃଦ୍ଧି ମୁଖ୍ୟତଃ କୃଷି କ୍ଷେତ୍ରରେ ହିଁ ହୋଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ପରିବାରର ବିନା ପାରିଶ୍ରମିକପ୍ରାପ୍ତ ସହାୟକ (ଅନପେଡ୍ ଫ୍ୟାମିଲି ହେଲ୍ପର୍ସ) କିମ୍ବା କ୍ଷୁଦ୍ର ଆତ୍ମନିଯୁକ୍ତ ବ୍ୟକ୍ତି । କୋଭିଡ୍ ମହାମାରୀ ସମୟରେ ଏବଂ ତା' ପରେ ସୃଷ୍ଟି ହୋଇଥିବା ଅର୍ଥନୈତିକ ସଙ୍କଟ କାରଣରୁ ଗ୍ରାମାଞ୍ଚଳରେ ପରିବାରର ଆୟ ଯଥେଷ୍ଟ କମିଯାଇଥିଲା । ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ମହିଳାମାନେ ବାଧ୍ୟ ହୋଇ କୃଷି କାର୍ଯ୍ୟରେ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ଏହାକୁ ମହିଳା ସଶକ୍ତୀକରଣ କହିବା ଅପେକ୍ଷା ଆର୍ଥିକ ଦୁର୍ଦ୍ଦଶା ଯୋଗୁଁ ସୃଷ୍ଟି ହୋଇଥିବା ବାଧ୍ୟତାମୂଳକ ନିଯୁକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେତେବେଳେ କୌଣସି ଶ୍ରମିକ, ବିଶେଷକରି ମହିଳା, ବିନା ପାରିଶ୍ରମିକରେ ନିଜ ପରିବାରର କ୍ଷେତରେ କାମ କରନ୍ତି, ତାହା ଦେଶର ମୋଟ ଉତ୍ପାଦକତା କିମ୍ବା ବ୍ୟକ୍ତିଗତ ଆର୍ଥିକ ସ୍ୱାଧୀନତାରେ କୌଣସି ଯୋଗଦାନ ଦେଇନଥାଏ । ତେଣୁ କେବଳ ପରିସଂଖ୍ୟାନରେ ମହିଳାମାନଙ୍କ ନିଯୁକ୍ତି ହାର ବଢ଼ିବା ଏକ ପ୍ରକୃତ ଅର୍ଥନୈତିକ ବିକାଶର ସୂଚକ ହୋଇନପାରେ, ବରଂ ଏହା ଗ୍ରାମୀଣ ଅର୍ଥନୀତିର ଦୁର୍ବଳତାକୁ ପଦାରେ ପକାଉଛି ।

ଯୁବଗୋଷ୍ଠୀଙ୍କ ବେକାରୀ ସମସ୍ୟା ଭାରତୀୟ ଶ୍ରମ ବଜାରର ଆଉ ଏକ ଭୟାନକ ତଥା ଉଦବେଗଜନକ ଦିଗ । ଆଇଏଲଓ ରିପୋର୍ଟ ୨୦୨୪ ର ତଥ୍ୟ ଅନୁଯାୟୀ, ଦେଶର ମୋଟ ବେକାରଙ୍କ ମଧ୍ୟରୁ ପ୍ରାୟ ୮୩ ପ୍ରତିଶତ ହେଉଛନ୍ତି ଯୁବକ ଏବଂ ଯୁବତୀ । ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଅଶିକ୍ଷିତଙ୍କ ତୁଳନାରେ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ବେକାରୀ ହାର ସର୍ବାଧିକ ରହିଛି । ମୋଟ ବେକାର ଯୁବଗୋଷ୍ଠୀଙ୍କ ମଧ୍ୟରେ ମାଧ୍ୟମିକ କିମ୍ବା ତା'ଠାରୁ ଅଧିକ ଉଚ୍ଚଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ଅନୁପାତ ୨୦୦୦ ମସିହାରେ ୩୫.୨ ପ୍ରତିଶତ ଥିବାବେଳେ ୨୦୨୨ ସୁଦ୍ଧା ଏହା ୬୫.୭ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ତଥ୍ୟ ସ୍ପଷ୍ଟ କରୁଛି ଯେ ଆମର ଶିକ୍ଷା ବ୍ୟବସ୍ଥା ଏବଂ ଆଧୁନିକ ଶ୍ରମ ବଜାରର ଆବଶ୍ୟକତା ମଧ୍ୟରେ ଏକ ବହୁତ ବଡ଼ ବ୍ୟବଧାନ ରହିଛି । ଉଚ୍ଚଶିକ୍ଷା ଲାଭ କରିବା ପରେ ଯୁବକମାନେ ଆଶା କରୁଥିବା କାର୍ଯ୍ୟ ବା ଔପଚାରିକ ନିଯୁକ୍ତି ସେମାନଙ୍କୁ ମିଳିପାରୁନାହିଁ । ଫଳସ୍ୱରୂପ, ଅନେକ ଶିକ୍ଷିତ ଯୁବକ ଦୀର୍ଘ ଦିନ ଧରି ବେକାର ରହୁଛନ୍ତି କିମ୍ବା ବାଧ୍ୟ ହୋଇ ନିଜ ଶିକ୍ଷାଗତ ଯୋଗ୍ୟତା ଠାରୁ ଢେର କମ୍ ମାନର କାମ କରିବାକୁ ବାଧ୍ୟ ହେଉଛନ୍ତି, ଯାହାକୁ 'ଅଣ୍ଡର-ଏମ୍ପ୍ଲୟମେଣ୍ଟ' ବା ଅର୍ଦ୍ଧ-ନିଯୁକ୍ତି କୁହାଯାଏ । ଗୋଟିଏ ପଟେ ଦେଶ 'ଡେମୋଗ୍ରାଫିକ୍ ଡିଭିଡେଣ୍ଡ' ବା ଜନସାଂଖ୍ୟିକ ଲାଭାଂଶର ଫାଇଦା ଉଠାଇ ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି ହେବାକୁ ଲକ୍ଷ୍ୟ ରଖିଥିବା ବେଳେ, ଅନ୍ୟପଟେ ଯୁବଶକ୍ତିର ଏଭଳି ବ୍ୟାପକ ଅପଚୟ ଦେଶର ଭବିଷ୍ୟତ ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉପଯୁକ୍ତ ନିଯୁକ୍ତିର ଅଭାବ ଯୋଗୁଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ହତାଶା ଏବଂ ଅସନ୍ତୋଷ ବୃଦ୍ଧି ପାଉଛି, ଯାହା ଆଗାମୀ ଦିନରେ ସାମାଜିକ ଅସ୍ଥିରତା ମଧ୍ୟ ସୃଷ୍ଟି କରିପାରେ ।

ଏହା ସହିତ ଆଧୁନିକ ଅର୍ଥନୀତିରେ ସୃଷ୍ଟି ହେଉଥିବା ନୂତନ ଧରଣର ନିଯୁକ୍ତି, ବିଶେଷକରି ଗିଗ୍ ଇକୋନୋମି ବା ପ୍ଲାଟଫର୍ମ ଭିତ୍ତିକ କାର୍ଯ୍ୟକୁ ମଧ୍ୟ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି । ସହରାଞ୍ଚଳରେ ଅନେକ ଯୁବକ ଫୁଡ୍ ଡେଲିଭରି, ରାଇଡ୍ ସେୟାରିଂ ଏବଂ ଇ-କମର୍ସ କ୍ଷେତ୍ରରେ କାମ କରୁଛନ୍ତି । ବାହ୍ୟ ଦୃଷ୍ଟିରୁ ଏହା ଏକ ସ୍ୱାଧୀନ ନିଯୁକ୍ତି ଭଳି ମନେହେଉଥିଲେ ମଧ୍ୟ, ବାସ୍ତବରେ ଏହି କର୍ମଚାରୀମାନେ ଅତ୍ୟନ୍ତ ଶୋଷଣର ଶିକାର ହେଉଛନ୍ତି । ସେମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ କର୍ମଚାରୀର ମାନ୍ୟତା ମିଳୁନାହିଁ, ବରଂ ସେମାନଙ୍କୁ କେବଳ 'ପାର୍ଟନର' ବୋଲି କୁହାଯାଉଛି ଯାହାଦ୍ୱାରା କମ୍ପାନୀମାନେ ଶ୍ରମ ଆଇନରୁ ଖସିଯିବାକୁ ସକ୍ଷମ ହେଉଛନ୍ତି । ଦିନକୁ ୧୨ ରୁ ୧୪ ଘଣ୍ଟା କାମ କରିବା ପରେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ସର୍ବନିମ୍ନ ମଜୁରୀ ମିଳୁନାହିଁ କିମ୍ବା ଦୁର୍ଘଟଣା ଜନିତ ବୀମା ସୁବିଧା ଉପଲବ୍ଧ ନାହିଁ । ଏହା 'ଶୋଭନୀୟ କାର୍ଯ୍ୟ'ର ସମ୍ପୂର୍ଣ୍ଣ ବିପରୀତ ଅଟେ । ସେହିପରି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ମଧ୍ୟରେ ଥିବା ନିଯୁକ୍ତିର ପ୍ରକାରଭେଦ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଗ୍ରାମାଞ୍ଚଳରେ ନିଯୁକ୍ତି ମୁଖ୍ୟତଃ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏ) ଏବଂ କୃଷି ଉପରେ ନିର୍ଭରଶୀଳ ହୋଇଥିବା ବେଳେ, ସହରାଞ୍ଚଳରେ ଥିବା ନିଯୁକ୍ତି ମୁଖ୍ୟତଃ ଅଣଆନୁଷ୍ଠାନିକ ସେବା କ୍ଷେତ୍ରରେ ସୀମିତ ରହିଛି । ଏଭଳି ଅସମାନ ବିକାଶ ଏବଂ ନିମ୍ନ ମାନର ନିଯୁକ୍ତି ସୁଯୋଗ କାରଣରୁ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ହେଉଥିବା ସ୍ଥାନାନ୍ତରଣ ମଧ୍ୟ ଆଶାନୁରୂପ ଫଳପ୍ରଦ ହୋଇପାରୁନାହିଁ । ଲୋକମାନେ ଗାଁର ଦାରିଦ୍ର୍ୟରୁ ଖସି ଆସି ସହରର ବସ୍ତି ଅଞ୍ଚଳରେ ଆଉ ଏକ ପ୍ରକାରର ଦାରିଦ୍ର୍ୟ ଭିତରେ ଫସିଯାଉଛନ୍ତି । ଏହି ପରିସ୍ଥିତି ପ୍ରମାଣ କରୁଛି ଯେ ଆମର ଅର୍ଥନୈତିକ ମଡେଲ୍ କେବଳ ପୁଞ୍ଜିପତିମାନଙ୍କ ପାଇଁ ସମ୍ପତ୍ତି ସୃଷ୍ଟି କରୁଛି, କିନ୍ତୁ ସାଧାରଣ ଶ୍ରମିକମାନଙ୍କ ପାଇଁ ସମ୍ମାନଜନକ ଜୀବିକା ନିର୍ବାହର ବାଟ ତିଆରି କରିବାରେ ବିଫଳ ହୋଇଛି ।

ନିମ୍ନ ମାନର ନିଯୁକ୍ତି କିମ୍ବା ଶୋଭନୀୟ କାର୍ଯ୍ୟର ଅଭାବ କେବଳ ଶ୍ରମିକମାନଙ୍କ ବ୍ୟକ୍ତିଗତ ଜୀବନ ପାଇଁ ନୁହେଁ, ବରଂ ସାମଗ୍ରିକ ଅର୍ଥନୀତି ପାଇଁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହେଉଛି । ଯେତେବେଳେ ବହୁସଂଖ୍ୟକ ଶ୍ରମିକ ଅଣଆନୁଷ୍ଠାନିକ କ୍ଷେତ୍ରରେ ବିନା କୌଣସି ସାମାଜିକ ନିରାପତ୍ତାରେ, ଯେପରିକି ପ୍ରୋଭିଡେଣ୍ଟ ଫଣ୍ଡ, ସ୍ୱାସ୍ଥ୍ୟ ବୀମା, ଦରମା ସହିତ ଛୁଟି ଏବଂ ପେନସନ୍ ଇତ୍ୟାଦି ବିନା କାମ କରନ୍ତି, ସେତେବେଳେ ସେମାନଙ୍କର ଆର୍ଥିକ ସ୍ଥିତି ସର୍ବଦା ଦୁର୍ବଳ ଏବଂ ଅସ୍ଥିର ରହିଥାଏ । ଭବିଷ୍ୟତର ଅନିଶ୍ଚିତତା କାରଣରୁ ଏହି ଶ୍ରମିକମାନେ ବଜାରରେ ଅଧିକ ଖର୍ଚ୍ଚ କରିବାକୁ କୁଣ୍ଠାବୋଧ କରନ୍ତି ଏବଂ ସେମାନଙ୍କର ସଞ୍ଚୟ ମଧ୍ୟ ସୀମିତ ହୋଇଯାଏ । ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା ଆର୍ଥିକ ମାନ୍ଦାବସ୍ଥା ଭଳି କୌଣସି ଛୋଟ ଅର୍ଥନୈତିକ ଝଟକା ଆସିଲେ ସେମାନେ ସମ୍ପୂର୍ଣ୍ଣ ରୂପେ ଋଣଯନ୍ତାରେ ପଡ଼ିଯାଆନ୍ତି । ଏହାର ସିଧାସଳଖ ନକାରାତ୍ମକ ପ୍ରଭାବ ଦେଶର ସାମଗ୍ରିକ ଉପଭୋକ୍ତା ଚାହିଦା ଉପରେ ପଡ଼ିଥାଏ । ବଜାରରେ ଜିନିଷପତ୍ରର ଚାହିଦା ନବଢ଼ିଲେ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇବ ନାହିଁ, ଏବଂ ଉତ୍ପାଦନ ନବଢ଼ିଲେ ନୂଆ ନିଯୁକ୍ତି ସୃଷ୍ଟି ହେବ ନାହିଁ । ଏହା ଏକ ବିଷମ ଚକ୍ରବ୍ୟୁହ ଭଳି କାମ କରେ, ଯାହା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ମନ୍ଥର କରିଦିଏ । ଏହାଛଡ଼ା, ଅର୍ଥନୈତିକ ବିକାଶର ସାଧାରଣ ନିୟମ ଅନୁଯାୟୀ, ଶ୍ରମିକମାନେ ଧୀରେ ଧୀରେ କୃଷି କ୍ଷେତ୍ରରୁ ବାହାରି ଉଚ୍ଚ ଉତ୍ପାଦକତା ବିଶିଷ୍ଟ ଶିଳ୍ପ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ପାଇବା କଥା । କିନ୍ତୁ ଭାରତରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି, ଯେଉଁଠାରେ ଲୋକମାନେ ଶିଳ୍ପ କ୍ଷେତ୍ରରେ ଉପଯୁକ୍ତ କାମ ନପାଇ ପୁଣି କୃଷି କ୍ଷେତ୍ରକୁ ଫେରୁଛନ୍ତି । ଏହା ଦେଶର ଗଠନମୂଳକ ରୂପାନ୍ତରଣ (ଷ୍ଟ୍ରକ୍‌ଚରାଲ୍ ଟ୍ରାନ୍ସଫର୍ମେସନ୍) ପ୍ରକ୍ରିୟା ବିଫଳ ହେବାର ସୂଚନା ଦେଉଛି ।

ଏହି ଜଟିଳ ତଥା ସଙ୍କଟଜନକ ପରିସ୍ଥିତିରୁ ମୁକୁଳିବା ପାଇଁ ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏକ ବହୁମୁଖୀ ତଥା ଦୂରଦୃଷ୍ଟିସମ୍ପନ୍ନ ରଣନୀତି ଆପଣେଇବାକୁ ପଡ଼ିବ । ବର୍ତ୍ତମାନ ସମୟରେ କେବଳ ନିଯୁକ୍ତିର ସଂଖ୍ୟା ବା ପରିସଂଖ୍ୟାନ ବୃଦ୍ଧି ଉପରେ ଗୁରୁତ୍ୱ ନଦେଇ ନିଯୁକ୍ତିର ଗୁଣବତ୍ତା ବୃଦ୍ଧି ଦିଗରେ ଦୃଢ଼ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ପ୍ରଥମତଃ, ଦେଶରେ ଉତ୍ପାଦନ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବାକୁ ହେବ, ଯାହାଦ୍ୱାରା ବହୁସଂଖ୍ୟକ ଅଣକୁଶଳୀ ଏବଂ ଅର୍ଦ୍ଧ-କୁଶଳୀ ଶ୍ରମିକମାନଙ୍କୁ ଔପଚାରିକ ତଥା ସୁରକ୍ଷିତ ନିଯୁକ୍ତି ମିଳିପାରିବ । ଶ୍ରମ-ଆଧାରିତ ଶିଳ୍ପ ଯେପରିକି ବସ୍ତ୍ର ନିର୍ମାଣ, ଚମଡ଼ା ଶିଳ୍ପ, ଖେଳଣା ଉତ୍ପାଦନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଏବଂ ଟିକସ ରିହାତି ଦେବାର ଆବଶ୍ୟକତା ରହିଛି । ଦ୍ୱିତୀୟତଃ, ଅଣଆନୁଷ୍ଠାନିକ କ୍ଷେତ୍ରରେ କାମ କରୁଥିବା କୋଟି କୋଟି ଶ୍ରମିକ, ଗିଗ୍ ୱାର୍କର୍ସ ଏବଂ କୃଷି ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ପାଇଁ ବ୍ୟାପକ ଆଇନଗତ ବ୍ୟବସ୍ଥା କରାଯିବା ଉଚିତ୍ । ଇ-ଶ୍ରମ ପୋର୍ଟାଲ୍ ଭଳି ପଦକ୍ଷେପ ଏ ଦିଗରେ ଏକ ଭଲ ଆରମ୍ଭ ହୋଇଥିଲେ ମଧ୍ୟ ଏହାକୁ ଅଧିକ କାର୍ଯ୍ୟକ୍ଷମ ଏବଂ ଫଳପ୍ରଦ କରିବାକୁ ପଡ଼ିବ ଯାହାଦ୍ୱାରା ପଞ୍ଜୀକୃତ ଶ୍ରମିକମାନେ ପ୍ରକୃତରେ ସ୍ୱାସ୍ଥ୍ୟ ଏବଂ ପେନସନ୍ ସୁବିଧା ପାଇପାରିବେ । ତୃତୀୟତଃ, ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣି ବୈଷୟିକ ଏବଂ ବୃତ୍ତିଗତ ତାଲିମକୁ ଅଧିକ ପ୍ରାଧାନ୍ୟ ଦେବାକୁ ପଡ଼ିବ, ଯାହାଦ୍ୱାରା ଶିକ୍ଷିତ ଯୁବକମାନେ ଶିଳ୍ପ ସଂସ୍ଥାଗୁଡ଼ିକର ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବେ । ଶେଷରେ, ମହିଳାମାନଙ୍କୁ କେବଳ କୃଷି କ୍ଷେତ୍ରରେ ସୀମିତ ନରଖି ସେମାନଙ୍କୁ ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ରରେ ସାମିଲ କରିବା ପାଇଁ ସୁରକ୍ଷିତ କର୍ମକ୍ଷେତ୍ର ଏବଂ ସମାନ ପାରିଶ୍ରମିକ ସୁନିଶ୍ଚିତ କରିବାକୁ ହେବ । ଯଦି ଭାରତ ପ୍ରକୃତରେ ନିଜର ବିଶାଳ ଜନସଂଖ୍ୟାକୁ ଏକ ସମ୍ବଳରେ ପରିଣତ କରିବାକୁ ଚାହୁଁଛି, ତେବେ ଏହାକୁ ନିଜର ଶ୍ରମଶକ୍ତି ପାଇଁ କେବଳ କାମନୁହେଁ, ବରଂ ସମ୍ମାନଜନକ କାମଯୋଗାଇଦେବାକୁ ପଡ଼ିବ ।



# ଖାଦ୍ୟର ମୂଲ୍ୟ ତା'ର ଶୁଦ୍ଧତା ଓ ନିରାପତ୍ତାରେ ନିହିତ ଥାଏ

ସୁବ୍ରତ କୁମାର ଦାସ

ଖାଦ୍ୟ ଆମ ଜୀବନର ଆଧାର ଅଟେ। ମାତ୍ର ଆଜି ବଜାରର ଅସାଧୁ ବ୍ୟବସାୟିକ ପ୍ରବୃତ୍ତି ଯୋଗୁଁ ଜୀବନ ଏକ ଗମ୍ଭୀର ପ୍ରଶ୍ନର ସମ୍ମୁଖୀନ ହୋଇଛି। ଯେଉଁ ଖାଦ୍ୟ ଆମକୁ ବଞ୍ଚାଇବା କଥା, ସେହି ଖାଦ୍ୟ ଯଦି ଅପମିଶ୍ରଣର ଶିକାର ହୁଏ, ତେବେ ଏହା କେବଳ ଖାଉଟିଙ୍କୁ ଠକିବା ନୁହେଁ; ଏହା ମାନବ ଜୀବନ ସହ ଖେଳ ଅଟେ।

ସକାଳର ଚା' ରୁ ଆରମ୍ଭ କରି ରାତିର ଭୋଜନ ପର୍ଯ୍ୟନ୍ତ—ଆମ ଦୈନନ୍ଦିନ ଜୀବନ ଖାଦ୍ୟ ବିନା ଚିନ୍ତା କରାଯାଇ ପାରେ ନାହିଁ। କିନ୍ତୁ ଆଜି ପ୍ରଶ୍ନ ହେଉଛି, ଆମେ ଯାହା ଖାଉଛୁ ତାହା ପ୍ରକୃତରେ କେତେ ନିରାପଦ ? ଆକର୍ଷଣୀୟ ରଙ୍ଗ, ମନମୁଗ୍ଧକାରୀ ଗନ୍ଧ ଓ ଲୋଭନୀୟ ସ୍ୱାଦ ଦେଖି ଆମେ ଖାଦ୍ୟକୁ ଭଲ ବୋଲି ଗ୍ରହଣ କରୁଛୁ। କିନ୍ତୁ ସେହି ଆକର୍ଷଣର ଆଢୁଆଳରେ ଯଦି ନିମ୍ନମାନର ଉପାଦାନ, ଅନୁଚିତ ରାସାୟନିକ ପଦାର୍ଥ କିମ୍ବା ନକଲି ସାମଗ୍ରୀ ଲୁଚିଥାଏ, ତେବେ ଆମ ଥାଳି ନିରାପଦ ନୁହେଁ। ଆଜି ବଜାରରେ କ୍ଷୀର, ପନିର, ଛେନା, ଘିଅ, ମିଠା, ମସଲା, ତେଲ, ଡାଲି, ମହୁ ।ଆଦି ବିଭିନ୍ନ ଖାଦ୍ୟ ସାମଗ୍ରୀରେ ଅପମିଶ୍ରଣର ଅଭିଯୋଗ ସମୟ ସମୟରେ ସାମ୍ନାକୁ ଆସୁଛି। ଫଳ ଓ ପନିପରିବାକୁ ତାଜା ଓ ଆକର୍ଷଣୀୟ ଦେଖାଇବାର ଅନୁଚିତ ପ୍ରୟାସ ମଧ୍ୟ ଚିନ୍ତାର ବିଷୟ। ଖାଦ୍ୟର ପ୍ରାକୃତିକ ଗୁଣକୁ ଅବହେଳା କରି କେବଳ ସୁନ୍ଦର ଦେଖାଯିବା, ରୁଚି ଓ ଲାଭକୁ ପ୍ରାଧାନ୍ୟ ଦେବା ଧାରା ଶେଷ ପର୍ଯ୍ୟନ୍ତ ଖାଉଟିଙ୍କ ସ୍ୱାସ୍ଥ୍ୟ ପାଇଁ ମହଙ୍ଗା ପଡ଼ିପାରେ।

ଅପମିଶ୍ରିତ ଖାଦ୍ୟର ସବୁଠାରୁ ବଡ଼ ବିପଦ ହେଉଛି—ତାହାର କ୍ଷତି ସବୁବେଳେ ତୁରନ୍ତ ଦେଖାଯାଏ ନାହିଁ। କେତେକ ଦୂଷିତ ଖାଦ୍ୟ ତୁରନ୍ତ ଖାଦ୍ୟ ବିଷକ୍ରିୟାର କାରଣ ହୋଇପାରେ; ଆଉ କେତେକ ଅନୁଚିତ ପଦାର୍ଥର ଦୀର୍ଘକାଳୀନ ସେବନ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ପ୍ରଭାବ ପକାଇପାରେ। ବିଶେଷକରି ଶିଶୁ, ବୃଦ୍ଧ ଓ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ନିରାପଦ ଖାଦ୍ୟର ଗୁରୁତ୍ୱ ଅଧିକ। ତେଣୁ ଅପମିଶ୍ରଣକୁ କେବଳ ବ୍ୟବସାୟର ଅନିୟମିତତା ଭାବେ ଦେଖିବା ଯଥେଷ୍ଟ ନୁହେଁ; ଏହା ଜନସ୍ୱାସ୍ଥ୍ୟର ପ୍ରଶ୍ନ।

ଏହି ପ୍ରବୃତ୍ତି ଖାଦ୍ୟରେ ଅଟକି ରହିନାହିଁ। ନକଲି ଔଷଧ ତ ଆହୁରି ଭୟଙ୍କର ବିଷୟ। ଜଣେ ରୋଗୀ ଯେତେବେଳେ ଚିକିତ୍ସକଙ୍କ ପରାମର୍ଶରେ ଔଷଧ କିଣି ସେବନ କରନ୍ତି, ସେତେବେଳେ ତାଙ୍କର ଭରସା ଥାଏ ଯେ, ଔଷଧଟି ନିରାପଦ ଓ ମାନ ସମ୍ମତ। ଯଦି ସେହି ବିଶ୍ୱାସକୁ ନକଲି ଔଷଧ ଭାଙ୍ଗିଦିଏ, ତେବେ ତାହାର ପ୍ରଭାବ କେବଳ ଜଣେ ରୋଗୀ ଉପରେ ନୁହେଁ, ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପଡ଼େ। ସେହିପରି ଇନ୍ଧନର ଗୁଣମାନ ସହ ଖେଳ କରାଗଲେ ଗାଡ଼ି ଓ ଯନ୍ତ୍ରପାତିର କ୍ଷତି ସହିତ ଅର୍ଥନୈତିକ ହାନି ମଧ୍ୟ ହୋଇପାରେ।

ତେବେ ପ୍ରଶ୍ନ ଆସେ ଲାଭ ପାଇଁ ଜୀବନ ସହ ଖେଳ କାହିଁକି ?। ଅପମିଶ୍ରଣର ମୂଳରେ ଅନେକ ସମୟରେ ଅତିରିକ୍ତ ଲାଭର ଲୋଭ ରହିଥାଏ। କମ୍ ମୂଲ୍ୟର ଉପାଦାନ ପଦାର୍ଥ ମିଶାଇ ଅଧିକ ଦାମରେ ବିକ୍ରି କରିବା, ଉତ୍ପାଦର ଓଜନ ବଢ଼ାଇବା, ରଙ୍ଗ ଓ ସଉଖିନ ଭଳି ଦିଶିବାରେ ଆକର୍ଷଣୀୟ କରିବା କିମ୍ବା ମିଆଦ ବଢ଼ାଇବାର ଚେଷ୍ଟା—ଏସବୁ ଯଦି ଖାଦ୍ୟ ସୁରକ୍ଷା ନିୟମକୁ ଉଲ୍ଲଂଘନ କରେ, ତେବେ ଏହାର ମୂଲ୍ୟ ଶେଷରେ ଖାଉଟିଙ୍କୁ ଦେବାକୁ ପଡ଼େ। କିନ୍ତୁ ଏଠାରେ କେବଳ ବ୍ୟବସାୟୀଙ୍କ ଦାୟିତ୍ୱ ନୁହେଁ। ଯେଉଁଠାରେ ଅପମିଶ୍ରଣ ରହିଛି, ସେଠାରେ ନିୟମିତ ଯାଞ୍ଚ, ପ୍ରଭାବଶାଳୀ ନିରୀକ୍ଷଣ ଓ ତ୍ୱରିତ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆବଶ୍ୟକ। ଖାଦ୍ୟ ନମୁନା ସଂଗ୍ରହ, ପରୀକ୍ଷାଗାର ଯାଞ୍ଚ, ନିୟମ ଉଲ୍ଲଂଘନ କାରୀଙ୍କ ବିରୋଧରେ ଦଣ୍ଡ ଏବଂ ଖାଉଟିଙ୍କ ଅଭିଯୋଗର ଶୀଘ୍ର ସମାଧାନ; ଏସବୁ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ଦରକାର।

ସଚେତନ ଖାଉଟି ହିଁ ପ୍ରଥମ ପ୍ରତିରୋଧ କରିବା ଆବଶ୍ୟକ।ଅପମିଶ୍ରଣ ବିରୋଧରେ ସରକାରୀ ନିୟନ୍ତ୍ରଣ ଯେତିକି ଜରୁରୀ, ଖାଉଟିଙ୍କ ସଚେତନତା ମଧ୍ୟ ସେତିକି ଆବଶ୍ୟକ। ପ୍ୟାକେଟ୍ ଖାଦ୍ୟ କିଣିବା ସମୟରେ ଲେବଲ, ଉତ୍ପାଦନ ଓ ମିଆଦ ତାରିଖ, ଉତ୍ପାଦକଙ୍କ ବିବରଣୀ ଏବଂ ଆବଶ୍ୟକ ମାନ୍ୟତା ଯାଞ୍ଚ କରିବା ଦରକାର। ଅସାମାନ୍ୟ ଭାବେ ଶସ୍ତା ଦାମ, ଅସ୍ୱାଭାବିକ ରଙ୍ଗ, ଗନ୍ଧ କିମ୍ବା ପ୍ୟାକେଜିଂ ଦେଖିଲେ ସତର୍କ ହେବା ଉଚିତ। ସନ୍ଦେହ ହେଲେ ଖାଦ୍ୟ ସେବନ ନକରି ଉଚିତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଆବଶ୍ୟକ।

ଆମେ ଯଦି କେବଳ ଶସ୍ତା ଓ ସୁସ୍ୱାଦୁ ଖୋଜିବା, ତେବେ ଅସାଧୁ ବ୍ୟବସାୟର ବଜାର ବଢ଼ିବ। ତା' ପରିବର୍ତ୍ତେ "ଶୁଦ୍ଧ ଓ ନିରାପଦ" ଖାଦ୍ୟ ପାଇଁ ଚାହିଦା ସୃଷ୍ଟି କରିବା ଦରକାର।

ଆମ ଖାଦ୍ୟ ଥାଳିର ନିରାପତ୍ତା ଆମ ସମସ୍ତଙ୍କ ଦାୟିତ୍ୱ। ସମୟ ଆସିଛି ଖାଦ୍ୟକୁ କେବଳ ସ୍ୱାଦର ଦୃଷ୍ଟିରେ ନୁହେଁ, ସ୍ୱାସ୍ଥ୍ୟର ଦୃଷ୍ଟିରେ ଦେଖିବାର ଆବଶ୍ୟକତା ଅଛି। ଅଧିକ ରଙ୍ଗ, ଅଧିକ ଗନ୍ଧ କିମ୍ବା ଅଧିକ ସ୍ୱାଦ ହିଁ ଭଲ ଖାଦ୍ୟର ପରିଚୟ ନୁହେଁ। ଖାଦ୍ୟର ମୂଲ୍ୟ ତାହାର ଶୁଦ୍ଧତା ଓ ନିରାପତ୍ତାରେ ନିହିତ ଥାଏ।

ସମାଜରେ ଅପମିଶ୍ରଣ ବିରୋଧରେ ଏକ ଦୃଢ଼ ସଚେତନତା ଆନ୍ଦୋଳନ ଆବଶ୍ୟକ। ସ୍କୁଲ, କଲେଜ, ବଜାର, ସ୍ୱୟଂସହାୟକ ଗୋଷ୍ଠୀ, ଗଣମାଧ୍ୟମ ଓ ସାମାଜିକ ସଂଗଠନ- ସମସ୍ତଙ୍କୁ ଏଥିରେ ଭୂମିକା ନେବାକୁ ପଡ଼ିବ। କାରଣ ଏହା କେବଳ ଖାଉଟିଙ୍କ ପ୍ରଶ୍ନ ନୁହେଁ; ଏହା ଆଗାମୀ ପିଢ଼ିର ସ୍ୱାସ୍ଥ୍ୟର ପ୍ରଶ୍ନ।

ଖାଦ୍ୟରେ ଅପମିଶ୍ରଣ ଅର୍ଥ ଥାଳିରେ ବିଷ ମିଶାଇବା। ଏହି ବିଷକୁ ରୋକିବା ପାଇଁ କେବଳ ଆଇନ ନୁହେଁ, ଆବଶ୍ୟକ ସଚେତନତା, ନିଷ୍ଠା ଓ ସାମାଜିକ ଦାୟିତ୍ୱ। ସ୍ୱାଦ କିଛି ମୁହୂର୍ତ୍ତର; କିନ୍ତୁ ସ୍ୱାସ୍ଥ୍ୟ ସାରା ଜୀବନର। ତେଣୁ ଆମ ଥାଳିରେ ଖାଦ୍ୟ ରହୁ ମାତ୍ର ବିଷ ନ ରହୁ । ତେଣୁ ଜିଭର ସ୍ୱାଦ ପାଇଁ ଯଦି ଜୀବନର ସ୍ୱାସ୍ଥ୍ୟକୁ ବାଜି ଲଗାଇବାକୁ ପଡ଼େ, ତେବେ ସେହି ସ୍ୱାଦର ମୂଲ୍ୟ ଅତ୍ୟନ୍ତ ଭାରୀ ହୋଇଯାଏ। ପରସା ଥାଳିରେ ଆମେ ସୁସ୍ୱାଦୁ ବ୍ୟଞ୍ଜନ ଚାହୁଁ, ବିଷ ନୁହେଁ। ତେବେ ଖାଦ୍ୟର ଶୁଦ୍ଧତା କେବଳ ବଜାରର ଦାୟିତ୍ୱ ନୁହେଁ ଏହା ସମାଜ, ପ୍ରଶାସନ, ବ୍ୟବସାୟୀ ଓ ପ୍ରତ୍ୟେକ ଖାଉଟିଙ୍କ ସାମୂହିକ ଦାୟିତ୍ୱ।

+ରାଜେନ୍ଦ୍ରପୁର, ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩



# ଦଳମୁକ୍ତ ଗଣତନ୍ତ୍ର : ମଦମୁକ୍ତ ପଞ୍ଚାୟତ !

ଦୀନବନ୍ଧୁ ଷଡ଼ଙ୍ଗୀ

ଗାଁ ଆମର, ପଞ୍ଚାୟତ ଆମର, ନିଷ୍ପତ୍ତି ମଧ୍ୟ ଆମର !

ଆସନ୍ତୁ, ଆଗାମୀ ପଞ୍ଚାୟତ ନିର୍ବାଚନରେ ଏକ ବାସ୍ତବ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ ପକାଇବା ।

ଗଣତନ୍ତ୍ରର ପ୍ରକୃତ ଅର୍ଥ ହେଉଛି — ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କର ଶାସନ। କିନ୍ତୁ ଆଜି ଆମେ ନିଜକୁ ପଚାରିବା ଉଚିତ ଯେ ଆମ ଗାଁର ପଞ୍ଚାୟତ ବାସ୍ତବରେ ଗ୍ରାମବାସୀଙ୍କ ଇଚ୍ଛା ଅନୁସାରେ ଚାଲୁଛି ନା ରାଜନୈତିକ ଦଳ ଓ ନେତାମାନଙ୍କ ଇଚ୍ଛା ଅନୁସାରେ ?

ପ୍ରତ୍ୟେକ ପଞ୍ଚାୟତ ନିର୍ବାଚନ ଆମକୁ ଏକ ନୂଆ ସୁଯୋଗ ଦିଏ। ଆମ ଗାଁର ବିକାଶ ପାଇଁ ଜଣେ ଯୋଗ୍ୟ, ସଚ୍ଚୋଟ, ସକ୍ରିୟ ଓ ଲୋକଙ୍କ ପ୍ରତି ଉତ୍ତରଦାୟୀ ପ୍ରତିନିଧି ବାଛିବାର ସୁଯୋଗ। କିନ୍ତୁ ଆମେ ଏହି ସୁଯୋଗକୁ କିପରି ବ୍ୟବହାର କରୁଛେ ?

୧. ଦଳୀୟ ରାଜନୀତିର ଆଖଡ଼ା ନୁହେଁ, ଗ୍ରାମର ବିକାଶ ହେଉ ପ୍ରାଥମିକତା !

ପଞ୍ଚାୟତ ନିର୍ବାଚନରେ ଦଳୀୟ ଚିହ୍ନ ଓ ଦଳୀୟ ନାମ ବା ଦଳୀୟ ବ୍ୟାନର ବ୍ୟବହାର କରିବାକୁ ବାରଣ ଥିଲେ ମଧ୍ୟ ପ୍ରଚ୍ଛଦପଟରେ ଦଳମାନେ ହିଁ ଖେଳ କରିଥାନ୍ତି । ପ୍ରାର୍ଥୀଙ୍କ ଯୋଗ୍ୟତା, ସଚ୍ଚୋଟତା ଓ ସେବା ମନୋଭାବ ଅପେକ୍ଷା ରାଜନୈତିକ ଦଳର ପରିଚୟକୁ ଅଧିକ ଗୁରୁତ୍ୱ ଦିଆଯାଏ। ଦଳୀୟ ସମର୍ଥନରେ ନିର୍ବାଚିତ ହେବା ପରେ ପ୍ରତ୍ୟେକ ପ୍ରତିନିଧି ଗ୍ରାମବାସୀଙ୍କ ଆଶା ଓ ଆବଶ୍ୟକତା ଅପେକ୍ଷା ଦଳୀୟ ନିର୍ଦ୍ଦେଶ ଓ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ହିଁ ପ୍ରାଧାନ୍ୟ ଦେଇଥାନ୍ତି। ଏପରି ସ୍ଥିତିରେ ଗ୍ରାମର ରାସ୍ତା, ପାନୀୟ ଜଳ, ନାଳନର୍ଦ୍ଦମା, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ପଛରେ ପଡ଼ିଯାଏ। ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଆସେ. କେଉଁଠି ଦୁର୍ନୀତି ହେଲେ ତା ବିରୁଦ୍ଧରେ ସ୍ୱର ଉଠାଇବାକୁ ଲୋକମାନେ ଭୟ କରନ୍ତି। କାରଣ ଦଳୀୟ ପ୍ରାର୍ଥୀ ପଛରେ ଛିଡ଼ା ହୋଇଥାନ୍ତି ତା ଦଳର ବଡ଼ ନେତା ଓ ଦଳୀୟ ଗୁଣ୍ଡା । ଅପର ପକ୍ଷରେ ପଞ୍ଚାୟତ ପକ୍ଷରୁ ସ୍ଥିରୀକୃତ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ ଏସବୁର ଭୟ ନ ଥାଏ । ୨. ଦଳୀୟ ପ୍ରାର୍ଥୀ ଜିତିଲେ ଅଧିକ କମିଶନ ଖାଏ ! କାରଣ ତା ଉପରେ ଦଳୀୟ କାର୍ଯ୍ୟକ୍ରମ କରିବାର ବୋଝ ଥିବା ସହ ଉପରେ ଥିବା ବଡ଼ ନେତାଙ୍କୁ ପୋଷିବାକୁ ହୁଏ । ଏହା ସହିତ ଜିତିଥିବା ନିର୍ବାଚନରେ ଖର୍ଚ୍ଚ କରିଥିବା ଅର୍ଥ ଅସୁଲ କରିବା ସହ ପୂର୍ବରୁ ହାରିଥିବା ନିର୍ବାଚନରେ କରିଥିବା ଖର୍ଚ୍ଚକୁ ମଧ୍ୟ ଭରଣା କରେ । ଆଗକୁ ରଖିଥିବା ବ୍ୟକ୍ତିଗତ ରାଜନୈତିକ ଆକାଂକ୍ଷା ପାଇଁ ମଧ୍ୟ ଅର୍ଥ ସଂଗ୍ରହ କରିବାରେ ଲାଗି ପଡ଼େ। ଏସବୁ ଚାପ ଭିତରେ ପଞ୍ଚାୟତ ଆଡ୍ଡା ହୋଇଯାଏ। ଗଣତନ୍ତ୍ରର ପ୍ରଥମ ପାହାଚରେ ଦୁର୍ନୀତିର ଶିଉଳି ଲାଗି ଖସଡ଼ା ହୋଇଯାଏ ।

ଅପର ପକ୍ଷରେ ସ୍ୱାଧୀନ ପ୍ରାର୍ଥୀ ଉପରେ ଏସବୁ ଚାପ ନ ଥାଏ । ନା ତାକୁ ଦଳୀୟ କାର୍ଯ୍ୟକ୍ରମ କରିବାର ଅଛି ନା କାହାକୁ ଖୁସି କରିବାର ଅଛି । କେବଳ ନିଜ ପଞ୍ଚାୟତର ବିକାଶ ଉପରେ ଧ୍ୟାନ ଦେବାର ଅଛି ।

ଆମେ ମନେ ରଖିବା ଉଚିତ ଯେ ନିର୍ବାଚନରେ ଜିତିବା ପରେ ପ୍ରତିନିଧି କୌଣସି ଦଳର ନେତା ନୁହେଁ ବରଂ ସେ ସମଗ୍ର ପଞ୍ଚାୟତର ଜନପ୍ରତିନିଧି ଭାବିବା ଉଚିତ। କିନ୍ତୁ ପ୍ରାର୍ଥୀ ଯଦି ପ୍ରଥମରୁ ଦଳୀୟ ହୁଏ ତେବେ ଏହା କେମିତି ସମ୍ଭବ ?

ତେଣୁ ଆସନ୍ତୁ, ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ପରିଚୟ ଅପେକ୍ଷା ପ୍ରାର୍ଥୀଙ୍କ ଚରିତ୍ର, ଯୋଗ୍ୟତା, ସଚ୍ଚୋଟତା, ସେବା ମନୋଭାବ ଓ କାର୍ଯ୍ୟଦକ୍ଷତାକୁ ପ୍ରାଧାନ୍ୟ ଦେବା। ଯେଉଁଠି ସମ୍ଭବ ଅଛି ସେଠାରେ ଜଣେ ଯୋଗ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କୁ ସାମୂହିକ ସମର୍ଥନ ଦେବା।

୩. ନିର୍ବାଚନ ପୂର୍ବରୁ ଏକାଠି ହେବା — ଗାଁର ଭବିଷ୍ୟତ ପାଇଁ ସଂକଳ୍ପ ନେବା।

ଆମ ଗାଁରେ ଅନେକ ଯୋଗ୍ୟ ଓ ଭଲ ଲୋକ ଅଛନ୍ତି। କେହି ସମାଜସେବା କରୁଛନ୍ତି, କେହି ଗରିବଙ୍କୁ ସାହାଯ୍ୟ କରୁଛନ୍ତି, କେହି ଗାଁର ସମସ୍ୟା ସମାଧାନ ପାଇଁ ଆଗେଇ ଆସୁଛନ୍ତି। କିନ୍ତୁ ନିର୍ବାଚନ ସମୟରେ ସେମାନେ ଅର୍ଥବଳ ଅଭାବରୁ ଦଳୀୟ ପ୍ରଭାବ ଓ ଗୋଷ୍ଠୀଗତ ରାଜନୀତିର ମୁକାବିଲା କରିପାରନ୍ତି ନାହିଁ। ଏହାର ସମାଧାନ ଆମ ନିଜ ହାତରେ ରହିଛି।

ଆଗାମୀ ପଞ୍ଚାୟତ ନିର୍ବାଚନର ଯଥେଷ୍ଟ ପୂର୍ବରୁ ପ୍ରତ୍ୟେକ ଗାଁର ସଚେତନ ନାଗରିକ, ଯୁବକ, ବରିଷ୍ଠ ବ୍ୟକ୍ତି, ମହିଳା ଓ ବୁଦ୍ଧିଜୀବୀମାନେ ଏକାଠି ବସି ଆଲୋଚନା କରନ୍ତୁ। କିଛି ସରଳ ନିଷ୍ପତ୍ତି ନିଅନ୍ତୁ : ପଞ୍ଚାୟତର ପ୍ରକୃତ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା। ନିଜ ସ୍ୱାର୍ଥ ନୁହେଁ, ଗ୍ରାମର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚିହ୍ନଟ କରିବା।

ସମସ୍ତଙ୍କ ସହମତିରେ ଜଣେ ଆଗ୍ରହୀ ପ୍ରାର୍ଥୀଙ୍କୁ ସମର୍ଥନ ଦେବା।

ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ପାଇଁ ଏକ ସ୍ୱଚ୍ଛ ଓ ସାମୂହିକ ସହଯୋଗର ବ୍ୟବସ୍ଥା କରିବା। ନିର୍ବାଚିତ ହେବା ପରେ ପ୍ରତିନିଧିଙ୍କ କାର୍ଯ୍ୟର ନିୟମିତ ସମୀକ୍ଷା କରିବା। ଏହିପରି ଭାବରେ ଆମେ ଧନବଳ ଓ ଦଳୀୟ ପ୍ରଭାବର ପ୍ରତିଯୋଗିତାକୁ ହ୍ରାସ କରି ଯୋଗ୍ୟ ଓ ସଚ୍ଚୋଟ ପ୍ରାର୍ଥୀଙ୍କୁ ଆଗକୁ ଆଣିପାରିବା।

୪. ମଦମୁକ୍ତ ପଞ୍ଚାୟତ — ସୁସ୍ଥ ପରିବାର, ସୁରକ୍ଷିତ ସମାଜ !

ପଞ୍ଚାୟତ ନିର୍ବାଚନ ସମୟରେ ମଦ ବଣ୍ଟନ, ଅର୍ଥର ପ୍ରଲୋଭନ ଓ ଅନ୍ୟାନ୍ୟ ଅନୈତିକ ଉପାୟ ମାଧ୍ୟମରେ ଭୋଟରଙ୍କୁ ପ୍ରଭାବିତ କରାଯାଏ। ଏହା ଗଣତନ୍ତ୍ରର ମର୍ଯ୍ୟାଦାକୁ କ୍ଷୁଣ୍ଣ କରେ ଏବଂ ଗ୍ରାମାଞ୍ଚଳରେ ନୂଆ ନୂଆ ମଦୁଆ ଯୁବଗୋଷ୍ଠୀ ତିଆରି କରେ । ନିର୍ବାଚନ ସରିବା ପରେ ଦଳ ବା ନେତା ଆଉ ମାଗଣା ମଦ ଦିଅନ୍ତି ନାହିଁ । ଅତଏବ ଯେଉଁ ନୂଆ ଯୁବକଟି ମଦ ନିଶାରେ ପଡ଼ିଲା ସେ ପରବର୍ତ୍ତୀ ପର୍ଯ୍ୟାୟରେ ମଦ ପିଇବା ପାଇଁ ଅନୈତିକ ରାସ୍ତାରେ ଚାଲିଯାଏ । ମଦର ପ୍ରଭାବରେ ପରିବାରର ଅର୍ଥନୀତି ନଷ୍ଟ ହୁଏ, ଘରୋଇ କଳହ ବଢ଼େ, ଯୁବପିଢ଼ିର ଭବିଷ୍ୟତ ବିପନ୍ନ ହୁଏ ଏବଂ ସମାଜରେ ଅଶାନ୍ତି ସୃଷ୍ଟି ହୁଏ ।

ଏଣୁ ଆମର ଆହ୍ୱାନ — ସାମୟିକ ମାଗଣା ମଦର ଲୋଭରେ ନିଜର ବହୁମୂଲ୍ୟ ଭୋଟକୁ ବିକ୍ରି କରନ୍ତୁ ନାହିଁ।

ଯେଉଁ ପ୍ରାର୍ଥୀ ଟଙ୍କା କିମ୍ବା ମଦ ଦେଇ ଭୋଟ କିଣିବାକୁ ଚେଷ୍ଟା କରନ୍ତି, ସେ ନିର୍ବାଚିତ ହେବା ପରେ ଲୋକଙ୍କ ସେବା କରିବେ କି ନିଜ ଖର୍ଚ୍ଚ ଉଠାଇବାକୁ ଚେଷ୍ଟା କରିବେ — ଏହା ଆମେ ନିଶ୍ଚୟ ଭାବିବା ଉଚିତ। ମଦମୁକ୍ତ ପଞ୍ଚାୟତ ଗଠନ ପାଇଁ ଗ୍ରାମବାସୀମାନେ ଏକାଠି ହୋଇ ସଚେତନତା ସୃଷ୍ଟି କରନ୍ତୁ, ମଦ ବିରୋଧୀ ଅଭିଯାନ ଚଳାନ୍ତୁ ଏବଂ ନିର୍ବାଚନ ସମୟରେ ମାଗଣା ମଦ ବଣ୍ଟନ ଓ ନିର୍ବାଚନୀ ପ୍ରଲୋଭନକୁ ପ୍ରତିରୋଧ କରନ୍ତୁ। ୫. ସ୍ୱାଧୀନ ପ୍ରାର୍ଥୀ ହେଲେ ହିଁ ସବୁ କିଛି ଠିକ୍ ହୋଇଯିବ କି ?

ଏଠାରେ ଗୋଟିଏ କଥା ସ୍ପଷ୍ଟ କରିବା ଆବଶ୍ୟକ ଯେ କେବଳ ସ୍ୱାଧୀନ ପ୍ରାର୍ଥୀ ହେଲେ ଜଣେ ବ୍ୟକ୍ତି ସଚ୍ଚୋଟ ହୋଇଯାଆନ୍ତି ନାହିଁ, ଯେପରି ସବୁ ଦଳୀୟ ପ୍ରାର୍ଥୀ ଅଯୋଗ୍ୟ ନୁହନ୍ତି। ଆମର ଲକ୍ଷ୍ୟ ହେଉଛି ଦଳୀୟ ସ୍ୱାର୍ଥ ଉପରେ ପଞ୍ଚାୟତର ସ୍ୱାର୍ଥକୁ ସ୍ଥାନ ଦେବା।

ସ୍ୱାଧୀନ ପ୍ରାର୍ଥୀଙ୍କୁ ମଧ୍ୟ ତାଙ୍କର ଯୋଗ୍ୟତା, ସଚ୍ଚୋଟତା, ସାମାଜିକ ବ୍ୟବହାର, ଆର୍ଥିକ ସ୍ୱଚ୍ଛତା ଓ ସେବା ମନୋଭାବ ଆଧାରରେ ବାଛିବା ଦରକାର। ପ୍ରାର୍ଥୀ ନିର୍ବାଚନ ପୂର୍ବରୁ ଗ୍ରାମବାସୀଙ୍କ ସମ୍ମୁଖରେ ନିଜର ବିକାଶ ଯୋଜନା ଉପସ୍ଥାପନ କରନ୍ତୁ। ନିର୍ବାଚିତ ହେବା ପରେ ପ୍ରତି ଛଅ ମାସରେ ଗ୍ରାମବାସୀଙ୍କୁ ନିଜ କାର୍ଯ୍ୟର ହିସାବ ଦିଅନ୍ତୁ। ପଞ୍ଚାୟତର ଆୟବ୍ୟୟ, ଉନ୍ନୟନ କାର୍ଯ୍ୟ ଓ ଯୋଜନାରେ ସ୍ୱଚ୍ଛତା ରକ୍ଷା କରନ୍ତୁ। ଏହା ହେଉଛି ପ୍ରକୃତ ଗଣତନ୍ତ୍ର — ଯେଉଁଠି ଜନପ୍ରତିନିଧି ଲୋକଙ୍କ ମାଲିକ ନୁହନ୍ତି, ବରଂ ଲୋକଙ୍କ ସେବକ।

୬. ଆଜିଠାରୁ ପ୍ରସ୍ତୁତି ଆରମ୍ଭ କରନ୍ତୁ — ନିର୍ବାଚନ ସମୟକୁ ଅପେକ୍ଷା କରନ୍ତୁ ନାହିଁ !

ପଞ୍ଚାୟତର ପରିବର୍ତ୍ତନ ଗୋଟିଏ ଦିନରେ ଆସିବ ନାହିଁ। ଏଥିପାଇଁ ଆବଶ୍ୟକ ସାମୂହିକ ଚିନ୍ତାଧାରା, ଦୃଢ଼ ସଂକଳ୍ପ ଓ ଆଗୁଆ ପ୍ରସ୍ତୁତି।

ପ୍ରତ୍ୟେକ ଗ୍ରାମରେ ଏକ 'ସଚେତନ ନାଗରିକ ମଞ୍ଚ' ଗଠନ କରାଯାଇ ପାରେ। ଏହି ମଞ୍ଚରେ କୌଣସି ଦଳୀୟ ପତାକା ନୁହେଁ, ବରଂ ଗ୍ରାମର ସାମୂହିକ ହିତକୁ ପ୍ରାଧାନ୍ୟ ଦିଆଯାଉ।

ଏହି ମଞ୍ଚର କାର୍ଯ୍ୟ ହେବ: (କ) ଗାଁର ପ୍ରମୁଖ ସମସ୍ୟାଗୁଡ଼ିକର ତାଲିକା ପ୍ରସ୍ତୁତ କରିବା। (ଖ) ସମସ୍ତ ଯୋଗ୍ୟ ପ୍ରାର୍ଥୀଙ୍କ ବିଷୟରେ ନିରପେକ୍ଷ ଆଲୋଚନା କରିବା। (ଗ) ଏକମତରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ସମର୍ଥନ ଦେବା। (ଘ) ନିର୍ବାଚନୀ ପ୍ରଚାର ପାଇଁ ଛୋଟ ଛୋଟ ସ୍ୱେଚ୍ଛାକୃତ ଅବଦାନରେ ଏକ ପାଣ୍ଠି ଗଠନ କରିବା ଏବଂ ସମସ୍ତ ଖର୍ଚ୍ଚର ହିସାବ ରଖିବା। (ଙ) ଜାତି, ଧର୍ମ, ଦଳ, ଗୋଷ୍ଠୀ ଓ ବ୍ୟକ୍ତିଗତ ଶତ୍ରୁତାରୁ ଊର୍ଦ୍ଧ୍ୱରେ ରହି ଗ୍ରାମର ଏକତା ବଜାୟ ରଖିବା। (ଚ) ନିର୍ବାଚିତ ପ୍ରତିନିଧିଙ୍କୁ ନିୟମିତ ଭାବେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ କରିବା। ଏପରି ଉଦ୍ୟମ ଦ୍ୱାରା ଆମେ ନିର୍ବାଚନକୁ କେବଳ କ୍ଷମତା ହାସଲର ମାଧ୍ୟମ ନ କରି ଗ୍ରାମର ଭବିଷ୍ୟତ ନିର୍ମାଣର ଏକ ଗଣତାନ୍ତ୍ରିକ ଅଭିଯାନରେ ପରିଣତ କରିପାରିବା। ଆସନ୍ତୁ, ଏକ ସ୍ୱତନ୍ତ୍ର ଗ୍ରାମୀଣ ଗଣତନ୍ତ୍ର ଗଢ଼ିବା ଯେଉଁଠି ଗଣତନ୍ତ୍ରର ନିକଟତମ ପ୍ରତିନିଧି ଆମ ପାଖରେ ଏବଂ ଆମ ସହିତ ଥିବେ ।

ପାଞ୍ଚ ବର୍ଷରେ ଥରେ ଭୋଟ ଦେଇଦେଲେ ଆମର କର୍ତ୍ତବ୍ୟ ଶେଷ ହୋଇଯାଏ ନାହିଁ କି ଗଣତନ୍ତ୍ର ସଫଳ ହୁଏ ନାହିଁ । ଆମେ ଯଦି ନିଜ ପଞ୍ଚାୟତର ଭାଗ୍ୟ ବଦଳାଇବାକୁ ଚାହୁଁଛୁ, ତେବେ ଆମକୁ ଆଜିଠାରୁ ସଚେତନ ହେବାକୁ ପଡ଼ିବ।

ଅନ୍ୟମାନେ ଆମ ଗାଁର ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ଅପେକ୍ଷା କରିବା ନାହିଁ। ଆମେ ନିଜେ ହିଁ ଆମ ଗାଁର ଭବିଷ୍ୟତ ଗଢ଼ିବା।

ଆମର ଭୋଟ ବିକ୍ରି ପାଇଁ ନୁହେଁ, ପରିବର୍ତ୍ତନ ପାଇଁ। ଆମର ପଞ୍ଚାୟତ କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ, ଏହା ସମଗ୍ର ଗ୍ରାମବାସୀଙ୍କର। ଆମର ଜନପ୍ରତିନିଧି କାହାର ଅନୁଗତ ନୁହେଁ, ସେ ହେବେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ।

ଆଜି ଆମେ ଏକାଠି ହେଲେ, ଆସନ୍ତାକାଲି ଆମ ଗାଁ ପରିସ୍ଥିତି ବଦଳିବ, ଆମ ପଞ୍ଚାୟତ ସୁଦୃଢ଼ ହେବ। ଆମେ ସଚେତନ ହେଲେ, ଆମ ଗଣତନ୍ତ୍ର ବଞ୍ଚିବ।

ଆସନ୍ତୁ, ଏ ପଞ୍ଚାୟତ ନିର୍ବାଚନରେ ଏକ ନୂଆ ସଂକଳ୍ପ ନେବା। ଦଳମୁକ୍ତ ଚିନ୍ତାଧାରା — ଦୁର୍ନୀତିମୁକ୍ତ ପଞ୍ଚାୟତ !

ମଦମୁକ୍ତ ସମାଜ — ସଚେତନ ଭୋଟର ! ଯୋଗ୍ୟ ପ୍ରାର୍ଥୀ — ସ୍ୱଚ୍ଛ ଶାସନ ! ଗାଁର ଏକତା — ଗାଁର ବିକାଶ ! ଆମ ପଞ୍ଚାୟତ, ଆମ ଅଧିକାର, ଆମ ଦାୟିତ୍ୱ ! ଆସନ୍ତୁ, ନିର୍ବାଚନ ପୂର୍ବରୁ ଏକାଠି ହେବା। ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚିହ୍ନଟ କରିବା। ତାଙ୍କୁ ସମର୍ଥନ ଦେବା ଏବଂ ନିଜ ଗାଁରେ ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠା କରିବା।

+ ପୂର୍ବ-ନୌସୈନିକ
ଭୁବନେଶ୍ୱର,
ମୋ : ୯୧୨୪୩୬୧୫୬୬

କବିତା କୋଣାର୍କ

## ବିଶ୍ୱାସର ପକ୍ଷୀ

ବସନ୍ତ କୁମାର ପ୍ରଧାନ



ବିଶ୍ୱାସ ପକ୍ଷୀର ଡେଣା
ଅବିଶ୍ୱାସ କୁଠାରରେ
ଛେଦି ଦିଅ ନାହିଁ,
ଡେଣା ଛାଟି ଉଡ଼ି ପାରିବ କି
ଗଳାରେ ପଥର ମାଳ
ଦେଲେଟି ଲମ୍ବାଇ ?

ବିଶ୍ୱାସର ଉଚ୍ଛ୍ୱାସରେ
ଘାସଟିଏ ବଢ଼ିପାରେ
ପଥର ସନ୍ଧିରୁ
ଭଗବାନ ଆବିର୍ଭାବ ହୁଏ
ବିଶ୍ୱାସରେ ପଥର ଖମ୍ବରୁ।

ବିଶ୍ୱାସ ଅକ୍ଷୟ ବୀଜ
ପତ୍ର ମେଲି ବଢ଼ିପାରେ ପଲ୍ଲବିତ ହୋଇ
ବାଧା ବିଘ୍ନ ଯେତେ ଆସିଲେ ବି
ଆଗକୁ ଆଗକୁ ବଢ଼ିଚାଲେ
ବିଶ୍ୱାସର ନଈ।

ବିଷ ବି ଅମୃତ ହୁଏ ବିଶ୍ୱାସ ବଳରେ
ସମ୍ପର୍କର ସେତୁ ହୋଇ
ନାନା ସମ୍ଭାବନାକୁ ଅଙ୍କୁରୋଦ୍
ଗମ କରେ।
ଅବିଶ୍ୱାସ ମହମବତୀ

ଜଳି ଜଳି ହୁଅଇ ନିଃଶେଷ
ତାସ ଘର ପରି ଟଳି ପଡ଼ିଥାଏ
ଡାକି ଆଣେ ନିଜ ସର୍ବନାଶ ।

ଅବିଶ୍ୱାସ ଅମା ଅନ୍ଧକାର
ବିଶ୍ୱାସ ହିଁ ଚହଟ ଚାନ୍ଦିନୀ
ଜଣେ ସତୀ ଶିରୋମଣି
ଆଉ ଜଣେ ଅଟେ ଦୋଚାରୁଣୀ


ବିଶ୍ୱାସ କଠିନ ଶିଳା
ଅବିଶ୍ୱାସ ଅଟେ ଚୋରାବାଲି
ବହୁ ଦୂର ଚାଲିଯାଏ ଅନ୍ୟଠାରୁ ସେହି।

ବିଶ୍ୱାସ ପକ୍ଷୀର ସ୍ୱର ବହୁତ ମଧୁର
ସଭିଙ୍କୁ ସେ ପାରେ ଆପଣେଇ,
ବିଶ୍ୱାସର ସବୁଜ ସୁଷମାରେ
ଆସ ଆମେ ନିଜକୁ
ଦେବାଟି ହଜାଇ ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

## ବତା ବାଡ଼ର ବୁଢ଼ାଜହ୍ନି

ସ୍ୱାଗତ ମିଶ୍ର



ବତା ବାଡ଼ର ବୁଢ଼ାଜହ୍ନି
ପିଲାଦିନେ ମୁଁ ଶୁଣିଥିଲି
ଆଇମା କହୁଥିଲା
କୁଆଁର ପୁନେଇଁ ଓଷା
ଜଲଦି ସାରିଦେବାକୁ,
ବେଳ ଯଦି ଉଛୁର ହେବ
ବୟସ ଗଡ଼ିଯିବ ପଛେ
ତତେ ଆଉ ବର ମିଳିବନି
ଯଦି କେହି ଗୋଟେ କୁଟିଲା
ବାହା ହେବାକୁ ପଡ଼ିବ ବୁଢ଼ା ବରକୁ।

କୁଆଁର ପୁନେଇଁ ସରିଗଲା
ଝାଉଁଳି ପଡ଼ିଲା ଜହ୍ନିଫୁଲ
ପତ୍ରର ରଙ୍ଗ ଉଡ଼ିଗଲା,
ରାତିର ବଢ଼ିଲା ବୟସ
ଆକାଶର ଜହ୍ନ ବୁଢ଼ା ହେଇଗଲା ।
ଯୌବନରେ ମନର ମଣିଷ
ରାଣ ପକେଇ କହିଥିଲା
ଶରୀର କାକର ପଡ଼ିବା ଆଗରୁ
ବାଡ଼ିରୁ ତୋଳି ନେଇଯିବ ତା' ଘରକୁ,
ସତେଇଶି ଶରତ ସରିଗଲା ସିନା
ହେଲେ ସେ ମତେ ତୋଳିନେଲା ନାହିଁ
ବତା ବାଡ଼ର ବୁଢ଼ାଜହ୍ନି ପରି
ଏବେ ମୁଁ ଝୁଲି ରହିଛି ପ୍ରତୀକ୍ଷାରେ
ତା' ଆସିବା ବାଟକୁ ।

+ନୟାଗଡ଼

# କବିତାମାଳା

୫ ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୩ ନଭେମ୍ବର ୨୦୨୬, ମଙ্গଳବାର

## ଜୀବନ ଏକ ଯନ୍ତ୍ରଣା

ପର୍ଶୁରାମ ଦାସ



ଜୀବନ ଏଠି ଯନ୍ତ୍ରଣାର
ଜୁଇରେ ପ୍ରତିଦିନ ଲୋଟୁଛି,
ଭାଗ୍ୟ ଓ କର୍ମର ତାସଘର
ସତେ ଯେମିତି ତାଜମହଲ ପରି
ଭୁଶୁଡ଼ି ପଡ଼ିଛି...
ତଥାପି ବଞ୍ଚିବାର ସଂଘର୍ଷ କରୁଥିବା
ସନିଆ ଭାଇ
ଆଜି ବି ସ୍ୱପ୍ନ ବୁଣେ କୃତ୍ରିମ ଇନ୍ଦ୍ରଜାଲର
ମାୟାବୀ ବନ୍ଧନ ଭିତରେ।

ଅର୍ଥ, ସମ୍ପର୍କ ଓ ପ୍ରତିଷ୍ଠା ପାଇଁ
ଢେର ରକ୍ତପାତ ଓ ଯୁଦ୍ଧ
ନିଜ ଆତ୍ମୀୟ, ନିଜ ସହୋଦର ଭିତରେ...
ଯେମିତି ସେଦିନ ଘଟିଥିଲା
ମହାଭାରତର ରଣଭୂମିରେ,
ପାଣ୍ଡବ ଓ କୌରବଙ୍କ ମଧ୍ୟରେ
ଏକଇ ଭୂମି ପାଇଁ
ସମ୍ପର୍କ ହୋଇଥିଲା ରକ୍ତାକ୍ତ।

ଆଜି ବି ସେଇ ଯୁଦ୍ଧ...
କେବଳ ରଥ ବଦଳିଛି,
ଅସ୍ତ୍ର ବଦଳିଛି,
ବଦଳିଛି ଯୁଦ୍ଧର ମୁହଁ।
କେଉଁଠି ହସ ତଳେ ଲୁଚିଛି ଛୁରି,
କେଉଁଠି ଆତ୍ମୀୟତାର ଆଢୁଆଳରେ
ସ୍ୱାର୍ଥର ଦୁର୍ଯ୍ୟୋଧନ।

ସମୟର ହାଟରେ
ମଣିଷ ଏବେ ମଣିଷକୁ ମାପେ
ଧନ, ପଦ ଓ ପ୍ରତିଷ୍ଠାର ତରାଜୁରେ;
ସ୍ନେହର ମୂଲ୍ୟ କମିଯାଏ,
ସମ୍ପର୍କର ଦାମ ବଢ଼ିଯାଏ।
ଯେଉଁ ଘରେ କେବେ
ଗୋଟିଏ ଥାଳିରେ ଭାଗ ହେଉଥିଲା ଭାତ,
ସେଇ ଘରେ ଆଜି
ସମ୍ପତ୍ତିର ସୀମାରେଖା
ଭାଗ କରିଦିଏ ରକ୍ତର ସମ୍ପର୍କ।

ତଥାପି ସନିଆ ଭାଇ ହାର ମାନେନାହିଁ...
ଭଙ୍ଗା ଛାତ ତଳେ
ଆକାଶର ସ୍ୱପ୍ନ ଦେଖେ,
ଖାଲି ପକେଟରେ
ଆସନ୍ତାକାଲିର ଆଶା ରଖେ।
କାରଣ ଜୀବନ
କେବଳ ଯନ୍ତ୍ରଣାର ନାମ ନୁହେଁ,
ଯନ୍ତ୍ରଣା ମଧ୍ୟରୁ ବଞ୍ଚିବାର ଅର୍ଥ ଖୋଜିବାର
ଏକ ଅଦମ୍ୟ ଅଭିଳାଷ।

ହୁଏତ ଏଇ ଜୀବନ ବାରମ୍ବାର ଭାଙ୍ଗିବ,
ସ୍ୱପ୍ନଗୁଡ଼ିକ କାଚ ପରି ଚୂର୍ଣ୍ଣ ହେବ;
ତଥାପି ମଣିଷ
ପୁଣି ମୁଠାଏ ଆଲୋକ ଧରି
ଅନ୍ଧାର ବିରୋଧରେ ଠିଆ ହେବ।

କାରଣ...
ଜୀବନ ଏକ ଯନ୍ତ୍ରଣା, ତଥାପି ତା' ଭିତରେ
ବଞ୍ଚିବାର ଯେଉଁ ଅଦମ୍ୟ ଆକାଂକ୍ଷା,
ସେଇ ତ ମଣିଷର
ସବୁଠାରୁ ବଡ଼ ବିଜୟ।

+ ଭୋଗରାଇ, ବାଲେଶ୍ୱର -୭୫୬୦୩୬
(ମୋ) ୯୩୪୮୬୯୭୪୦୪

## ବୋଉର ଶାଢି

ମିଲନ କୁମାର ମିଶ୍ର (ଭରଦ୍ୱାଜ)



ଆଲମାରିର ଅନ୍ଧାର କୋଣରେ
ଏବେ ବି ଶୋଇଛି ବୋଉର ଶାଢି,
ଯେମିତି ଶ୍ରାବଣ ଶେଷର
ଓଦା ମାଟି ତଳେ ଶୋଇଥିବା
ମୁଠାଏ ଅମର ସ୍ମୃତି ।
ତା'ର ଭାଙ୍ଗରେ ଭାଙ୍ଗରେ
ଅଟକି ରହିଛି ହଳଦୀର ବାସ୍ନା,
ପୂଜାଘରର ଦୀପଧୂଆଁ,
ଆଉରୋଷେଇଘରୁ ଭାସି ଆସୁଥିବା
ଗରମ ଭାତର ଆତ୍ମୀୟ ମହକ ।

ପଣତର କୋଣରେ ବୋଧହୁଏ
ବନ୍ଧା ହୋଇ ରହିଛି
ମୋ ପିଲାଦିନର କେତେ ଅଳିଅର୍ଦ୍ଧଳି ।

ସେଇ ପଣତ ତଳେ
କେତେ ଝଡ଼ ଯେ ଶାନ୍ତ ହୋଇଛି,
କେତେ ଲୁହ ଶୁଖିଛି, କାହାକୁ ଜଣାନାହିଁ ।
ଆଜି ଆଖିରେ ଲୁହ ଆସିଲେ
ପୋଛିଦେବାକୁ ହାତଟିଏ ନାହିଁ,
କେବଳ ପବନରେ ଦୋହଲୁଥାଏ
ବୋଉ ଶାଢ଼ିର ନିରବ ପଣତ ।

ବୋଉ ଚାଲିଗଲା ପରେ
ଘରର ତୁଳସୀ ଚଉରାରେ
ସଞ୍ଜବତୀ ଜଳୁଛି ଆଗପରି,
ରୋଷେଇଘରେ ଭାତ ବି ସିଝୁଛି...
କେବଳ ଦୁଆର ମୁହଁରେ
ଆଉ ଶୁଭୁନାହିଁ ସେଇ ଡାକ,
"ଆସିଲୁଣି ? ଖାଇବୁ ଆ ।"

ଶାଢିଟିକୁ ଛାତିରେ ଚାପିଦେଲେ
ଲାଗେ, ବୋଉ ହୃଦୟର ଉଷ୍ମତା
ଏବେ ବି ଜମାଟ ବାନ୍ଧି ରହିଛି
ମୋ ନିଃସଙ୍ଗ ନିଃଶ୍ୱାସ ଭିତରେ ।
ମୁଁ ଆଖି ବୁଜିଦିଏ, ଆଉ କ୍ଷଣକ ପାଇଁ
ମୃତ୍ୟୁକୁ ମିଛ ବୋଲି ଭାବିନିଏ ।

ବୋଉ ! ତୋ' ପାଇଁ କିଣିଥିବା ନୂଆ ଶାଢି
ଆଜି ବି ଦୋକାନରେ ମିଳିଯିବ,
ହେଲେ ତୋ' ଦେହର ବାସ୍ନା ମିଶା
ଏଇ ପୁରୁଣା ଶାଢ଼ିଟି ପରି
ଆଉ କିଛି କେବେ ମିଳିବନି ।

ତୁ ତ ଚାଲିଗଲୁ ସବୁ ରତ୍ତୁର ସେପାରେ,
ହେଲେ ତୋ' ଶାଢିର ପଣତରେ
ମୁଁ ଆଜି ବି ମୁହଁ ଲୁଚାଇ
ଲୁହ ଝରାଉଛି ନିରବରେ ।

କାରଣ, ବୋଉର ଶାଢ଼ି
କେବଳ ଶାଢ଼ୀ ନୁହେଁ,
ସେ ଗୋଟେ ଅନୁପସ୍ଥିତ ମଣିଷର
ଶେଷ ସ୍ପର୍ଶ,
ଗୋଟିଏ ଅନାଥ ଘରର ଶେଷ ମମତା,
ଆଉ ମା'କୁ ହରାଇଥିବା
ସନ୍ତାନର ଶେଷ ଆଶ୍ରୟ ।

+ ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

## ସଂଦେହୀ ପ୍ରିୟା ମୋର

ପ୍ରମୋଦ କୁମାର ମହାପାତ୍ର



ସାରା ରାତି ସାରା ଦିନ ରଖି ଥାଏ ନଜର
ପାନରୁ ଖସିଲେ ଚୂନ ରାଗ ନାଲି ଲଙ୍କାର
ମନ ଚହଲି ଗଲେ ଅମୃତ ବି ଜହର,
ସଂଦେହୀ ପ୍ରିୟା ମୋର...

ସକାଳୁ ଉଠିଲେ ଲୋଡ଼ା
ଦୁବ, ବେଲ ପତର
ଦାନା, ଘାସ ଦେଇ ପଶୁପକ୍ଷୀଙ୍କର ବେଭାର
ଏତିକି ନହେଲା ନୁହଁ ଆଉ ସବୁ ପଛର,
ସଂଦେହୀ ପ୍ରିୟା ମୋର..

ଅଫିସି ଯିବାର ବେଳ ହେଉ ପଛେ ଉଛୁର
ଫେରିବାରେ ହେଲେ ଡେରି
ଫିଟିଯାଏ ଗୁମର
କିଏ ସାଥେ ଥିଲା କୁହ
ନିରୋଳାରେ ତୁମର,
ସଂଦେହୀ ପ୍ରିୟା ମୋର..

ସନ୍ଧ୍ୟାର ସଞ୍ଜବତୀ ଧୂପ ଦୀପ ଆଦର
ବୁଲିବା ନୋହିଲା କେବେ
ପାର୍କ ଅବା ବଜାର
ବୁଝେନା ସେ ଯାଏ ଚାଲି
ଫଗୁଣ ବୟସର,
ସଂଦେହୀ ପ୍ରିୟା ମୋର..

ପ୍ରେମ ଭିଜା ଭିଜା ଗଙ୍ଗାଯମୁନା ତରଙ୍ଗ
ଜୋଛନା ଭୁଲାଇ ଦିଏ ଜହ୍ନର କଳଙ୍କ
କାୟା ପାଖେ ଛାୟା ଥାଏ
ହୁଏ କିବା ଅନ୍ତର,
ସଂଦେହୀ ପ୍ରିୟା ମୋର..

+ ପରାମର୍ଶଦାତା, ଦୂର ସଂଚାର ବିଭାଗ,
ଭାରତ ସରକାର, ଭୁବନେଶ୍ୱର,
ମୋ - ୯୪୩୭୫୭୮୩୧୧

## ମାଆ ପଣ

ରବି କୁମାର ମହାନ୍ତି



କେବେ ସରାଗରେ , କେତେ ଶ୍ରଦ୍ଧାରେ
ତା ପିଠି ଆଉଁଶି ତାକୁ ମାଆ ହେବାକୁ
ବୁଝେଇଲି, ମାଆ ପଣିଆ ଶିଖେଇଲି
କେତେ ସୁକୁମାରୀ, କେଡେ ନୀରିହ ସେ
ଗର୍ଭ ପାତି ଦେଲା
ନିଜ ରକ୍ତକୁ ପାଣି କରି ସଞ୍ଚାରି ଦେଲା
ଆନ ଦେହର ପ୍ରତିଟି ଶିରାରେ
ଯେଉଁ ଫୁଲ ଫୁଟା ସକାଳକୁ
ବାନ୍ଧିଥିଲା କାନିରେ
ପାଦରେ ଆଡେଇ ଦେଇ ତାକୁ
ବରି ନେଲା କେବେ ପାହୁ ନଥିବା
ରାତିର କ୍ରୁର ଅନ୍ଧାରକୁ
ଯେଉଁ ମହମହ ସଂଜ ରେ ସେ
ବିଞ୍ଚି ହୋଇଯାଏ ସଂସାରଟା ସାରା
ତାକୁ ସମର୍ପି ଦେଲା
ଆଉ କାହା ହୃଦ ମନ୍ଦିରରେ
ଆରତୀ ହେବାକୁ

ଖରାର ସରାଗ,
ବର୍ଷାର ଲୋଡ଼ିବା ପଣ
ଜହ୍ନ ଆଲୁଅର ମିଠା ଶିହରଣ
ଶରତର ରୁପା ବେହରଣ
କେତେ ପ୍ରଲୁବ୍ଧ ଫଗୁଣ
ସବୁ କିଛି କୁଢେଇ ଦେଲା
ନୂଆ କରି ପତ୍ରୁ ଥିବା ଶିଶୁ ବୀଜର
ଶୈଶବ ଅର୍ଦ୍ଧଳି ପାଖେ
କହିଲା ହେଇ ନେ ମୁଁ ଟେକି ଦେଲି ମୋତେ
ଏବେଠୁ ତୋ ଇଚ୍ଛାରେ
ମୋ ଦେହକୁ ତୁ ଭାଗ କରି ଦେ


ସିଏ ଛିଡିଲା, ମଞ୍ଜି ବଢ଼ିଲା
ମାଟିରୁ ଆକାଶ ଅଗଣା ତା ଘଞ୍ଚ ଡାଳ
ମେଘର ମଥାନ ଛୁଇଁଲା
ସେ ଡାଳରେ ପକ୍ଷୀ ମାନେ
ବସା ବାନ୍ଧି ଗୃହସ୍ଥ ସାଜିଲେ
ପଲ୍ଲବୀତ ଗହଳ ଛାଇରେ
ଫୁଲ ର ସହର ବସିଲା
କେତେ ସୁରିଲା କଳରବ ରେ
ଫଗୁଣର ମହକ ନେଇ ସେଠି ମଳୟ ବହିଲା

ବୀଜ କେବେ ଦାରୁ ପାଲଟିଲା
ଶୀତଳ ତା କଅଁଳ ଛାୟାରେ
କେବେ ସୁଖ ଦୁଃଖର ହାଟ ବସିଲା
କେତେ ଆସିଲେ, କେତେ ଗଲେ
କେହି ଦିନେ ଦୁବକୁ ଦାରୁ
ଦାରୁକୁ ଦିଅଁ କରିଥିବା ସେ
ମାଟି କଥା ପଚାରିଲାନି
କେହି ତା ଶିଠୁଆ ଛାତିର ବ୍ୟଥା ବୁଝି
ପଦେ ଆହାଃ କହିଲାନି
ଯିଏ ବୁଝି ପାରନ୍ତା
ତାକୁ କବି ଛଡ଼ା ଆଉ କେହି
ମଣିଷ ପଣରେ ଗଣିଲାନି

+ ମାତୃନୀଡ, କମାରିଆ, ଜି- ଭଦ୍ରକ
ମୋ) ୭୦୬୪୭୭୮୨୪୭

## ଭକ୍ତିରେ ଲୁଚିଛି ମୁକ୍ତି

ମୋହନ କୁମାର ସ୍ୱାଇଁ



ମାଆ ଦୁର୍ଗା ଆସି ଚାଲିଗଲା ପରେ
ଲକ୍ଷ୍ମୀ ଆସିଥିଲେ ବୁଲି
ଲକ୍ଷ୍ମୀ ଗଲା ପରେ ସଂହାର ନିମନ୍ତେ
ବିରାଜିବେ ମା କାଳୀ ।

ମାଆଙ୍କ ମନରେ ସନ୍ତାନଙ୍କ ଚିନ୍ତା
କିମିତି ଅଛନ୍ତି କିଏ
ବୁଲି ଦେଖୁଛନ୍ତି ଗାଆଁରୁ ସହର
ମମତାର ମୂର୍ତ୍ତୀ ସିଏ ।

ଅନ୍ୟାୟରେ କେବେ ସନ୍ତାନ ତାହାର
ଝୁଣ୍ଟି ପଡ଼ିଥିଲେ କିଏ
ରୂପ ବଦଳାଇ ତଳରୁ ଉଠାଇ
ଠିଆ କରିଦେଇ ଯାଏ ।

କିମିତି କାହାକୁ ଉଧାରେ ବିପଦ୍ଧୁ
ମଣିଷ ପାରେନା ଜାଣି
କୋଉବାଟେ ଆସି କୋଉବାଟେ ଯାଏ
କେବଳ ଜାଣଇ ଗୁଣି ।

ଅନ୍ଧଟି ହେଲେବି ଗୁଣି ଲୋକଟିଏ
ମାଆଙ୍କୁ ପାରଇ ଚିହ୍ନି
ଅମୂଲ୍ୟ ସଂପଦ ନ ଥିଲେ ବି ପାଶେ
ହୃଦୟରେ ସିଏ ଧନୀ ।

ଅନ୍ତରେ ଅସନା ଯା ହୃଦେ ଭରିଛି
ଦିଶେନାହିଁ ତାକୁ କିଛି
କିମିତି ଦେଖିବ ମାଆର ମମତା
ଭକ୍ତିରେ ଲୁଚିଛି ମୁକ୍ତି ।

+ ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
(ମୋ) ୮୧୧୮୦୯୯୦୩୮

## ବିଷାଦ

ରାମଚନ୍ଦ୍ର ବେହେରା



କାହିଁକି ତୁ ଆସୁ କେଜାଣି
ତୁ ଆସିଲେ, ଦୂରେଇ ଯାଏ ହସ
ଭାବନାର ତୀରରେ ବିଦ୍ଧ ହୋଇ
ଘୋଟିଆସେ ନୈରାଶ୍ୟ
ତୁ ଆସିଲେ, ଧଡକି ଯାଏ ଛାତି
ବଢିଯାଏ ହୃତପିଣ୍ଡର ସ୍ପନ୍ଦନ
ମଉଳି ଯାଏ ସ୍ନେହ, ଅନୁରାଗ,ଶାନ୍ତି ।

ବିନା ଆମନ୍ତ୍ରଣେ
କାହିଁକି ତୁ ଆସୁ, ଛୁପି ଛୁପି
ଅସହ୍ୟ ଯନ୍ତ୍ରଣାକୁ ସାଥେ ନେଇ
ତୁ ନିଷ୍ଠୁର,ତୁ ଅଦେଖା ଲୁହଧାର
ତୋ ପାଇଁ ବଫଳ ହୁଏ ଆଶା
ତୁ ଆସିଲେ ଭାଂଗିଯାଏ ମନ
ମୁହଁରୁ ନଝରଇ ଭାଷା

ଜୀବନ ରଂଗମଂଚରେ
ତୁ ଅସଫଳ ଚରିତ୍ର
ତୁ କାଳରାତ୍ରି,ତୁ କଳାମେଘ
ଜୁହାର ତୋ ପାଦେ
ଫେରି'ଯା ମୋ ପାଶୁ
ସୁଖ ଶାନ୍ତିରେ ଭିଜି
ହସୁ ମୋ ପ୍ରାଣ ସର୍ବତ୍ର....।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ନୂତନ ସମ୍ଭାବନା

ଶ୍ରୀମତୀ ସୁଲକ୍ଷଣୀ ସାହୁ



ବାଟେଘାଟେ
ଘୁମେଇ ପଡି ତୁନି ଚାହିଁଥିବ
ଅନେକ ଶବ୍ଦର ମଉନ ଛଳ
କ୍ଲାନ୍ତ ସଞ୍ଜ ପିଣ୍ଡାରେ
ଚୁପକିନା ନିଶ୍ୱାସୁଥିବ ନିସ୍ତେଜ ମଫସଲ
ଛକ ଷ୍ଟଲର ହାଲିଆ ଓଠରେ
ଚା'ଛୁଇଁ ଯେତେକ ଚେହେରା ଘର ମୂହାଁ

ଠାଏ ଠାଏ କୋଳାହଳେ
ମଉଜିଆ ଖୁସିବାସୀ ଘେରା
କାମ ବ୍ୟସ୍ତତାରେ ଦି ଚାରି ଘଡି
ଖୁସିର ଥଟ୍ଟା ମଜା

ଏଇଲେ ଖାଲି ହେଇଛି ଚଉକିଟେ
ବେଢ଼ିଦିଏ ତାକୁ ଗୁଡ଼ାଏ ଅସଙ୍ଗତ ଚର୍ଚ୍ଚା
ସମୟର ନିର୍ଲିପ୍ତ ନିଶାଣରେ
ଟହଲି ଚାଲିଛି ପୃଥିବୀର ନାଭୀଚକ୍ର

ହେଲେ ମୋ ଇସାରାର ଅନୁଭୁତିରେ
ଦଲକାଏ ଉଷୁମ କମ୍ପ
ଦେହସାରା ବିଞ୍ଚିହୁଏ କି ତୁମର !
ମୋ ଭାବନାରେ କୁରୁଳି ଉଠେ କି କେବେ
ତୁମ ଅପହଞ୍ଚ ଇଲାକା ମନର !

ଯଦି ଠଉରେଇନ ଏଇ ଆକୁଳ ଅନୁରାଗ
ବେଶ୍ ଭଲ,
ଖୁସିରେ ଉଛୁଳୁ
ତୁମ ଆକାଶ ମୁହାଁ ପଥୁରିଆ ଲକ୍ଷ୍ୟ
ମଉସୁମୀର ପୁଲକରେ ଫୁଟିଉଠୁ

ଅପ୍ରତିଦ୍ୱନ୍ଦୀ ସବୁଜ ଭାଗ୍ୟ
ମନ ଚଢେଇ ଗାଇ ଚାଲିଥାଉ
ଆଶ୍ୱସ୍ତିର ମଧୁରସ

କିନ୍ତୁ ଯଦି ମୁଁ ଚୁପି ଚୁପି ଲାଖି ଥାଏ
ତୁମ ତମାମ ରାଗରେ, ତୁମ ହସ କାନ୍ଦରେ
ତୁମ ଛାଇ ଆଲୁଅରେ, ଟାଇଁ ଟାଇଁ ମଧ୍ୟାହ୍ନରେ
ଅବା ଥଣ୍ଡାଳିଆ ରାତିରେ

ତେବେ ତରକା ହୁଅ
ପାଣି ଛାଟି ଧୋଇଦିଅ
କୁହୁଡି ଅଙ୍କା ସେଇ ଭାବର
ଆବେଗର ମୋହର ଇନ୍ଦ୍ରଧନୁର
କୁହେଳିକା ଆବୋରା ଶୂନ୍ୟକୁ

ବେଧଡକ ପୋଛିଦିଅ
ତା' ସମସ୍ତ ନିଗିଡା ଟହକ ନାଲିକୁ
ଆଖି ବୁଜି ଉଡ଼େଇ ଦିଅ ଛାତି ଘରେ ଗୁମୁରି
ହେଉଥିବା ସୃତିର ଅଫେରା ଚଢେଇକୁ।

ଆକାଶ ବେରଙ୍ଗ ହେଇପଡୁ
ଥଳଥଳିଆ ନୀଳତକ ଝାଲେଇ
ପକ୍ଷ ହରାଇ ଖସି ପଡୁ ମାଟିପରେ
କାନ୍ଥରୁ, ଛାତରୁ ଛାତିରୁ ମନରୁ
କୋରିହେଇ ପଡୁ ଅବସ ସାମର୍ଥ୍ୟ

ବେସୁରା ହେଇପଡୁ
ଜଣକୁ ଛାଡି ଆରକର ଅଧୁରା ଉନ୍ମୁକ୍ତ କାକଳି
ମନ ବୋକଚାରେ ପୁରେଇ
ଅନିଅମର ଥୋଡାଏ କୋହ
ନହେଉ ସମୟର ବାଟ ବୋଝିଆ

ହେଜି ନିଅ ନିବୃତା ଦ୍ୱନ୍ଦରେ
ଆଖି ତରାଟି ପଲକ ତୋଳ
ଖିଡିକି ପରଦା ଫାଙ୍କରେ
ଦମକା ସକାଳଟେ ମୁଚୁକି
ଉଇଁ ଉଠୁଥିବ
ଭୂଇଁରୁ ଭୂମା ପୁଣି
ଯୋଡାଯୋଡା ସୁନେଲି ଚୁକ୍ତି
ବିଶ୍ୱାସ ବାନ୍ଧୁଥିବ
ତୁମ ଦୁଆରକୁ କୋଇଲି ବସନ୍ତର ପଚୁଆର
କାନ୍ଧେଇ ବାହୁଡୁଥିବ
ତୁମ ବିରହରେ, ତୁମ ମିଳନରେ
ତୁମ ଅପ୍ରାପ୍ତିରେ,
ନିଷ୍ଟେ ଅଫୁଟା ଶ ଗୁଡିକୁ କେହି ଜଣେ ଖୁବ୍
ଅନ୍ତର୍ପଣେ ଲୁହ ହସ ଦେଇ ଘାଣ୍ଟୁଥିବ
ଆଉଟା ମନଟା ତା'ର ସଫେଦ ଆଶ୍ୱାସନାର
ଚଟାଣରେ ଧଡଧଡ କମ୍ପୁଥିବ
କବିତା ବାହାନାରେ
ସିଏ ତୁମକୁ ଅରପି
ପ୍ରେମପର୍ବ ପରି କିଛି ଅହରହ ଭୋଗୁଥିବ ।।

+ ନୂଆପଡା

## ଅଢେଇ ଦିନର ଅତିଥି ହୋଇ

ନଗେନ୍ଦ୍ର ନାଥ ପଟ୍ଟନାୟକ



ପାନ୍ଥଶାଳା ପରା ଏ ଭବ ସଂସାର
ସବୁରି ଜୀବଙ୍କ ରହଣି ପାଇଁ
ସେହି ପାନ୍ଥଶାଳେ କେହି ଜଣେ ଆସେ
ଅଢେଇ ଦିନର ଅତିଥି ହୋଇ ।

ସେ ପାନ୍ଥଶାଳରୁ ବିଦାୟ ନେଇକି
ନିଜ ବାଟେ କେହି ଯାଆନ୍ତି ଚାଲି
କେହିଜଣେ ଏଠି ଭଲକାମ କରେ
ଆନର ଅହିତେ କା ଚିନ୍ତା ଖାଲି
କେହି କହେ ଏଠି ମନତଳ କଥା
ଆପଣା ହୃଦର ଦରଜା ଫେଇ ।

ଫୁଲ ପରି କେହି ସୁବାସ ବିତରେ
କେହି ଆସି ଏଠି ନିଗାଡେ ଲୁହ
କେହି ରହେ ଏଠି ଧନିକ ପରିକା
କିଏ ଆସି ରହେ ସାଧୁ ପରାୟ
ଆନ ପ୍ରାଣୀଙ୍କୁ କେ ପ୍ରୀତିଫୁଲ ବାଣ୍ଟେ
କେହି ଘୃଣା କରେ ଆନଙ୍କୁ ଚାହିଁ ।

+ ଓସ୍କାର ସିଟି,
ଲକ୍ଷ୍ମୀ ସାଗର କେନାଲ ରୋଡ
ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

## ଭାଗ୍ୟଚକ୍ର ସଦା ଘୁରୁଛି

ନିରଞ୍ଜନ ସାହୁ


ଭାଗ୍ୟଚକ୍ର ଅବିରାମ ଘୁରୁଅଛି
କଦାପି ଅଟକି ରହେନା
ଯେତେ ଯିଏ ଅଟକିବା କଥା କହେ
ପଦୁଟିଏ ସିଏ କହେନା ।

ନିୟତି ନିର୍ଦ୍ଦେଶ ମାନି ଭାଗ୍ୟଚକ୍ର
ତା ବାଟରେ ଗତି କରଇ
ବିଧିର ବିଧାନ ଯାହା ରହିଅଛି
ସୁଖଦୁଃଖ ଆଣି ଭରଇ
ଶତଚେଷ୍ଟା ସତ୍ତ୍ୱେ ସମୟର ସୁଅ
କଦାପି ଉଜାଣି ବହେନା ।

ଯାହା ଘଟିବାର ଅଛି ଘଟାଇବ
ଅଟକାଇ କିଏ ପାରିବ
ତାରିବାର ଥିଲେ ତାରଣ କରିବ
ମାରିବାର ଥିଲେ ମାରିବ
ପ୍ରଂଶସାରେ ଭାଗ୍ୟ ଖୁସି ହୁଏନାହିଁ
କାହା ଦୁଃଖ ତାକୁ ଦହେନା ।

ଭାଗ୍ୟକୁ କଦାପି ଜିତି ହୁଏନାହିଁ
ଅତିକ୍ରମି କେହି ଯାଏନା
ଭାଗ୍ୟଠାରୁ କେହି ବଳୀୟାନ ନୁହେଁ
ଭାଗ୍ୟକୁ ଖୋଜି କେ ' ପାଏନା
ଭାଗ୍ୟ ସଦା ଅବିଚଳିତ ରହଇ
ପ୍ରତିବନ୍ଧକକୁ ସହେନା ।

+ ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩



# ନିଖୋଜ ଛାତ୍ରୀଙ୍କ ମୃତଦେହ ଗଳାକଟା ଅବସ୍ଥାରେ ଉଦ୍ଧାର : ଏକତରଫା ପ୍ରେମକୁ ନେଇ ହତ୍ୟା ସନ୍ଦେହ

କେନ୍ଦ୍ରାପଡ଼ା,୨/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଗତକାଲି ରାତିରୁ ନିଖୋଜ ଥିବା ଜଣେ କଲେଜ ଛାତ୍ରୀଙ୍କ ମୃତଦେହ ଆଜି ସକାଳେ ଗଳାକଟା ଅବସ୍ଥାରେ ଉଦ୍ଧାର ହୋଇଛି । ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଏକ ପରିତ୍ୟକ୍ତ ପୋଖରୀ କୂଳରେ ଛାତ୍ରୀଙ୍କ ଗଳାକଟା ମୃତଦେହ ଭାସମାନ ଅବସ୍ଥାରେ ଠାବ କରାଯାଇଛି । ତେବେ ଛାତ୍ରୀଙ୍କ ଘର ପଛପାଖରେ ପ୍ରବଳ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଛି, ଯାହା ଏହି ମୃତ୍ୟୁ ପଛରେ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିବା ନେଇ ସନ୍ଦେହକୁ ଆହୁରି ଦୃଢ଼ କରୁଛି। ଖବର ପାଇ ମାର୍ଶାଘାଇ ପୋଲିସ, ସାଇଂଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛନ୍ତି। ଛାତ୍ରୀଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ଗଳାକାଟି ହତ୍ୟା କରାଯାଇଛି । ସେ ମାର୍ଶାଘାଇ କଲେଜରେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ଥିଲେ। ଗତକାଲି ରାତିରୁ ଛାତ୍ରୀ ଜଣକ ନିଖୋଜ ଥିବା ବେଳେ ଶନିବାର ସକାଳେ ଘର ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଏକ ପରିତ୍ୟକ୍ତ ପୋଖରୀରୁ ତାଙ୍କ ରକ୍ତାକ୍ତ ମୃତଦେହ ଗଳାକଟା ଅବସ୍ଥାରେ ଉଦ୍ଧାର ହୋଇଛି । ଘର ନିକଟରେ ୪ଟି ଭିନ୍ନ ଭିନ୍ନ ସ୍ଥାନରେ ରକ୍ତର ଦାଗ ପଡିଥିବା ବେଳେ ପୋଲିସ ସେଠାରୁ ଏକ ଧାରୁଆ ଛୁରୀ ଜବତ କରିଛି । ଏହି ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଉତେଜନା ପ୍ରକାଶ ପାଇଛି । ଏକତରଫା ପ୍ରେମକୁ କେନ୍ଦ୍ର କରି କେହି ଏପରି ଘଟଣା ଘଟାଇଥାଇପାରେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ କଲେଜ ଛାତ୍ରୀଙ୍କ ଏପରି ଦୁଃଖଦ ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଏକ୍ସପ୍ଲୋରା-୨୦୨୬ରେ ଏଆଇ:

# କୋଡିଂଠାରୁ ଆରମ୍ଭ କରି ସ୍ୱୟଂଚାଳିତ ଜଳସେଚନ ପର୍ଯ୍ୟନ୍ତ ନୂତନ ଉଦ୍ଭାବନର ଝଲକ ପ୍ରଦର୍ଶିତ କଲେ ବାଳ ବୈଜ୍ଞାନିକ




ଖୋର୍ଦ୍ଧା,୨/୧୧ (ନି।ପ୍ର): ନୂତନ ଶିକ୍ଷାନୀତି ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ ଓ ସୃଜନଶୀଳତାର ସୁଯୋଗ ଦେବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା ପକ୍ଷରୁ ଦୁଇଦିନିଆ ଜ୍ଞାନ-ବିଜ୍ଞାନ ମେଳା 'ଏକ୍ସପ୍ଲୋରା-୨୦୨୬' ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀ ତଥା କୁନି ବୈଜ୍ଞାନିକମାନଙ୍କ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ମେଳାକୁ ପ୍ରାଣନାଥ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସୁବୋଧ ଜଗଦେବ ଓ ଅବସରପ୍ରାପ୍ତ ଅଧକ୍ଷ ପ୍ରମୋଦ କୁମାର ଦାସ ଉଦ୍?ଘାଟନ କରିଥିଲେ। ପ୍ରଥମ ଦିନରେ ମାଧ୍ୟମିକ ଓ ଉଚ୍ଚ ପ୍ରାଥମିକ ସ୍ତରର ଛାତ୍ରଛାତ୍ରୀମାନେ ନିଜ ନିଜର ବୈଜ୍ଞାନିକ ଚିନ୍ତାଧାରା ଓ ଉଦ୍ଭାବନ ପ୍ରଦର୍ଶନ କରିଥିଲେ। କମ୍ ବିଦ୍ୟୁତ୍ ଶକ୍ତିରେ ଚାଲୁଥିବା ଇଣ୍ଡକ୍ସନ୍ ଚୁଲା, ସ୍ୱୟଂଚାଳିତ ଜଳସେଚନ ବ୍ୟବସ୍ଥା, ଶିଳ୍ପାଞ୍ଚଳରୁ କାର୍ବନ୍ ବିଶୋଧନ, କମ୍ପ୍ୟୁଟର ପ୍ରୋଗ୍ରାମିଂରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ କୋଡିଂର , ଗଣିତର ତ୍ରିମାତ୍ରିକ ଶିକ୍ଷା ପଦ୍ଧତି ଏବଂ ପ୍ରାଚୀନ ସୂର୍ଯ୍ୟମନ୍ଦିରରେ ସୂର୍ଯ୍ୟକିରଣର ଗତିବିଧି ଆଦି ଆକର୍ଷଣୀୟ ପ୍ରକଳ୍ପ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏଥିସହ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସେବା ଓ ଦୈନନ୍ଦିନ ଜୀବନରେ ଉପଯୋଗୀ ହେଉଥିବା ଅନେକ ପ୍ରକଳ୍ପ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଉଦ୍?ଯାପନୀ ଦିବସରେ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସିଭି ରମଣ ଗ୍ଲୋବାଲ ଶିକ୍ଷାନୁଷ୍ଠାନର କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରକାଶ କୁମାର ସାହୁ, ବରିଷ୍ଠ ଶିକ୍ଷକ ଅଗାଧୁ ଚରଣ ସେଠୀ ଓ ଶିକ୍ଷାବିତ୍ ଅମୃତାମୟୀ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ତାହାର ବୈଜ୍ଞାନିକ ଉପଯୋଗିତା ଓ ନୂତନତ୍ୱକୁ ବିଚାର କରିଥିଲେ। ହାଇସ୍କୁଲ ସ୍ତରରେ ଶ୍ରେୟାସି ରଥ, ଆରୟାନ ଶର୍ମା, ଶୁଭାଙ୍ଗି ବିଶ୍ୱାଳ, ତୃପ୍ତିମୟୀ ସ୍ୱାଇଁ, ଜିଗନ୍ ଚୌଧୁରୀ, ସାଇ ପ୍ରତୀକ ବିଶ୍ୱାଳ, ସାଇ ଶାଶ୍ୱତୀ ବେହେରା, ଶ୍ରିଟିକା ମହାନ୍ତି, ଜଗନ ଚୌଧୁରୀ, ଶାସ୍ୱନି ମହାପାତ୍ର, ଶ୍ରୀୟାଂଶୀ ହରିଚନ୍ଦନ ଓ ସାଇ ସମ୍ପନ୍ନ ସେଠୀଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ମନୋଓ୍ୱାର ହୁସେନ କମ୍ପ୍ୟୁଟର ଶିକ୍ଷାରେ ଏଆଇ ଓ କୋଡିଂର ପ୍ରୟୋଗ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସା ଲାଭ କରିଥିଲେ। ବିଦ୍ୟାଳୟର ଏକାଡେମିକ୍ ଡିନ୍ ବନଦୁର୍ଗା ଶାହାଙ୍କ ଦିଗ୍‌ଦର୍ଶନରେ ସୁମିତା ତ୍ରିପାଠୀ, ସୌମ୍ୟଲଗ୍ନା ମହାନ୍ତି, ବିରଞ୍ଚି ନାରାୟଣ ପଣ୍ଡା, ବର୍ଣ୍ଣାଳୀ ମାଜୀ, ଦୀପ୍ତିରଞ୍ଜନ ରଣା, ରଚିତା ସ୍ୱାଇଁଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପ୍ରକଳ୍ପ ପ୍ରସ୍ତୁତିରେ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବା ସହ ସମଗ୍ର କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀକୁ ଖୋର୍ଦ୍ଧା ସହରର ବହୁ ଜନସାଧାରଣ ପରିଦର୍ଶନ କରିଥିଲେ। କୁନି ବୈଜ୍ଞାନିକମାନଙ୍କର ନୂତନ ଚିନ୍ତାଧାରା, ଉଦ୍ଭାବନ ଓ ସୃଜନଶୀଳତାକୁ ଉପସ୍ଥିତ ଦର୍ଶକମାନେ ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷା ସହିତ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନୂତନ ଉଦ୍ଭାବନର ମିଶ୍ରଣ ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁସନ୍ଧାନମୂଳକ ମନୋଭାବ ସୃଷ୍ଟି କରିବାରେ ଏକ୍ସପ୍ଲୋରା-୨୦୨୬ ଏକ ସଫଳ ପ୍ରୟାସ ବୋଲି ମତପ୍ରକାଶ ପାଇଥିଲା।

# ଟିଲୋ ସ୍କୁଲରେ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,୨/୧୧ (ନି.ପ୍ର):- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ ତମ ଜନ୍ମ ଦିବସ ଉପଲକ୍ଷେ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ୍ତ ଥାନା ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସଭାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୀତାରାଣୀ ଦେ ଅଧକ୍ଷତା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବକ୍ତୃତାର ବିଷୟବସ୍ତୁ ଥିଲା 'ଜାତୀୟ ଏକତା ଦିବସ'। ପ୍ରତିଯୋଗିତାରେ ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତି, ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ସାଗରିକା ପୁହାଣ, କମଳାକାନ୍ତ ନାହାକ ଓ ବିଜୟ କୁମାର ରାଉତ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ଦିପ୍ତୀମୟୀ ରଣା, ରୁଦ୍ରାଣୀ ବେହେରା ଓ ଲକ୍ଷ୍ମୀପ୍ରିୟା ପୃଷ୍ଟି ଯଥାକ୍ରମେ ପ୍ରଥମ, ଦ୍ୱିତିୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ କୃତୀ ଛାତ୍ରୀ ମାନଙ୍କୁ ଥାନାଧିକାରୀଙ୍କ ଦ୍ୱାରା ଟ୍ରଫି ଓ ପେନ୍ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସାଗରିକା ପୁହାଣ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ତାପସ କୁମାର ରାଉତ, ଶିକ୍ଷୟିତ୍ରୀ ନିଳିମା ମଞ୍ଜରୀ ରାଉତ, ଗୀତାଞ୍ଜଳି ଚାନ୍ଦ, ଅଲିଭା ପଣ୍ଡା, ଗୌରୀବାଳା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଧାମନଗର ବିଜେପିକୁ ଝଟ୍‌କା, ଦଳୀୟ ସଂଗଠନ ଓ ନେତୃତ୍ୱକୁ ନେଇ ଉଠିଲା ପ୍ରଶ୍ନ

ଭଦ୍ରକ, ,୨/୧୧ (ନି.ପ୍ର): - ମନ୍ତ୍ରୀଙ୍କ ବାସଭବନରେ ପଦ୍ମ ଧରିଥିଲେ, ମାତ୍ର ସପ୍ତାହକ ନପୂରୁଣୁ ଶଙ୍ଖ ଶିବିରକୁ ଫେରିଲେ। ଧାମନଗର ରାଜନୀତିରେ ଏଭଳି ଦଳୀୟ ପଟ୍ଟ ପରିବର୍ତ୍ତନ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବୟାଙ୍ଗଡିହ ପଂଚାୟତର ଚକ୍ରଧର ବେହେରା, ସନ୍ତୋଷ କୁମାର ବଳ ଓ ସାଗର କୁମାର ରାଉତ ବିଜେପି ଛାଡ଼ି ପୁଣି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଶେଷକରି ମନ୍ତ୍ରୀଙ୍କ ବାସଭବନରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେବାର ମାତ୍ର ସପ୍ତାହକ ମଧ୍ୟରେ ଦଳ ଛାଡ଼ିବା ଘଟଣା ଧାମନଗର ବିଜେପି ସଂଗଠନ ପାଇଁ ଏକ ରାଜନୈତିକ ଝଟକା ବୋଲି ଚର୍ଚ୍ଚା ହେଉଛି।ସୂଚନା ଅନୁଯାୟୀ, ବୟାଙ୍ଗଡିହ ପଂଚାୟତ ଛନ୍ଦାସାହି ଗ୍ରାମର ଚକ୍ରଧର ବେହେରା ଓ ସନ୍ତୋଷ କୁମାର ବଳ ଗତ ସପ୍ତାହରେ ଭୁବନେଶ୍ୱରସ୍ଥିତ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେପିରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଆମ୍ବିଳିଗାଁର ସାଗର କୁମାର ରାଉତ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରାଙ୍କ ବାସଭବନରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ ନାୟକଙ୍କ ସମେତ ପୂର୍ବତନ ବ୍ଲକ ସଭାପତି ଉମେଶ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ।ପଂଚାୟତର ଯୁବନେତା ତଥା ବ୍ଲକ ଛାତ୍ର ସଭାପତି ପ୍ରକାଶ ବେହେରାଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ସଂଗଠିତ ହୋଇଥିଲା।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ରମା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହ ଭାବ ବିନିମୟ ଓ ସ୍ୱାସ୍ଥ୍ୟ ପରୀକ୍ଷା

ଭଦ୍ରକ,୨/୧୧ (ନି.ପ୍ର): - ବରିଷ୍ଠ ମାନେ ବାର୍ଦ୍ଧକ୍ୟରେ ଉପନୀତ ହୋଇ ସାରିଥିଲେ ମଧ୍ୟ ସମାଜର ହିତ ସାଧନ ପାଇଁ ସଦା ଚେଷ୍ଟିତ। ପରିବାରରୁ ଅଲୋଡ଼ା ବୃଦ୍ଧ ବୟସ୍କ ପିତାମାତା ବୃଦ୍ଧାଶ୍ରମରେ ରହିଲେ ମଧ୍ୟ ଏକାକୀ ସମୟ ବିତାଇବାର ଚିନ୍ତା ଦୂର କରିବାର ଏହା ଏକ ଭ୍ରଷ୍ଟ ଯୁବ ସମାଜକୁ ସଚେତନତା ବାର୍ତା। ଉକ୍ତ କାର୍ଯ୍ୟକ୍ରମକୁ ଆଉ ପାଦେ ଆଗକୁ ନେଇଛନ୍ତି ଆମ ଅଂଚଳର ସୁନାମଧନ୍ୟା ଭେଷଜ ବିଶେଷଜ୍ଞ ସହକାରୀ ପ୍ରଫେସର ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ଯୁଗଳକିଶୋର ଅଗ୍ରୱାଲ ପରିଚାଳିତ ରମା ସେବାସଦନ (ବୃଦ୍ଧାଶ୍ରମ)ଚରମ୍ପାର ସମସ୍ତ ଅନ୍ତେବାସୀ ଓ ଶତାଧିକ ବରିଷ୍ଠ ନାଗରିକଙ୍କୁ ଶ୍ରଦ୍ଧାର ସହ ଚିକିତ୍ସା ଓ ଔଷଧ ବଂଟନ କରିବା ସହ ବିଭିନ୍ନ ରୋଗର ନିଦାନ ପରୀକ୍ଷା କରିଥିଲେ। ତତସହ ଭଦ୍ରକ ମେଡିକାଲର ଡାକ୍ତର ପ୍ରଣବ ମହାନ୍ତି ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା କରିଥିଲେ,ବିଶେଷ କରି ଉକ୍ତ ବୃଦ୍ଧାଶ୍ରମରେ ପ୍ରତି ମାସର ଗୋଟିଏ ଦିନ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଡାକ୍ତର ମହାନ୍ତି କହିଥିଲେ,ସମସ୍ତ ପରୀକ୍ଷା ପାଇଁ ଟେକନିସିଆନ ପ୍ରିୟରଞ୍ଜନ ସେଠୀ, ରାଜେଶ୍ୱରୀ ମଲ୍ଲିକ ପରୀକ୍ଷା କରିଥିଲେ। ଉକ୍ତ ଶିବିରଟି ଅନୁଷ୍ଠାନିକ ଭାବେ ସଂଘ ସଭାପତି ଗଗନ ବିହାରୀ ରାଉତଉଦଘାଟନ କରିଥିଲେ। ଆଲୋଚନାରେ ବରିଷ୍ଠ ନାଗରିକ ସଂଘ ଚରମ୍ପାର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର କହିଲେ କି ସମାଜରେ ଯେଉଁଠି ବୟସ୍କଙ୍କୁ ଅଲୋଡ଼ା ଭାବୁଛନ୍ତି,ତାହାକୁ ଭୁଲ ବୋଲି ପ୍ରମାଣିତ କରି 'ଆମେ ବି ସମର୍ଥ' କୁ ପାଥେୟ କରି ବେନ୍ତାଳ ମିଶ୍ର ପରିବାରର ସହାୟତାରେ ମାନବ ସେବାହିଁ ମାଧବ ସେବା ଭାବେ ଏହିପରି କାର୍ଯ୍ୟମାନ କରିବା ପାଇଁ ପ୍ରତିଶୃତି ବଦ୍ଧ, ସମସ୍ତ ଙ୍କ ମୁହଁରେ ଆଜି ଯେଉଁ ହସ ଟିକିଏ ଆଣିବାରେ ସହଯୋଗ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅନ୍ୟତମ ଆମ ଚରମ୍ପା ସଂଘର ସୀତାକାନ୍ତ ଦାସ, ନରସିଂହ ମିଶ୍ର, ସୁଦର୍ଶନ ବିଶ୍ୱାଳ,ପିତାମ୍ବର ରାଉତ ,ଅମରନାଥ ସାହୁ,ସୁଭାଷିନୀ ନନ୍ଦ, ବାସନ୍ତୀ ରାଉତ, ସୌଦାମିନୀ ନନ୍ଦ, ଶଶିକାନ୍ତ ଧଳ,ଦୟାନିଧି ପୁହାଣ, ପ୍ରଭାକର ଦାସ, ବିଶ୍ୱନାଥ ବାରିକ,ସୁରେନ୍ଦ୍ର ମିଶ୍ର ସହଯୋଗ କରିଥିଲେ।

## ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ପୂର୍ବରୁ ନଦୀକୁ ନଯିବାକୁ ସତର୍କ ସୂଚନା

ସମ୍ବଲପୁର,୨/୧୧ (ନି.ପ୍ର): - ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ରବିବାର ଅପରାହ୍ନରେ ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯିବା ଆରମ୍ଭ ହୋଇଛି । ଏନେଇ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନଦୀବନ୍ଧର ତଳମୁଣ୍ଡରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ସତର୍କ କରାଯାଇଛି। ଜଳ ନିଷ୍କାସନ ସମୟରେ ମହାନଦୀର ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ନଦୀ ମଧ୍ୟକୁ ପ୍ରବେଶ ନକରିବା ସହ ଅନ୍ୟାନ୍ୟ କାର୍ଯ୍ୟରେ ନଦୀ ଜଳ ବ୍ୟବହାର କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି। କୌଣସି ଦୁର୍ଘଟଣା ଘଟିଲେ ସେଥିପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ବୋଲି ସୂଚନାରେ ସ୍ପଷ୍ଟ କରାଯାଇଛି।

# ପିଲାଙ୍କୁ ହଷ୍ଟେଲରେ ଛାଡ଼ିବାକୁ ଆସି ମହିଳା ନିଖୋଜ! ୪ ଦିନ ହେଲା ମିଳୁନି ପତ୍ତା, ଘଟଗାଁ ଥାନାରେ ଅଭିଯୋଗ

ଘଟଗାଁ ,୨/୧୧ (ନି.ପ୍ର): - ନିଜ ପୁଅ ଓ ଝିଅଙ୍କୁ ବିଦ୍ୟାଳୟ ହଷ୍ଟେଲରେ ଛାଡ଼ିବାକୁ ଆସି ଜଣେ ମହିଳା ନିଖୋଜ ହୋଇଯାଇଥିବା ଘଟଣା ଘଟଗାଁ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ନିଖୋଜ ମହିଳା ଜଣକ ହେଲେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ରୁଟିଶିଳା ପଂଚାୟତ ଅନ୍ତର୍ଗତ ସାରୁପାଟ ଗ୍ରାମର କୁନି ବେହେରା (୩୨)। ତାଙ୍କ ସ୍ୱାମୀ ସନାତନ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ଗତ ଅକ୍ଟୋବର ୨୮ ତାରିଖରୁ କୁନିଙ୍କର କୌଣସି ପତା ମିଳୁନାହିଁ। ଏ ନେଇ ଘଟଗାଁ ଥାନାରେ ନିଖୋଜ ଅଭିଯୋଗ ଦାଖଲ ହୋଇଛି। ସୂଚନା ଅନୁଯାୟୀ, କୁନିଙ୍କ ପୁଅ ରାଜକୁମାର ବେହେରା ଓ ଝିଅ ଆର୍ଫ୍ରିନ ବେହେରା ଘଟଗାଁ ବ୍ଲକ ଗଦାଧରପୁରସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଦଶହରା ଛୁଟି ଶେଷ ହେବା ପରେ ପିଲାମାନଙ୍କୁ ପୁନର୍ବାର ହଷ୍ଟେଲରେ ଛାଡ଼ିବା ପାଇଁ କୁନି ବିଦ୍ୟାଳୟକୁ ଆସିଥିଲେ। ତେବେ ପିଲାଙ୍କୁ ହଷ୍ଟେଲରେ ଛାଡ଼ିବା ପରେ ସେ ଆଉ ଘରକୁ ଫେରିନଥିବା ତାଙ୍କ ସ୍ୱାମୀ ସନାତନ ଅଭିଯୋଗ କରିଛନ୍ତି। ସ୍ତ୍ରୀ ଘରକୁ ଫେରି ନଥିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇପାରିନଥିବା ଜଣାପଡ଼ିଛି। ଶେଷରେ ଏ ସମ୍ପର୍କରେ ସନାତନ ଘଟଗାଁ ଥାନାରେ ଏକ ନିଖୋଜ ମାମଲା ଦାୟର କରିଛନ୍ତି। ଅଭିଯୋଗ ଅନୁଯାୟୀ, ନିଖୋଜ ହେବା ସମୟରେ କୁନି ଗୋଲାପୀ ରଙ୍ଗର ଶାଢ଼ି ଓ କଳା ରଙ୍ଗର ବ୍ଲାଉଜ୍ ପିନ୍ଧିଥିଲେ। ଦିନ ଗଡ଼ିବା ସହ ନିଖୋଜ ମହିଳାଙ୍କୁ ନେଇ ପରିବାର ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ତେଣୁ କୁନି ବେହେରାଙ୍କ ସମ୍ପର୍କରେ କୌଣସି ସୂଚନା ପାଇଲେ ନିକଟସ୍ଥ ଥାନା କିମ୍ବା ଘଟଗାଁ ପୁଲିସକୁ ଜଣାଇବାକୁ ପରିବାର ପକ୍ଷରୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି।

# ବ୍ରେକ୍ ଥ୍ରୋ ଟ୍ରଷ୍ଟ ପକ୍ଷରୁ ଆର୍ନ୍ତଜାତିକ ବାଳିକା ଦିବସ ପାଳିତ

ଭଦ୍ରକ, ,୨/୧୧ (ନି.ପ୍ର): ପିଏମ୍ ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ରେକ୍ ଥ୍ରୋ ଟ୍ରଷ୍ଟ ପକ୍ଷରୁ ଭଦ୍ରକ ଜିଲ୍ଲା ପ୍ରକଳ୍ପ ସଂଯୋଜକ ତଥା ଜିଲ୍ଲା ଶିକ୍ଷାଧିକାରୀ ଙ୍କ ଆନୁକୂଲ୍ୟରେ ଆନ୍ତର୍ଜାତିକ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଭୀମ ଚରଣ ପରିଡ଼ାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ସିଡବ୍ଲ୍ୟୁସି ମୁଖପାତ୍ର ସୁବ୍ରତ ବିଶ୍ୱାଳ, ଡିପିସି ଅଫିସ୍ ଭଦ୍ରକ ରୁ ଜିଇସି ଇପ୍ସିତା ଜେନା ,ଭଦ୍ରକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ଚନ୍ଦ୍ର ମଲ୍ଲିକ, ସୋସିଆ ଚାଇଲ୍ଡ ଲ' ଅଫିସର ସୁବ୍ରତ କୁମାର ଦାସ ଓ ପୋଲିସ ଇନ୍ସପେକ୍ଟର ସଂଗ୍ରାମ କେଶରୀ ପଟ୍ଟନାୟକ ଯୋଗ ଦେଇ ଥିଲେ। ଅଂଚଳର ଅନେକ ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନେ ବର୍ଣ୍ଣାଳି କାର୍ଯ୍ୟକ୍ରମ ଆଧାରରେ ନାରୀ ଶିକ୍ଷା ଓ ନାରୀ ସଶକ୍ତିକରଣ ଉପରେ ବକ୍ତୃତା, ରଚନା, ଡ୍ରାମା,ପୋଷ୍ଟର ଓ ସ୍ଲୋଗାନ ଇତ୍ୟାଦି ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀ ଭାବେ ଇତିଶ୍ରୀ ସାମଲ (ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ), ରଶ୍ମିତା ଦାଶ (ପ୍ରଧାନ ଶିକ୍ଷୟିତ୍ରୀ, ହରି ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ), ଅରୁନ୍ଧତୀ ହୋତା, ଲକ୍ଷ୍ମୀପ୍ରିୟା ସାହୁ (ସହକାରୀ ଶିକ୍ଷୟିତ୍ରୀ, ସାତଭଉଣି ଉଚ୍ଚ ବିଦ୍ୟାପୀଠ), ରାମଚନ୍ଦ୍ର ମିଶ୍ର (ସହକାରୀ ଶିକ୍ଷକ, ଚାନ୍ଦିଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ) ଯୋଗଦାନ କରିଥିଲେ । ସଭାର ପରିଚାଳନା ଦାୟିତ୍ୱ ବଳାଜିତପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ପରମାଣିକ ସୁନ୍ଦରଭାବେ ତୁଲାଇଥିଲେ। ସଭାର ଶେଷ ଭାଗରେ ଉକ୍ତ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା 'ମା ଖୋଜେ ମମତା' ଓ ଲିଙ୍ଗଗତ ବୈଷମ୍ୟ ଉପରେ ଦୁଇଟି ସୁନ୍ଦର ନାଟକ ପରିବେଷିତ ହୋଇଥିଲା, ଯାହାକି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ସମସ୍ତ ଉପସ୍ଥିତ ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀଙ୍କୁ ସାଧୁବାଦ ଅର୍ପଣ କରାଯାଇଥିଲା । ବ୍ରେକ୍ ଥ୍ରୋ ଟ୍ରଷ୍ଟ, ଭୁବନେଶ୍ୱର ପକ୍ଷରୁ ଉପସ୍ଥିତ ଦୁଇ ଜଣ ସଦସ୍ୟ ପ୍ରଜ୍ଞା ପାରମିତା ବସ୍ତିଆ ଓ ଶ୍ରୀମତୀ ମାନି ଉକ୍ତ ଦିବସଟିକୁ ସଫଳତାର ସହ ପରିଚାଳନା ଓ ସମ୍ପାଦନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

# ଦୁର୍ଘଟଣାରେ ମୃତ ସିଆରପିଏଫ୍ ଯବାନଙ୍କ ପରିବାରକୁ ସହକର୍ମୀଙ୍କ ସହାୟତା

ଭଦ୍ରକ,୨/୧୧ (ନି.ପ୍ର): ଦୁର୍ଘଟଣାରେ ସିଆରପିଏଫ୍ ଯବାନ ଗୋପୀନାଥ ସୂତାରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପାଖରେ ଛିଡ଼ା ହୋଇଛନ୍ତି ୨୦୦୭ ବ୍ୟାଚ୍‌ର ସହକର୍ମୀମାନେ। ଧାମନଗର ବ୍ଲକ କରଦା ଗ୍ରାମର ରତ୍ନାକର ସୂତାରଙ୍କ ପୁଅ ଗୋପୀନାଥଙ୍କ ପରିବାରକୁ ସହକର୍ମୀମାନେ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ପ୍ରାପ୍ୟ ଓ ପରିବାରର ଜଣଙ୍କୁ ଚାକିରି ଯୋଗାଇବା ଦିଗରେ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ, ୪୨ ବର୍ଷୀୟ ଗୋପୀନାଥ ଚାକିରିରୁ ଛୁଟିରେ ଘରକୁ ଆସିଥିବାବେଳେ ଯାଜପୁରରେ ନିଜର ନୂତନ ଘର ନିର୍ମାଣ କାମ ଚାଲିଥିଲା। ଗତ ମାସ ୫ ତାରିଖ ସନ୍ଧ୍ୟାରେ ରଙ୍ଗପୁର ଛକରେ ରାଜମିସ୍ତ୍ରୀଙ୍କୁ ଅପେକ୍ଷା କରି ଛିଡ଼ା ହୋଇଥିବା ସମୟରେ ପଛପଟୁ ଆସିଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲରେ ଭର୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୋପୀନାଥଙ୍କ ମୃତ୍ୟୁରେ ପରିବାର ଭାଙ୍ଗି ପଡ଼ିଥିବାବେଳେ ଏଭଳି ସମୟରେ ସହକର୍ମୀମାନଙ୍କ ସହଯୋଗ ପରିବାରକୁ ଆଶ୍ୱସ୍ତି ଦେଇଛି। ସିଆରପିଏଫ୍‌ର ଆସିଷ୍ଟାଂଟ ସବ୍-ଇନ୍ସପେକ୍ଟର ସୁଶାନ୍ତ ମାଝୀ, ପବିତ୍ର କୁମାର ବେହେରା, ହେଡ୍ କନଷ୍ଟେବଲ ମିଲୁ ନାୟକଙ୍କ ସମେତ ଅନ୍ୟ ସହକର୍ମୀମାନେ ଉପସ୍ଥିତ ରହି ପରିବାରକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ସହ ସରକାରୀ ସୁବିଧା ଓ ପ୍ରାପ୍ୟ ପାଇବାରେ ସହାୟତା କରିବେ ବୋଲି ଆଶ୍ୱାସନା ଦେଇଥିଲେ। ସିଆରପିଏଫ୍ ୨୦୦୭ ବ୍ୟାଚ୍?ର ଯବାନମାନଙ୍କ ଏହି ସହାୟତା ଅନ୍ୟ ସହକର୍ମୀଙ୍କ ପାଇଁ ଉଦାହରଣ ପାଲଟିଛି। ଜଣେ ସହକର୍ମୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ସହ ସରକାରୀ ସୁବିଧା ଓ ଚାକିରି ପାଇଁ ସହଯୋଗର ହାତ ବଢ଼ାଇବା ଅନ୍ୟ ଯବାନମାନଙ୍କୁ ମଧ୍ୟ ନିଜ ସହକର୍ମୀଙ୍କ ପରିବାରର ଦୁଃଖ ସମୟରେ ପାଖରେ ଛିଡ଼ା ହେବାକୁ ପ୍ରେରଣା ଯୋଗାଇବ। ଏହା ଯବାନମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ପରସ୍ପର ପ୍ରତି ଥିବା ଦାୟିତ୍ୱବୋଧର ଏକ ଉଦାହରଣ।

# ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ କୋରାପୁଟ ଜିଲ୍ଲାର ୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ଜୟପୁର, ୨/୧୧ (ନି.ପ୍ର): - ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଅବସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ କୋରାପୁଟ ଜିଲ୍ଲାର ୬୭ ଜଣ ସେବକ, ସେବିକା ତଥା ଜନଜାତି ଭାଷା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଆଜି ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ରାଜ୍ୟସ୍ତରରେ ମଧ୍ୟ ୫୫ ଜଣଙ୍କୁ ନିଯୁକ୍ତି ମିଳିଛି। କୋରାପୁଟସ୍ଥିତ ସଭାବନା ସଭାଗୃହଠାରେ ଆୟୋଜିତ ଏହି ନିଯୁକ୍ତିପତ୍ର ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟଓ୍ୱାନ ମହାଜନ ଏବଂ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସସ୍ମିତା ମେଲେକା ଉପସ୍ଥିତ ରହି ନବନିଯୁକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏର୍ସ୍ଡିସି ଉପାଧକ୍ଷ ସୁକାନ୍ତି ମାଝୀ, ପିଏ ଆଇଟିଡିଏ, କୋରାପୁଟ ସ୍ନେହପ୍ରଭା ମାଝୀ ଏବଂ ଏଡିଡବ୍ଲୁଓ, କୋରାପୁଟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ଦ୍ୱାରା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଶିକ୍ଷା ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ମାତୃଭାଷା ଆଧାରିତ ଶିକ୍ଷାଦାନକୁ ବିଶେଷ ପ୍ରୋତ୍ସାହନ ମିଳିବ। ବିଶେଷକରି ଜନଜାତି ଛାତ୍ରଛାତ୍ରୀମାନେ ନିଜ ମାତୃଭାଷାରେ ଶିକ୍ଷାଲାଭ କରିବାର ସୁଯୋଗ ପାଇବା ସହ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଏହା ସହାୟକ ହେବ।

# ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ଆରମ୍ଭ

ସମ୍ବଲପୁର,୨/୧୧ (ନି.ପ୍ର): - ରବିବାର ଅପରାହ୍ନ ୨ଟା ୨୦ରୁ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ଆରମ୍ଭ ହୋଇଛି । ପ୍ରଥମେ ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲା ଯାଇଥିଲା । ଏହାପରେ ସନ୍ଧ୍ୟା ୬ସୁଦ୍ଧା ପର୍ଯ୍ୟାୟ କ୍ରମେ ଆଉ ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୩ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ନିଷ୍କାସନ ଜାରି ରହିଛି ।ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୯.୬୭ ଫୁଟ୍ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୧୭ ହଜାର ୬୮୨ କ୍ୟୁସେକ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୫ଟି ସ୍ଲୁଇସ୍ ଗେଟ୍, ସ୍ପିଲଓ୍ୱେ, ପାଓ୍ୱାର ଚେନେଲ, ଶିଳ୍ପ ବ୍ୟବହାର ଓ ବିଭିନ୍ନ କେନାଲ ଦେଇ ମୋଟ୍ ୮୫ ହଜାର ୯୧୫ କ୍ୟୁସେକ୍ ବନ୍ୟାଜଳ ନିଷ୍କାସନ ହେଉଛି

## ଛୁରୀ ଦେଖାଇ ଲୁଟ୍ ଘଟଣାରେ ୨ ଗିରଫ, ଟଙ୍କା ଓ ଆଇଫୋନ୍ ଜବତ

ସମ୍ବଲପୁର,୨/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ସାଦେଇପାଲି ଛକ ନିକଟରେ ଛୁରୀ ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟ୍ ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫଙ୍କ ମଧ୍ୟରେ ମହତାବ ନଗରର ୨୨ ବର୍ଷୀୟ ଦୁବେଶ ଓରଫ୍ ପ୍ରେମ କଲେତ ଏବଂ ସାଗର ଦୁଙ୍ଗୁରି ଓରଫ୍ କାଂଚା । ଉଭୟ ଅଭିଯୁକ୍ତ ବୁର୍ଲା ଥାନା ଅଞ୍ଚଳର ବାସିନ୍ଦା। ପୋଲିସ ସୂଚନାନୁଯାୟୀ, ଗତ ଅକ୍ଟୋବର ୩୦ ତାରିଖ ଅପରାହ୍ନ ପ୍ରାୟ ୫ଟା ୪୦ ମିନିଟ୍ ସମୟରେ ବୁର୍ଲା ସାଦେଇପାଲି ଛକ ନିକଟରେ ରାମଚନ୍ଦ୍ର ସାହୁ ନାମକ ବ୍ୟକ୍ତି ଛିଡ଼ା ହୋଇଥିବା ବେଳେ ତିନି ଜଣ ଯୁବକ ତାଙ୍କୁ ଘେରି ଯାଇଥିଲେ। ତାଙ୍କ ଚଳପ୍ରଚଳକୁ ରୋକିବା ସହ ଛୁରୀ ଦେଖାଇ ଗୁଗଲ୍ ପେ' ମାଧ୍ୟମରେ ଟଙ୍କା ଦେବାକୁ ଧମକ ଦେଇଥିଲେ। ଟଙ୍କା ଦେବାକୁ ମନା କରିବାରୁ ଛୁରୀ ମୁନରେ ଭୟଭୀତ କରି ତାଙ୍କ ଆଇ-ଫୋନ୍ ଛଡ଼ାଇ ନେଇଥିଲେ। ପରେ ଫୋନ୍‌ର ଗୁଗଲ୍ ପେ' ସ୍କାନର ଖୋଲି ପାସୱାର୍ଡ ମାଧ୍ୟମରେ ଅନଲକ୍ କରି ମୋଟ ୫ ହଜାର ୫ଶହ ଟଙ୍କା ନିଜ ଆକାଉଂଟକୁ ଟ୍ରାନ୍ସଫର କରି ନେଇଥିଲେ। ଏହାସହ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଲେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମଧ୍ୟ ଧମକ ଦେଇଥିଲେ। ଏ ସମ୍ପର୍କରେ ରାମଚନ୍ଦ୍ର ସାହୁ ବହୁ ଭାବିଚିନ୍ତି ପୋଲିସ ଉପରେ ଭରସା ରଖି ଶେଷରେ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏ ସମ୍ପର୍କରେ ବୁର୍ଲା ଥାନାରେ ୪୬୦/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ୫ ହଜାର ୫ ଶହ ଟଙ୍କା ଏବଂ ଆଇଫୋନ୍ ୧୬ ପ୍ଲସ୍ କୁ ଜବତ କରିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଆଜି କୋର୍ଟ ଚାଲାଣ କରିଛି।

## ରାମଚନ୍ଦ୍ର ପଣ୍ଡାଙ୍କ ସ୍ମୃତିରେ ରକ୍ତଦାନ ଶିବିର, ୪୫ ୟୁନିଟ ରକ୍ତ ସଂଗୃହୀତ

ଭଦ୍ରକ,୨/୧୧ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଂଚାୟତର ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ସ୍ମୃତିରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୪୫ ୟୁନିଟ ରକ୍ତ ସଂଗୃହିତ ହୋଇଛି। ବାବା କ୍ଷେମେଶ୍ୱର ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଆୟୋଜିତ ଏହି ରକ୍ତଦାନ ଶିବିରକୁ ପାଂଚପଡ଼ା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପିତାମ୍ବର ମିଶ୍ର , ବନ୍ଧଗାଁ ସରପଂଚ ନିରୋଦ ଚନ୍ଦ୍ର ରାଉତ,ପୂର୍ବତନ ସମିତିସଭ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ସମାଜସେବୀ ରାଧାକାନ୍ତ ପଣ୍ଡା ଓ ପ୍ରଭାକର ସାମଲ ଉପସ୍ଥିତ ହୋଇ ରକ୍ତଦାନ ଶିବିରର ଉଦଘାଟନ କରିଥିଲେ । ଭଦ୍ରକ ରକ୍ତଭଣ୍ଡାରର ଡାକ୍ତର ଲିଲିମା ସ୍ୱାଇଁ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ରତିକାନ୍ତ ବଳ, ଦେବେନ୍ଦ୍ର ବିଶ୍ୱାଳ, ଅରୁଣ ପରିଡା ଓ ବଳରାମ ପୁହାଣ ରକ୍ତ ସଂଗ୍ରହ ରେ ସାହାଯ୍ୟ କରିଥିଲେ। ସଙ୍ଗଠନର ସମ୍ପାଦକ ଗଣେଶ ମହାଳିକ,ସୁବାଷ ଚନ୍ଦ୍ର ବେହେରା,ଶ୍ୟାମ ସୁନ୍ଦର ପଣ୍ଡା,ମହେଶ ସାହୁ,ରବୀନ୍ଦ୍ର ନାୟକ, ଶଶିକାନ୍ତ ରାଉଳ, ସତ୍ୟପ୍ରକାଶ ବାରିକ,ସନ୍ତୋଷ ସାମଲ,ରଞ୍ଜନ ଦାସ,ଆଲୋକ କୁମାର ନାୟକ,କାର୍ତିକ ଦାସ,ବନମାଳୀ ନାୟକ,ରଶ୍ମିରଞ୍ଜନ ସେନାପତି ସହଯୋଗ କରିଥିବା ବେଳେ ସାମ୍ବାଦିକ ତପନ କୁମାର ପଣ୍ଡା ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

# ବନ୍ୟା ରିଲିଫ୍ ଚାଉଳରେ ହେରଫେର ଅଭିଯୋଗ : ୭ ଦିନରେ ନ୍ୟାୟ ନହେଲେ ଗଣଧାରଣା




ବାଲିଆପାଳ, ୨/୧୧(ନି.ପ୍ର): ବନ୍ୟାରେ ତିନିରୁ ଚାରିଥର କ୍ଷତିଗ୍ରସ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତର ଦକ୍ଷିଣ ଓ ଉତ୍ତର ମହାବଳା ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଏକପଟେ ବନ୍ୟାରେ ଘରଦ୍ୱାର ଓ ଧାନ ଫସଲ ନଷ୍ଟ ହୋଇଥିବା ବେଳେ, ଅନ୍ୟପଟେ ରିଲିଫ୍ ଚାଉଳ ବଣ୍ଟନରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ନିୟମ ଅନୁସାରେ ରିଲିଫ୍ ଚାଉଳ ପ୍ରଦାନ କରିବା ପରିବର୍ତ୍ତେ ମୁଣ୍ଡପିଛା ମାତ୍ର ୧ କେଜି ୭୦୦ ଗ୍ରାମ ଚାଉଳ ଦେବାକୁ ଉଦ୍ୟମ କରାଯାଉଛି । ଏଥିସହ ବନ୍ୟା କ୍ଷତିଗ୍ରସ୍ତ ଅନେକ ପରିବାର ଏପର୍ଯ୍ୟନ୍ତ ଜରିପାଲ ଓ ଆବଶ୍ୟକୀୟ ରିଲିଫ୍ ସହାୟତାରୁ ବଞ୍ଚିତ ଥିବା କହିଛନ୍ତି । ଏହି ଘଟଣାରେ ମହାବଳା ଗ୍ରାମବାସୀଙ୍କ ପକ୍ଷରୁ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର, ବାଲେଶ୍ୱର ଜିଲ୍ଲାପାଳ ଓ ବାଲିଆପାଳ ବିଡିଓଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି । ରିଲିଫ୍ ଚାଉଳ ବଣ୍ଟନର ନିରପେକ୍ଷ ତଦନ୍ତ, ଯୋଗ୍ୟ ପରିବାରଙ୍କୁ ପ୍ରାପ୍ୟ ଚାଉଳ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ ସହ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଆସନ୍ତା ୭ ଦିନ ମଧ୍ୟରେ ନ୍ୟାୟ ନମିଳିଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସାମାଜିକ ସଂଗଠନ 'ଆମ ଅଧିକାର ଫାଉଣ୍ଡେସନ' ଏବଂ ଗ୍ରାମବାସୀ ଗଣମାଧ୍ୟମ ଜରିଆରେ ଚେତାବନୀ ଦେଇଛନ୍ତି । ଏବେ ପ୍ରଶାସନ ଏହି ଅଭିଯୋଗ ଉପରେ କି ପଦକ୍ଷେପ ନେଉଛି, ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି ।

# ଖାଲିନା ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଜଳେଶ୍ୱର, ୨/୧୧(ନି.ପ୍ର) : ଜଳେଶ୍ୱର ବ୍ଲକ୍ ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଖାଲିନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ଭିତରେ ଲୁକ୍କାୟିତ ପ୍ରତିଭାର ବିକାଶ ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ସମୁଦାୟ ୧୭ଟି କ୍ଲଷ୍ଟରରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ ।ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଏହି ଉତ୍ସବର ପ୍ରଥମ ଉଦ୍‌ଘାଟନୀ ଅଧିବେଶନରେ ବିଆରସିସି ସୁଶାନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିଲେ । ସୁକୁମାର ମିଶ୍ରଙ୍କ ବେଦ ପାଠ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ସରୋଜ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଭାବେ ଅନୁସୟା ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ମ୍ୟୁନିସିପାଲଟି ଅଧକ୍ଷ ପ୍ରଦୀପ କୁମାର ପ୍ରଧାନ, ବ୍ଲକ ଉପାଧକ୍ଷା ସ ିତା ସେନାପତି ,ଏସଏମସି ସଭାପତି ସୁଶାନ୍ତ କୁମାର ମହାପାତ୍ର, ସ୍ଥାନୀୟ ସରପଞ୍ଚ ମିନତୀ ମହାପାତ୍ର ଓ ସସ୍ମିତା ଦତ୍ତ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶରେ ଏ ଭଳି ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ବିଭିନ୍ନ ବର୍ଗରେ ମୋଟ ୩୧ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନ୍ଦର ହାଂସଦା ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ଣରେ ଅନୁଷ୍ଠିତ ଦ୍ୱିତୀୟ ତଥା ଉଦ୍‌ଯାପନୀ ଅଧିବେଶନରେ ମଧ୍ୟ ବିଆରସିସି ଶ୍ରୀ ଜେନା ଅଧ୍ୟକ୍ଷତା କରିଥିଲେ । ଦିଲ୍ଲୀପ କୁମାର ସେଠୀ ଓ ସୁଶାନ୍ତ କୁମାର ଦାସ ଅତିଥିମାନଙ୍କୁ ମ ଆହ୍ୱାନ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ।ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦ (ଆଲୁମିନି) ସଭାପତି ବୁଦ୍ଧଦେବ ଦେ,ରାଜେନ୍ଦ୍ର ନାୟକ, ହରେକୃଷ୍ଣ ଜେନା, ହରମନ୍ ମହନ୍ତ ଓ ସୁବ୍ରତ ସେନାପତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ ।

# ଲକ୍ଷ୍ମଣନାଥ ଟୋଲ୍ ଗେଟ୍ ନିକଟରୁ ନକଲି ଆରଟିଓ ଗିରଫ




ବାଲିଆପାଳ, ୨/୧୧(ନି.ପ୍ର) ନକଲି ଆରଟିଓ ଅଧିକାରୀ ସାଜି ଗାଡ଼ି ଚାଳକଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ଜଳେଶ୍ୱର ପୋଲିସ । ଗିରଫ ଯୁବକ ଜଣକ ହେଲେ ବିଜୟ ମହାନ୍ତି । ତାଙ୍କ ଘର ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଗୋବରଘାଟା ପଞ୍ଚାୟତ ଅଞ୍ଚଳରେ ବୋଲି ଜଣାପଡ଼ିଛି ,ସୂଚନା ଅନୁଯାୟୀ, ନକଲି ଆରଟିଓ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ଜଳେଶ୍ୱର ପୋଲିସ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ୍ ଗେଟ୍ ନିକଟରେ ଚଢ଼ାଉ କରିଥିଲା । ଏହି ସମୟରେ ବିଜୟଙ୍କୁ ଧରିବା ସହ ତାଙ୍କ ନିକଟରୁ ନକଲି ରବର ଷ୍ଟାମ୍ପ, ପଶ୍ଚିମବଙ୍ଗର ରସିଦ, ଆରଟିଓ ସିଲ୍, ନଗଦ ୧,୭୦୦ ଟଙ୍କା, ଗୋଟିଏ ୟୁନିକର୍ଣ୍ଣ ମୋଟରସାଇକେଲ ଏବଂ ମୋବାଇଲ ଫୋନ୍ ଜବତ କରିଥିଲା ।ଏହି ଘଟଣାରେ ଜଳେଶ୍ୱର ଥାନାରେ କେସ୍ ନମ୍ବର ୬୪୬/୨୬ରେ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତ ବିଜୟ ମହାନ୍ତିଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି ।ଏହି ଚଢ଼ାଉରେ ଜଳେଶ୍ୱର ଥାନା ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ର ଏବଂ ସବ୍-ଇନ୍ସପେକ୍ଟର ଆଶୁତୋଷ ଜେନାଙ୍କ ସମେତ ପୋଲିସ କର୍ମଚାରୀମାନେ ସାମିଲ ଥିଲେ । ଘଟଣାରେ ନକଲି ଆରଟିଓ ପରିଚୟ ଦେଇ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି କି ନାହିଁ, ସେ ନେଇ ପୋଲିସ ତଦନ୍ତ କରୁଥିବା ଜଣାପଡ଼ିଛି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର, ୦୨/୧୧ (ନି.ପ୍ର): ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୯୯ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୩୯ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୫୦ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୨୫ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ବାଲେଶ୍ୱର ନିର୍ବାହୀ ଅଧିକାରୀ, ପୌରପାଳିକା ଶ୍ରୀଯୁକ୍ତ ଶିରୀୟାଲ ଶୁଭ୍ର ପଟେଲ, ସଦର ବିଡିଓ ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା, ସଦର ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# କେନାଲରେ ପଡି ବୃଦ୍ଧ ମୃତ

ବସ୍ତା, ୨/୧୧(ନି.ପ୍ର) : ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବୋଲଙ୍ଗ ଗ୍ରାମରେ ଅଘଟଣ । ଦୀର୍ଘ ଦିନ ଧରି ଶ୍ୱଶୁର ଘରେ ରହୁଥିବା ଚାନ୍ଦିପୁର ଥାନା ପୋଡାନଗର ଗ୍ରାମର ସ୍ୱର୍ଗତ କପିଳାଶ ମଣ୍ଡଳଙ୍କ ୫୭ ବର୍ଷର ପୁତ୍ର ମହେନ୍ଦ୍ରଙ୍କ ମୃତ୍ୟୁ । ସୂଚନା ଅନୁସାରେ ମହେନ୍ଦ୍ର ଦୀର୍ଘ ଦିନ ଧରି ଶ୍ୱଶୁର ଘରେ ରହୁଥିବା ବେଳେ, ଗତକାଲି ଅପରାହ୍ନରେ ଶୌଚ ହେବାକୁ ନିକଟସ୍ଥ କେନାଲକୁ ଯାଇ ଫେରିନଥିଲେ । ରାତି ସାରା ପରିବାର ଲୋକେ ଅନେକ ଖୋଜାଖୋଜି କରି ପାଇ ନ ଥିଲେ । ତେବେ ଆଜି ସକାଳ ସମୟରେ କେନାଲ ପାଣିରେ ଭାସୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ତାଙ୍କୁ ବସ୍ତା ମେଡିକାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣାସ୍ଥଳ ରେ ସିଂଲା ପୋଲିସ ପହଂଚି ୨୭/୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ପୋଷ୍ଟମର୍ଟମ କରି ପରିବାରକୁ ହସ୍ତାନ୍ତର କରିଛି ।

# ତୃଣମୂଳ ସ୍ତରରେ ପହଞ୍ଚିବ ମୟୂରଭଞ୍ଜ ଇତିହାସ: ମୟୂରଭଞ୍ଜ ମିରର ଆରମ୍ଭ କରିବ ବଡ ଅଭିଯାନ

ବାରିପଦା, ୦୨/୧୧ (ନି.ପ୍ର): ମୟୂରଭଞ୍ଜର ପ୍ରକୃତି, ପର୍ଯ୍ୟଟନ, ଇତିହାସ ଓ ଐତିହ୍ୟର ସୁରକ୍ଷା ତଥା ପ୍ରଚାର ପ୍ରସାର ନିମନ୍ତେ ୨୦୧୮ ମସିହା ଠାରୁ କାର୍ଯ୍ୟ କରୁଥିବା ମୟୂରଭଞ୍ଜ ମିରର ସଂଗଠନ ଆଗାମୀ ଦିନରେ ମୟୂରଭଞ୍ଜ ମାଟିର ଇତିହାସକୁ ଯୁବବର୍ଗ ଓ ଜେନ-ଜିଙ୍କ ନିକଟରେ ପହଞ୍ଚାଇବାକୁ ପର୍ଯ୍ୟାୟ କ୍ରମେ ଜିଲ୍ଲାର ଚାରୋଟି ଯାକ ଉପଖଣ୍ଡରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ଯାଉଛି । ପ୍ରାଚୀନ ମୟୂରଭଞ୍ଜ ଇତିହାସ, ମୋଗଲ ଆକ୍ରମଣ, ମରହଟ୍ଟା ଆକ୍ରମଣ, ରାଜଧାନୀ ସ୍ଥାନାନ୍ତରଣ, ଶାସନ ତନ୍ତ୍ରର ବିଶେଷତ୍ୱ, ରେଳସେବା, ଜନଜୀବନ, ନବ-ଉତ୍କଳ ନିର୍ମାଣରେ ମୟୂରଭଞ୍ଜର ଭୂମିକା ଆଦି ଐତିହାସିକ ଘଟଣା ସମ୍ପର୍କରେ ଏହି ଅଭିଯାନ ମାଧ୍ୟମରେ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ ବୋଲି ମୟୂରଭଞ୍ଜ ମିରରର ମୁଖପାତ୍ର ସୁଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏହି ଅଭିଯାନରେ ଶୁଭସ୍ମିତା ସାହୁ, ଅପର୍ଣ୍ଣା ସିଂହ, ଅଂଶୁମାନ ମହାନ୍ତ, ମଧୁସ୍ମିତି କର, ସୋମାଂଶୁ ମହାନ୍ତି, ଶୁଭସ୍ମିତା ମହାନ୍ତ, କୌଶିକ ଗିରି, ଦାନିସ କୁମାର ସାହୁ, ଗୀତାଞ୍ଜଳୀ କର ପ୍ରମୁଖ ଇତିହାସ ବର୍ଣ୍ଣନା କରିବା ସହ ଅଭିଯାନକୁ ଆଗକୁ ନେବେ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଧର୍ମପରାୟଣା ମହିଳା ସାବିତ୍ରୀ ନାୟକଙ୍କ ପରଲୋକ



ଭଦ୍ରକ, ୦୨/୧୧ (ନି.ପ୍ର): ଭଦ୍ରକ ମଠସାହି ମୋର୍ଚେଲ ଛକ ନିବାସୀ ସାମାଜିକ କର୍ମୀ ତଥା ଧର୍ମପରାୟଣା ମହିଳା ସାବିତ୍ରୀ ନାୟକଙ୍କର ଆଜି ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ପୁଅ ରାଜ କିଶୋରେ ନାୟକ, ବ୍ରଜ କିଶୋରେ ନାୟକ, ତପନ କୁମାର ନାୟକ, ଦେବାଶିଷ ନାୟକ, ଝିଅ ଭାରତୀ ନାୟକ, ଜ୍ୱାଇଁ ରାଜ କିଶୋର ସ୍ୱାଇଁ ବୋହୁ, ରେଣୁବାଳା ନାୟକ, ଇତିଶ୍ରୀ ନାୟକ, ସଞ୍ଜୁଲତା ନାୟକ, ଲୋପାମୁଦ୍ରା ନାୟକ, ସାମାଜିକ କର୍ମୀ କୁନି ମହାନ୍ତି, ମିନୁ ଶର୍ମା, ରବୀନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ତାଙ୍କର ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଅନ୍ତେଷ୍ଟି କ୍ରିୟା କରାଯାଇଥିଲା ସେ ଜଣେ ପରୋପକାରୀ,ଦରଦୀ, ଧର୍ମପରାୟଣ ମହିଳା ଥିଲେ କ୍ଷତାଙ୍କ ବିୟୋଗ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ଦାସ,ସାମ୍ବାଦିକ ରବିନାରାୟଣ ଖିଲାର, ଆଇନଜୀବୀ ପ୍ରଫୁଲ୍ଲ ରଥ, ଦୀପକ ସାହୁ, ଶିଳ୍ପଦ୍ୟୋଗୀ ପ୍ରଜ୍ଞା ପରମିତା ମହାନ୍ତି, ଅନିଲ ନାୟକ, ପଦ୍ମନାଭ ଜେନା, ଶାନ୍ତନୁ ଗୁହ ପ୍ରମୁଖ ଶୋକ ପ୍ରକଟ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମୁରାସୁ ପ୍ରଭାବରେ...

ସେହିପରି ଆସନ୍ତାକାଲି ଓ ୪ ତାରିଖରେ ୬ଟି ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲ୍ଲାଗୁଡ଼ିକ ହେଲା ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି, ଗଞ୍ଜାମ ଓ କନ୍ଧମାଳ । ଏହାବ୍ୟତୀତ ଦୁଇ ଦିନ ପାଇଁ ଅନ୍ୟ ୧୪ଟି ଜିଲ୍ଲାକୁ ୟେଲୋ ସତର୍କତା ଜାରି କରାଯାଇଛି । ବାତ୍ୟାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ବଢ଼ିବା ସମ୍ଭାବନା ଥିବାରୁ ତଳିଆ ଅଞ୍ଚଳରେ ଜଳ ଜମିବା, ରାସ୍ତାଘାଟରେ ଯାତାୟାତ ସମସ୍ୟା ଓ ବଜ୍ରପାତ ଭଳି ବିପଦ ପ୍ରତି ସତର୍କ ରହିବା ଆବଶ୍ୟକ । ପାଣିପାଗ ବିଭାଗର ସଦ୍ୟତମ ସୂଚନା ଓ ସ୍ଥାନୀୟ ପ୍ରଶାସନର ପରାମର୍ଶ ଅନୁସରଣ କରିବାକୁ କୁହାଯାଇଛି ।

### ଦିଲ୍ଲୀରେ ବଢ଼ିଲା...

ତେବେ ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ଏକାଧିକ କଟକଣା ଲାଗୁ କରାଯିବା ସହିତ ୫୦ ପ୍ରତିଶତ କର୍ମଚାରୀ କରିବେ ୱାର୍କ ଫ୍ରମ୍ ହୋମ୍ ନିୟମ କରାଯାଇଛି । ପୁରୁଣା ଗାଡ଼ିର ପ୍ରବେଶ ଉପରେ ରୋକ୍ ଠାରୁ ଆରମ୍ଭ କରି ୱାର୍କ ଫ୍ରମ୍ ହୋମ୍ ପର୍ଯ୍ୟନ୍ତ ଏକାଧିକ ପଦକ୍ଷେପ ନିଆଯାଇଛି । ଏପରିକି ଗାଡ଼ିର **PUC** ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ଓ ଡିଜେଲ ମିଳିବ ନାହିଁ । ନଭେମ୍ବର ୧ରୁ ଫେବ୍ରୁଆରି ୨୮ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଏହି କଟକଣା ଲାଗୁ ରହିବ ।

ପ୍ରଥମ କଟକଣା ହେଉଛି ଗାଡ଼ି ଚଳାଚଳ ଉପରେ । ଦିଲ୍ଲୀ ବାହାରେ ପଞ୍ଜୀକୃତ **BS-VI** ମାନକଠାରୁ କମ୍ ମାନର ଗାଡ଼ିକୁ ରାଜଧାନୀରେ ପ୍ରବେଶ ଅନୁମତି ମିଳିବ ନାହିଁ । ତେବେ ଇଲେକ୍ଟ୍ରିକ୍, **CNG** ଏବଂ ଜରୁରୀକାଳୀନ ସେବାରେ ନିୟୋଜିତ ଗାଡ଼ିକୁ ଏଥିରୁ ଛାଡ଼ ଦିଆଯାଇଛି ।

ଦ୍ୱିତୀୟ କଟକଣା ହେଉଛି ୱାର୍କ ଫ୍ରମ୍ ହୋମ୍ । ସରକାରୀ ଓ ଘରୋଇ କାର୍ଯ୍ୟାଳୟର ୫୦ ପ୍ରତିଶତ କର୍ମଚାରୀ ଘରୁ କାମ କରିବେ । ଏହାଦ୍ୱାରା ରାସ୍ତାରେ ଗାଡ଼ି ସଂଖ୍ୟା କମିବା ସହ ଯାତାୟାତ ଜନିତ ପ୍ରଦୂଷଣ ହ୍ରାସ ପାଇବା ଲକ୍ଷ୍ୟ ରଖାଯାଇଛି । ତୃତୀୟ କଟକଣା ଅନୁସାରେ, ଗାଡ଼ିର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବା ଚଟଉ ନଥିଲେ ପେଟ୍ରୋଲ ପମ୍ପରେ ଇନ୍ଧନ ମିଳିବ ନାହିଁ । ଚତୁର୍ଥ ପଦକ୍ଷେପ ଭାବେ ଧୂଳି ସୃଷ୍ଟି କରୁଥିବା ନିର୍ମାଣ କାମ ଉପରେ କଟକଣା ଲଗାଯାଇଛି । ଏହାସହ ଦିଲ୍ଲୀର ସରକାରୀ ପାର୍କିଂରେ ପାର୍କିଂ ଫି' ଦୁଇଗୁଣ କରାଯାଇଛି । ଗାଡ଼ି ବ୍ୟବହାରକୁ ନିରୁତ୍ସାହିତ କରିବା ଏହାର ଉଦ୍ଦେଶ୍ୟ । ଯାତାୟାତ ଭିଡ଼ କମାଇବା ପାଇଁ ସରକାରୀ କାର୍ଯ୍ୟାଳୟର ସମୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି ।

### ଉମର ଅବଦୁଲ୍ଲାଙ୍କ...

ଅନ୍ୟପଟେ ନ୍ୟାସନାଲ କନଫରେନ୍ସର ଶ୍ରୀନଗର ସାଂସଦ ଆଗା ସୟଦ ରୁହୁଲ୍ଲା ମେହଦୀ ମଧ୍ୟ ଦଳ ଓ ଲୋକସଭା ସଦସ୍ୟ ପଦ ଛାଡ଼ିବାକୁ ଘୋଷଣା କରିଛନ୍ତି । ନଭେମ୍ବର ୩ ତାରିଖରେ ଇସ୍ତଫା ଦେବେ ବୋଲି ସେ କହିଛନ୍ତି । ଧାରା ୩୭୦ର ପୁନଃସ୍ଥାପନ, ବନ୍ଦୀମାନଙ୍କ ମୁକ୍ତି ଓ ଜମ୍ମୁ-କଶ୍ମୀରବାସୀଙ୍କ ଅଧିକାରର ସୁରକ୍ଷା ନେଇ ଦଳ ନିଜ ପ୍ରତିଶ୍ରୁତି ପାଳନ କରିନଥିବା ତାଙ୍କ ଅଭିଯୋଗ । ରୁହୁଲ୍ଲାଙ୍କ କହିବା ଅନୁସାରେ, ନିର୍ବାଚନୀ ଘୋଷଣାପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ଆଧାରରେ ଦଳ ଜନସମର୍ଥନ ପାଇଥିଲା । କିନ୍ତୁ ସେହି ପ୍ରତିଶ୍ରୁତି ପୂରଣ କରିବା ବଦଳରେ ନେତୃତ୍ୱ ରାଜନୈତିକ ବାସ୍ତବତାର ଆଳ ଦେଖାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ନଭେମ୍ବର ୩ରେ ବଡଗାମର ବେହିଷ୍ଟ-ଏ-ଜହରା ପାର୍କରେ ଏକ ଜନସଭାକୁ ମଧ୍ୟ ସେ ସମ୍ବୋଧନ କରିବେ ବୋଲି ରିପୋର୍ଟରେ କୁହାଯାଇଛି । କିନ୍ତୁ ଏନ୍‌ସି ବିଧାୟକ ହିଲାଲ ଅକବର ଲୋନ ଅସନ୍ତୁଷ୍ଟ ବିଧାୟକଙ୍କ ବୈଠକକୁ ନେଇ ହେଉଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି । ଦଳ ଓ ନେତୃତ୍ୱ ପ୍ରତି ନିଜର ଆନୁଗତ୍ୟ ଅତୁଟ ରହିଥିବା ସେ କହିଛନ୍ତି । ଦଳ ତାଙ୍କୁ ରାଜନୈତିକ ପରିଚୟ ଦେଇଛି ଏବଂ କୌଣସି ପଦପଦବିର ଲୋଭ ତାଙ୍କ ଆନୁଗତ୍ୟକୁ ବଦଳାଇପାରିବ ନାହିଁ ବୋଲି ମଧ୍ୟ କହିଛନ୍ତି । ଜମ୍ମୁ-କଶ୍ମୀରର ୯୦ ଆସନ ବିଶିଷ୍ଟ ବିଧାନସଭାରେ ନ୍ୟାସନାଲ କନଫରେନ୍ସର ୪୧ ଜଣ ବିଧାୟକ ଅଛନ୍ତି । କଂଗ୍ରେସ ଓ ଅନ୍ୟ ସମର୍ଥକଙ୍କ ସହଯୋଗରେ ଦଳ ସରକାର ଚଳାଉଛି । ଏଭଳି ସ୍ଥିତିରେ ଦଳ ଭିତରେ ଅସନ୍ତୋଷ କେତେ ଦୂର ଗମ୍ଭୀର ରୂପ ନେଉଛି ଏବଂ ନେତୃତ୍ୱ ଏହାର ସମାଧାନ କିପରି କରୁଛି, ତାହା ଉପରେ ଏବେ ରାଜନୈତିକ ମହଲର ନଜର ରହିଛି ।

### ପଦ୍ମଶ୍ରୀ ଡା. ଅଶୋକ କୁମାର ...

ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏବଂ ବର୍ତ୍ତମାନର ପ୍ରିନ୍ସିପାଲ୍ ଆଡ୍‌ଭାଇଜର ଭାବେ ଦାୟିତ୍ୱ ତୁଲାଇଥିଲେ । ଏହା ପୂର୍ବରୁ ସେ ନୂଆଦିଲ୍ଲୀ ଓ ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ଭାବେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ଜଣେ ଦକ୍ଷ ଚିକିତ୍ସକ ଭାବେ ରୋଗୀ ସେବା ସହିତ ସେ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପରେ ମଧ୍ୟ ସକ୍ରିୟ ଥିଲେ । ବିଭିନ୍ନ ଉପାଦେୟ ପୁସ୍ତକ ରଚନା କରିବା ସହ ଚିକିତ୍ସା ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ସମନ୍ୱୟର ଗୁରୁତ୍ୱ ସମ୍ପର୍କରେ ସେ ସମାଜକୁ ସଚେତନ କରୁଥିଲେ । ତାଙ୍କ ବିୟୋଗରେ ଚିକିତ୍ସା ଜଗତ ଜଣେ ଦକ୍ଷ, ଅଭିଜ୍ଞ ଓ ମାନବସେବୀ ଚିକିତ୍ସକଙ୍କୁ ହରାଇଲା ।

### ହାଇକୋର୍ଟ ଗଲେ...

ଏହାକୁ ନେଇ ଚୌଦ୍ୱାର ଥାନାରେ ମାମଲା ରୁଜୁ ହୋଇଛି । ଗିରଫଦାରି ଆଶଙ୍କାରେ ଏବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୁଶାନ୍ତ ନାଥ । ଜାମିନ ଆବେଦନ ସହ ମାମଲା ଖାରଜ କରିବାକୁ ମଧ୍ୟ କୋର୍ଟଙ୍କୁ ଅନୁରୋଧ କରିଛନ୍ତି । ମାମଲା ରୁଜୁ ହେବାର ୨୪ ଘଣ୍ଟା ବିତିଥିବା ବେଳେ ପୁଲିସ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ କରିଛି । ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ସୁଶାନ୍ତଙ୍କ ବିରୋଧରେ ମାମଲା ହୋଇଛି । ଖୁବ୍‌ଶୀଘ୍ର ମାଜିଷ୍ଟ୍ରେଟ୍ ?ଙ୍କ ନିକଟରେ ମଧ୍ୟ ସନ୍ତୋଷିନୀଙ୍କ ବୟାନ ରେକର୍ଡ ହେବାକୁ ଥିବା ସୂଚନା ମିଳିଛି ।

# ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଜରୁରୀକାଳୀନ ଓପିଡି ସେବା ଆରମ୍ଭ







ପାରାଦୀପ, ୦୨/୧୧ (ନି.ପ୍ର): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇଦେବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ **JSW** ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଔଝଡ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜରୁରୀକାଳୀନ ବହିର୍ବିଭାଗ (**Emergency OPD**) ସେବା ଆରମ୍ଭ କରାଯାଇଛି । ଔଝଡ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଶ୍ରୀ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ କରିବା ସହ ସମାଜ କଲ୍ୟାଣ ଓ ମୌଳିକ ସ୍ୱାସ୍ଥ୍ୟସେବାର ସୁଯୋଗକୁ ସୁଦୃଢ଼ କରିବା ପାଇଁ ସଂସ୍ଥାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ପୂର୍ବରୁ ଏହି ତିନୋଟି ଗ୍ରାମ ପଞ୍ଚାୟତର ଲୋକମାନେ ବିଶେଷକରି ରାତ୍ରି ସମୟରେ ଜରୁରୀକାଳୀନ ଚିକିତ୍ସା ଓ ପ୍ରାଥମିକ ଚିକିତ୍ସା ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (**CHC**) ଉପରେ ନିର୍ଭର କରୁଥିଲେ । ନିକଟରେ ରାତ୍ରିକାଳୀନ ଚିକିତ୍ସା ସେବାର ସୁବିଧା ନଥିବାରୁ ଜରୁରୀ ପରିସ୍ଥିତିରେ ଠିକ୍ ସମୟରେ ଚିକିତ୍ସା ପାଇବା ପାଇଁ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଜନସାଧାରଣଙ୍କ ଏହି ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ **JSW** ଉତ୍କଳ ଷ୍ଟିଲ୍ ଓ **JSW** ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏହି ଜରୁରୀକାଳୀନ **OPD** ସେବା ଆରମ୍ଭ କରାଯାଇଛି । ଏହି ସେବା ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ତିନୋଟି ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କୁ ଉପଲବ୍ଧ ହେବ । ପ୍ରତିଦିନ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଏହି ସେବା ଜାରି ରହିବ । ଏହି ସେବାକୁ ଅଧିକ ପ୍ରଭାବଶାଳୀ ଓ ସୁଗମ କରିବା ପାଇଁ ରାତ୍ରି ସମୟରେ ଜଣେ ପୂର୍ଣ୍ଣକାଳୀନ **MBBS** ଡାକ୍ତର, ଜଣେ ଉତ୍ସର୍ଗୀକୃତ ସହାୟକ ଏବଂ ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିବ । ଏହାଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ରୋଗୀମାନେ ତୁରନ୍ତ ଡାକ୍ତରୀ ପରାମର୍ଶ ଓ ପ୍ରାଥମିକ ଚିକିତ୍ସା ପାଇପାରିବେ । ଯେଉଁ ରୋଗୀମାନଙ୍କୁ ଅଧିକ ଉନ୍ନତ ଚିକିତ୍ସା ବା ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ରହିବ, ସେମାନଙ୍କୁ **JSW** ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବ । ଏହି ପଦକ୍ଷେପ ଜରୁରୀକାଳୀନ ଚିକିତ୍ସା ସେବା ପାଇବାରେ ବିଳମ୍ବକୁ ହ୍ରାସ କରିବା ସହ ଅନେକ ଜୀବନ ବଞ୍ଚାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଠିକ୍ ସମୟରେ ଚିକିତ୍ସା ଓ ତ୍ୱରିତ ଆମ୍ବୁଲାନ୍ସ ସେବା ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେବ ।ଏହି ସେବାର ଶୁଭାରମ୍ଭ ଅବସରରେ **JSW** ଉତ୍କଳ ଷ୍ଟିଲ୍‌ର ବରିଷ୍ଠ ଅଧିକାରୀ ଶ୍ରୀ ମନୋଜ ସିଂହ, ଉପସଭାପତି, **JSW** ଉତ୍କଳ ଷ୍ଟିଲ୍, ପାରାଦୀପ; ଶ୍ରୀ ମିତ୍ରଭାନୁ ଚୌଧୁରୀ, ଆସୋସିଏଟ୍ ଉପସଭାପତି, **JSW** ଉତ୍କଳ ଷ୍ଟିଲ୍, ପାରାଦୀପ; ଏବଂ ଶ୍ରୀ ଅଭିଜିତ ମହାନ୍ତି, **CSR** ମୁଖ୍ୟ, **JSW** ଫାଉଣ୍ଡେସନ୍, ପାରାଦୀପ ଉପସ୍ଥିତ ରହି ସେବାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ତିନୋଟି ଗ୍ରାମ ପଞ୍ଚାୟତର ପ୍ରମୁଖ ଜନପ୍ରତିନିଧି ଓ ସମାଜସେବୀଙ୍କ ମଧ୍ୟରେ ଶ୍ରୀ ସ୍ମୃତି ମନ୍ତ୍ରୀ, ଶ୍ରୀ ଯଦୁନାଥ ଖଟୁଆ, ଶ୍ରୀ ତାମିଲ ପ୍ରଧାନ, ଶ୍ରୀ ସମ୍ପଦ ବାରିକ, ଶ୍ରୀ କେଶବ ରାଉତ, ଶ୍ରୀ ରଞ୍ଜନ ବର୍ଦ୍ଧନ, ଶ୍ରୀ ପ୍ରଭାତ ରାଉତ, ଶ୍ରୀ ପ୍ରଶାନ୍ତ ଲେଙ୍କା, ଶ୍ରୀ ସନ୍ତୋଷ ମହାନ୍ତି ଓ ଶ୍ରୀ ସୁରେଶ ଚନ୍ଦ୍ର ଦାଶଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ଜନହିତକର ପଦକ୍ଷେପକୁ ତିନୋଟି ଗ୍ରାମ ପଞ୍ଚାୟତର ଜନସାଧାରଣ ଓ ସ୍ଥାନୀୟ ପ୍ରତିନିଧିମାନେ ଭୂୟସୀ ପ୍ରଶଂସା କରିଛନ୍ତି ।

ମଙ୍ଗଳବାର, ନଭେମ୍ବର ୦୩, ୨୦୨୬


ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସଦ୍ ଗୁରୁଦେବ ଶିବମୁନିଜୀ ମହାରାଜ୍‌ଙ୍କର ୧୪୩ତମ ଜନ୍ମ ଜୟନ୍ତୀ ପାଳନ

ରୂପସା, ୦୨/୧୧ (ନି. ପ୍ର): ତା ୧-୧୧-୨୦୨୬ ରିଖ ରବିବାର ଅପରାହ୍ନ ତିନିଘଟିକା ସମୟରେ ବାଖରାବାଦ୍ ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ମୁନି ଆତ୍ମଜ୍ଞାନୀ ଦୈତିରୀ ମଣ୍ଡଳଙ୍କ କର କମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇ, ଆଶ୍ରମର ସ୍ଥାୟୀ ସଭାପତି ମୁନି ରାଜ କାଳିଚରଣ ଜେନାଙ୍କ ସଭାପତିତ୍ୱରେ, ଆଦି ମୁନିଶ୍ୱର ଯୋଗେଶ୍ୱର ସଦ୍ ଗୁରୁଦେବ ଶିବମୁନିଜୀ ମହାରାଜ୍‌ଙ୍କର ୧୪୩ ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ବରିଷ୍ଠ ମୁନି ଦୈତାରୀ ମଣ୍ଡଳ ମହୋଦୟ, ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ। ଗୁରୁବନ୍ଦନା, ମୁନି ସଙ୍ଗୀତ ଗାନ କରିଥିଲେ ଆତ୍ମଜ୍ଞାନୀ ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ମହୋଦୟା। ସତ୍ ସଙ୍ଗ ରେ, ସଦ୍ ଗୁରୁଦେବଙ୍କ ସ୍ମୃତି ଚାରଣ କରାଯିବା ସହିତ, ତାଙ୍କର ଜୀବନୀ, ଦର୍ଶନ ତଥା ଏ ସମାଜ ପ୍ରତି ତାଙ୍କର ଯେଉଁ ଅବଦାନ ଥିଲା ତାର ବାର୍ତ୍ତା ଲୋକମାନଙ୍କୁ ଜଣାଇବା ସଙ୍ଗେସଙ୍ଗେ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜର ପ୍ରଚାର ଏବଂ ପ୍ରସାର କରାଯିବା ପାଇଁ ଉଦ୍ୟମ କରାଯାଇ ଥିଲା। ଉପସ୍ଥିତ ଥିଲେ - ମୁନି ଜଗଦୀଶ ପରିଡା, ଭଗୀରଥ ବର, ପରମାନନ୍ଦ ବେହେରା, ଅରୁଣ ମଣ୍ଡଳ, ମଙ୍ଗଲ ସିଂ, ରାମେଶ୍ୱର ସିଂ, ମନୋରମା ବାରିକ, କହ୍ନେଇ ହେମ୍ବ୍ରମ୍, ମୁନିମତୀ ଆରତୀ ମଣ୍ଡଳ, ସାବିତ୍ରୀ ଜେନା, ବୀଣାପାଣୀ ସିଂ, ଆରତୀ ବେସ୍ରା, ପାର୍ବତୀ ସୋରେନ୍, କବିତା ସୋରେନ୍, ସୁରଜୀ ମୁର୍ମୁ, ଗୁରୁବାରୀ ମୁର୍ମୁ, ରୁନୁ ସିଂ, ମିନା ସିଂ, କୁନି ସିଂ, ଲକ୍ଷ୍ମୀ ହାଁସଦା, ମାମୁନୀ ବେହେରା, ସାବିତ୍ରୀ ବାରିକ, ମିନତୀ ବେହେରା, ବାସନ୍ତୀ ବେହେରା, ପାର୍ବତୀ ଦେ, କଳ୍ପନା ଦେ, ଏବଂ କାପୁରା ମୁର୍ମୁ ପ୍ରମୁଖ ଶିବମୁନିଜୀଙ୍କ ପରିବାରର ବହୁ ସଦସ୍ୟ ସଦସ୍ୟା ବୃନ୍ଦ।ସର୍ବ ଶେଷରେ ଗୁରୁଦେବଙ୍କ ଜୟଧ୍ୱନୀ ଦିଆଯାଇ ଆନନ୍ଦମନରେ ସମସ୍ତଙ୍କୁ ମିଷ୍ଟାନ୍ନାଦି ବଣ୍ଟନ କରାଯାଇ ସତ୍ସଙ୍ଗ ସାଙ୍ଗ କରାଯାଇଥିଲା।

# 'ଆମେମାନେ' କେବଳ ପତ୍ରିକା ନୁହେଁ, ଏକ ସାହିତ୍ୟିକ ଆନ୍ଦୋଳନ



ସୋର, ୧/୧୧(ନି.ପ୍ର) ସାହିତ୍ୟର ଅନ୍ତଃସ୍ୱରକୁ ଜନମାନସରେ ପ୍ରତିଧ୍ୱନିତ କରିବା ଏବଂ ସୃଜନଶୀଳ ଚେତନାର ଏକ ନୂତନ ପରିସର ନିର୍ମାଣ କରିବାର ଅଭିପ୍ରାୟ ନେଇ ସୋରରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ଆମେମାନେ'ର ପାର୍ବଣ ସଂଖ୍ୟା-୨୦୨୬, ରବିବାର କେଦାରପୁରସ୍ଥିତ କବିବର ରାଧାନାଥ ରାୟଙ୍କ ପବିତ୍ର ଜନ୍ମପୀଠରେ ଏକ ମନୋଜ୍ଞ ସାରସ୍ୱତ ପରିବେଶରେ ପାଠକାର୍ପିତ ହୋଇଯାଇଛି। କବିବରଙ୍କ ସ୍ମୃତି ଓ ସାରସ୍ୱତ ଚେତନାକୁ ସାକ୍ଷୀ ରଖି ଆୟୋଜିତ ଏହି ଉତ୍ସବରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବ ଆରମ୍ଭ ହୋଇଥିଲା। ଓଡ଼ିଆ ସାହିତ୍ୟର ଏହି ମହାନ ସାଧକଙ୍କ ଜନ୍ମପୀଠରୁ ଏକ ସାହିତ୍ୟ ପତ୍ରିକାର ନୂତନ ସଂଖ୍ୟା ପାଠକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେବା ଉତ୍ସବକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥିଲା। ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସମାଲୋଚକ ଡ. ଶରତ ଚନ୍ଦ୍ର ମହାନ୍ତି ଆମେମାନେ କ୍ଷୁଦ୍ର କଳେବରରେ ଏକ ନିରୋଳା ସାହିତ୍ୟ ପତ୍ରିକା ବୋଲି ମତ ରଖିବା ସହ ସାହିତ୍ୟର ସୃଜନଶୀଳ ଧାରାକୁ ଅବ୍ୟାହତ ରଖି ପାଠକ ଓ ଲେଖକଙ୍କ ମଧ୍ୟରେ ଏକ ସୁଦୃଢ଼ ସେତୁ ନିର୍ମାଣ କରିବାରେ ଆମେମାନେ ପତ୍ରିକା ସଫଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହାର ନିରନ୍ତର ପ୍ରକାଶନ ସକାଶେ ଏକ ସ୍ଥାୟୀ ପାଣ୍ଠି ସୃଷ୍ଟି କରିବା ସକାଶେ ସାହିତ୍ୟପ୍ରେମୀ ଓ ଶୁଭେଚ୍ଛୁମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ରାଜ୍ୟସ୍ତରରେ ପଲ୍ଲୀକବି ପ୍ରସଙ୍ଗରେ ଚାଲିଥିବା ବୌଦ୍ଧିକ ବିତର୍କରେ ଭାଗ ନେଇ 'ଆମେମାନେ'ରେ ଏକ ଚମତ୍କାର ଆଲେଖ୍ୟ ପ୍ରକାଶିତ ହୋଇଥିବାରୁ ଏହାକୁ ଏକ ଯୁଗୋପଯୋଗୀ ଓ ମହତ୍ କାର୍ଯ୍ୟ ବୋଲି ମନ୍ତବ୍ୟ ଦେଇଥିଲେ। କବି ସଞ୍ଜିତ ବଳ, କବୀ ଯୋଗ୍ୟଶ୍ରୀ ସାମଲ, ଅଧ୍ୟାପକ ଚେମେଇ ଦାସ ଆଦି ଆମେମାନେ ଏକ ପତ୍ରିକା ନୁହେଁ ବରଂ ଏକ ସାହିତ୍ୟିକ ଆନ୍ଦୋଳନ ବୋଲି ମତ ପ୍ରକାଶ କରିଥିଲେ। ଅତିଥିମାନେ ନିଜନିଜ ବକ୍ତବ୍ୟରେ 'ଆମେମାନେ'ର ସାରସ୍ୱତ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ସାହିତ୍ୟର ବାଣିଜ୍ୟିକ ଚାହିଦା ଅପେକ୍ଷା ତାହାର ଆତ୍ମିକ ମୂଲ୍ୟବୋଧ ଓ ସୃଜନଶୀଳ ସ୍ୱାଧୀନତାକୁ ଗୁରୁତ୍ୱ ଦେବାରେ ଏହି ପତ୍ରିକାର ପ୍ରୟାସ ପ୍ରଶଂସନୀୟ ବୋଲି ମତ ରଖିଥିଲା ବେଳେ ଏହା କେବଳ ଏକ ପତ୍ରିକା ନୁହେଁ, ବରଂ ସାହିତ୍ୟକୁ ନେଇ ଏକ ସୃଜନଶୀଳ ଆନ୍ଦୋଳନ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ପତ୍ରିକାର ସୌଜନ୍ୟ ସଂପାଦକ ଶ୍ରୀ ଅନିରୁଦ୍ଧ ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ଯାଯାବର ସଭା ପରିଚାଳନା କରିଥିଲେ ଏବଂ ସଂଯୋଜକ ଅଧ୍ୟାପକ ମନୀନ୍ଦ୍ର କୁମାର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ କବି ସୁନୀଲ ମିଶ୍ର, ଗୌରାଙ୍ଗ ମହାପାତ୍ର, ଶ୍ରୀକଣ୍ଠ ପଟ୍ଟନାୟକ, କୈଳାସ ଚନ୍ଦ୍ର ପାଢ଼ୀ, ଅଧ୍ୟାପିକା ଡ. ଆଭାରାଣୀ ବଳ, ଶିଳ୍ପୀ ଗୋଲକ ପାତ୍ର ପ୍ରଭୃତି ବକ୍ତବ୍ୟ ରଖିଥିବା ବେଳେ ଶିଳ୍ପୀ ଚୂଡ଼ାମଣି ଦାସ, ଅଧ୍ୟାପକ ରାମଚନ୍ଦ୍ର ପାଢ଼ୀ, ଶିଳ୍ପୀ ଦିବ୍ୟପ୍ରକାଶ ପରିଡ଼ା, ନିର୍ମଳ ଚନ୍ଦ୍ର ସ୍ୱାଇଁ, ବିଶ୍ୱନାଥ ଘୋଷ, କଲ୍ୟାଣୀ ଘୋଷ, ରବୀନ୍ଦ୍ର କୁମାର ସାହୁ, ବଂଶୀଧର ମହାନ୍ତି, ଶ୍ରୀଧର ପ୍ରସାଦ ବେହେରା, କବି ପ୍ରଦୀପ୍ତ ମହାନ୍ତି, କାହ୍ନୁ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସଫଳ କରବା ସହ ସୋର ପରି ଏକ କ୍ଷୁଦ୍ର ପରିସରରୁ ବୃହତ୍ତର ସାହିତ୍ୟିକ ଦିଗନ୍ତକୁ ଉଡ଼ାଣରେ 'ଆମେମାନେ'ର ଏହି ଯାତ୍ରା ଓଡ଼ିଆ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ୱର ଓ ସୃଜନଶୀଳ ସଂକଳ୍ପର ପରିଚୟ ବହନ କରୁଛି ବୋଲି ଉତ୍ସବରୁ ମତ ପ୍ରକାଶ ପାଇଥିଲା।

# ଡକାୟତି ଯୋଜନାକୁ ପଣ୍ଡ କଲା ବସ୍ତା ପୋଲିସ, ମରଣାସ୍ତ୍ର ସହ ତିନିଜଣ ଗିରଫ, ତିନି ଜଣ ଖସି ପଳାଇବାରେ ସଫଳ

ବସ୍ତା,୨/୧୧(ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଏସଡିପିଓଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ସାମ୍ବା ଦିକ ସମ୍ମିଳନୀ ଅନୁଷ୍ଠିତ। ସୂଚନା ଥାଉ କି ଯେ, ବସ୍ତା ତଥା ଆଖ ପାଖ ଅଞ୍ଚଳ ସହିତ ରାଜପଥ ଉପରେ ବେଶ କିଛିଦିନ ଧରି ଚୋରି, ଡକାୟତି ଓ ରାହାଜାନି ବଢ଼ି ବଢ଼ି ଚାଲିଥିବା ବେଳେ ପୋଲିସ ତୀକ୍ଷ୍ଣ ନଜର ରଖିଥିଲା। ତେବେ ଗତକାଲି ରାତି ବାରଟା ପଚାଶ ମିନିଟ ସମୟରେ ହଳଦୀପଦା ବାୟ ପାସ ନିକଟରେ କିଛି ଯୁବକ ଡକାୟତି ପାଇଁ ପ୍ରସ୍ତୁତି ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ବସ୍ତା ଥାନା ଆଇ ଆଇ ସି ରଂଜିତ ସାହୁ ଏବଂ ଏସ ଡିପିଓ ସମର୍ଥ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ସନ୍ଦୀପ କୁଜୁର ତୁରନ୍ତ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ହେଲେ ସେଠାରୁ ଛଅ ଜଣ ଯୁବକ ଏକତ୍ରିତ ହୋଇ ହଳଦୀପଦା ଶ୍ରୀ ରାମ ପେଟ୍ରୋଲ



ପମ୍ପରେ ଡାକୟତି କରିବା ପାଇଁ ଯୋଜନା କରୁଥିଲେ ବେଳେ ପୋଲିସ ଟିମ ତିନି ଜଣଙ୍କୁ ଅଭିଯୁକ୍ତଙ୍କୁ କୌଶଳ କ୍ରମେ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ୩ ଜଣ ଅନ୍ଧାରର ସୁଯୋଗ ନେଇ ଖସି ପଳାଇ ବାରେ ସଫଳ ହୋଇଥିଲେ। ପୋଲିସ ଦୃବୃତ୍ତ ମାନଙ୍କୁ ପଚରା ଉଚରା କରିବା ପରେ ସେମାନେ ପ୍ରକାଶ କରିଥିଲେ କି ଯେ, ସେମାନେ ରାକେଶ ସେନାପତି, ଗଣା ଦେହୁରୀ ଏବଂ ପରଞ୍ଜୟ ଦାସଙ୍କ ଦ୍ୱାରା ପରିଚାଳିତ 'ଆର.ଜି. କମ୍ପାନୀ' ନାମକ ଏକ କୁଖ୍ୟାତ ଗ୍ୟାଙ୍ଗର ସଦସ୍ୟ। ଏହି ଗ୍ୟାଙ୍ଗର ଲୋକମାନେ ଏକ ଇନଷ୍ଟାଗ୍ରାମ ଗ୍ରୁପ ମାଧ୍ୟମରେ ଯୋଗାଯୋଗ କରି ବାଟମାରଣା, ଅପହରଣ ଏବଂ ଭୟଭୀତ କରି ବେଆଇନ ଭାବେ ଅର୍ଥ ଆଦାୟ କରିବା ଭଳି ଅପରାଧରେ ଜଡ଼ିତ ଅଛନ୍ତି। ସେମାନଙ୍କଠାରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର, ମୋବାଇଲ ଫୋନ ଏବଂ ଏକ କାରକୁ ଜବତ କରା ଯାଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ସଦର ଥାନା ଅନ୍ତର୍ଗତ ଫୁଲାଡ଼ି ଗ୍ରାମର ଶରତ ନାୟକଙ୍କ (୨୬) ବର୍ଷର ପୁଅ ମନୋଜ କୁମାର ନାୟକ, ସଦର ଥାନା ବାରଗାଁଆ ଗ୍ରାମର ଗଣନାଥ ବାରିକଙ୍କ (୨୬)ବର୍ଷର ପୁତ୍ର ଜୟନ୍ତ ବାରିକ ଏବଂ ବସ୍ତା ଥାନା ଗୋବିନ୍ଦା ଗ୍ରାମର ସ୍ୱର୍ଗତ ଜଗନ୍ନାଥ ଜେନାଙ୍କ (୨୭) ବର୍ଷର ପୁତ୍ର ପବନା ଜେନା ଅ ଡାନିଏଲ, ବୋଲି ଜଣାପଡିଛି, ସେମାନଙ୍କ ନାମରେ ବସ୍ତା, ରୁପ୍ସା, ସଦର, ରେମୁଣା, ସହଦ୍ୱେଖୁଣ୍ଟା, ଟାଉନ, ଇଣ୍ଡଷ୍ଟ୍ରିଆଲ, ଚାନ୍ଦିପୁର ଏବଂ ନୀଳଗିରି ଥାନାରେ ଏକାଧିକ ମାମଲା ରହିଥିବା ବେଳେ ବସ୍ତା ଥାନା କେଶ ନମ୍ବର ୫୩୪/୨୬ ମୂଳେ ଆସାମୀ ମାନଙ୍କୁ କୋର୍ଟ ପଠାଯାଇ ଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତେବେ ବାଲେଶ୍ୱର ପୋଲିସ ଚୋରି, ଡକାୟତି ଓ ରାହାଯାନୀ ରୋକିବା ସହିତ ଚୋରି ରୋକିବା ଦିଗରେ ଏକ ଟିମ ପ୍ରସ୍ତୁତ କରାଯାଇଛି। ତଦନ୍ତ ଚାଲିଛି ଅନ୍ୟ ଦୃବୃତ୍ତଙ୍କୁ ଅତିଶୀଘ୍ର ଧରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧକ୍ଷ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ରାଜଧାନୀରେ ଫିଟନେସ୍ ମହାବିପ୍ଳବ: ବିଶ୍ୱସ୍ତରୀୟ ଜିମ୍ 'ଭାରତ ଫିଟନେସ୍ ଡେନ୍ ଏନ୍‌ହାନ୍ସଡ୍'ର ଶୁଭାରମ୍ଭ

ଭୁବନେଶ୍ୱର, ୦୨/୧୧ (ନି.ପ୍ର): ମନ୍ଦିରମାଳିନୀ ସହର ଭୁବନେଶ୍ୱର ଏବେ କଳା ଓ ସଂସ୍କୃତି ସହ ସ୍ୱାସ୍ଥ୍ୟ ଏବଂ ଫିଟନେସ୍ କ୍ଷେତ୍ରରେ ଏକ ନୂତନ ଇତିହାସ ରଚିଛି। କୁମାର ଭାରତ ଭୂଷଣ ମହାଲିକଙ୍କ ଏକ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଓ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ପୂର୍ବ ଭାରତର ଅନ୍ୟତମ ପ୍ରିମିୟମ୍ ଫିଟନେସ୍ କେନ୍ଦ୍ର 'ଭାରତ ଫିଟନେସ୍ ଡେନ୍ ଏନ୍‌ହାନ୍ସଡ୍' ରାଜଧାନୀର ଏୟାରପୋର୍ଟ ରୋଡ୍ ନିକଟରେ ଉଦ୍‌ଘାଟିତ ହୋଇଛି। ଜୟଦେବ ବିହାର ଶାଖାର ଅପାର ସଫଳତା ପରେ ଏହା ସଂସ୍ଥାର ଦ୍ୱିତୀୟ ତଥା ସବୁଠାରୁ ବିଶାଳ ପ୍ରକଳ୍ପ କହିଛନ୍ତି ଶ୍ରୀଯୁକ୍ତ ମହାଲିକ । ପ୍ରାୟ ୨୪,୦୦୦ ବର୍ଗଫୁଟର ଏହି ସୁବିଶାଳ ପରିସରରେ ଆମେରିକା ଓ



ଦୁବାଇ ମାନଦଣ୍ଡର ହୋଏଷ୍ଟ୍, ପନାଟା ଏବଂ ହାମର ଷ୍ଟ୍ରେନ୍ଥ ଭଳି ବ୍ରାଣ୍ଡର ୧୫୦ରୁ ଊର୍ଦ୍ଧ୍ୱ ଅତ୍ୟାଧୁନିକ ଉପକରଣ ଖଞ୍ଜାଯାଇଛି। ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି, ଓଡ଼ିଶାରେ ପ୍ରଥମ ଥର ପାଇଁ ବ୍ୟାୟାମ ପରବର୍ତ୍ତୀ ଶରୀର ପୁନରୁଦ୍ଧାର (Recovery) ନିମନ୍ତେ ରେଡ୍ ଲାଇଟ୍ ଥେରାପି, ଇନଫ୍ରାରେଡ୍ ସୋନା, ଆଇସ୍ ବାଥ୍ ଏବଂ ହାଇଡ୍ରୋ ମସାଜ୍ ଭଳି ସ୍ୱତନ୍ତ୍ର ୱେଲନେସ୍ ସୁବିଧା ଉପଲବ୍ଧ କରାଯାଇଛି। ଏହାସହ ଯୁବପିଢ଼ିଙ୍କ ପସନ୍ଦର ହାଇରକ୍ସ (Hyrox) ଟ୍ରେନିଂ, କାର୍ଡିଓ, ଜୁମ୍ବା ଓ ଯୋଗ ପାଇଁ ସ୍ୱତନ୍ତ୍ର ଫ୍ଲୋର୍ ବ୍ୟବସ୍ଥା ରହିଛି। ଏହି ବର୍ଣ୍ଣାଢ଼୍ୟ ଉଦ୍‌ଘାଟନୀ ସମାରୋହରେ ବଲିଉଡ୍ ଅଭିନେତା ତଥା 'ମିଷ୍ଟର ୱାର୍ଲ୍ଡ' ଠାକୁର ଅନୁପ ସିଂହ, 'ମିଷ୍ଟର ଇଣ୍ଡିଆ' ନରେନ୍ଦର ଯାଦବ ଓ ମୁମ୍ବାଇର ପ୍ରଖ୍ୟାତ ଲାଇଫଷ୍ଟାଇଲ୍ କୋଚ୍ ଇକବାଲ ସୟଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁପ ସିଂହ କହିଥିଲେ ଯେ, ଫିଟନେସ୍ କେବଳ ବଡିବିଲ୍ଡରଙ୍କ ପାଇଁ ସୀମିତ ନୁହେଁ। ୧୩ ବର୍ଷର କିଶୋରଠାରୁ ଆରମ୍ଭ କରି ୬୦ ବର୍ଷର ବ୍ୟକ୍ତିଙ୍କ ପର୍ଯ୍ୟନ୍ତ, ନିଜକୁ ନିଜର ଶ୍ରେଷ୍ଠ ରୂପ ଦେବା ପାଇଁ ଏହା ଏକ ଅପରିହାର୍ଯ୍ୟ ଜୀବନଶୈଳୀ ହେବା ଆବଶ୍ୟକ। ଏହି ଅବସରରେ ସଂସ୍ଥାର ସଫଳତା ପଛର ପ୍ରକୃତ ହିରୋ ଅର୍ଥାତ୍ ଟ୍ରେନର, ଆଥଲେଟ୍ ଓ ହାଉସକିପିଂ ଷ୍ଟାଫମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ସବୁ ବର୍ଗର ଲୋକଙ୍କୁ ସୁସ୍ଥ ରଖିବା ଲକ୍ଷ୍ୟରେ ଏକ ସୁଲଭ ବାର୍ଷିକ ସଦସ୍ୟତା ଶୁଳ୍କ ଏବଂ ସ୍ୱତନ୍ତ୍ର ଉଦ୍‌ଘାଟନୀ ରିହାତି ମଧ୍ୟ ଘୋଷଣା କରାଯାଇଛି। ଏହି ଅନୁଷ୍ଠାନ କେବଳ ଏକ ବ୍ୟବସାୟିକ କେନ୍ଦ୍ର ନୁହେଁ, ବରଂ ଓଡ଼ିଶାର ଫିଟନେସ୍ ସଚେତନତାର ଏକ ନୂତନ ଯୁଗର ପ୍ରାରମ୍ଭ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପରମ୍ପରାରେ ଜ୍ୟୋତିର୍ବିଜ୍ଞାନ ଉପରେ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ


## ପ୍ରାଚୀନ ଭାରତର ଜ୍ୟୋତିର୍ବିଜ୍ଞାନ ସମ୍ପଦ ଓ ଆଧୁନିକ ବୈଜ୍ଞାନିକ ଗବେଷଣାରେ ଏହାର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର, ୦୨/୧୧ (ନି. ପ୍ର): ପ୍ରାଚୀନ ଭାରତର ବୈଜ୍ଞାନିକ ଜ୍ଞାନ ଓ ଏହାର ଆଧୁନିକ ଗବେଷଣା କ୍ଷେତ୍ରରେ ଉପଯୋଗିତାକୁ ଗୁରୁତ୍ୱ ଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଭାରତୀୟ ଜ୍ଞାନ ପରମ୍ପରାରେ ଜ୍ୟୋତିର୍ବିଜ୍ଞାନ' ଶୀର୍ଷକ ଏକ ସପ୍ତାହବ୍ୟାପୀ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଭାରତୀୟ ଜ୍ଞାନ ପରମ୍ପରା ପ୍ରକୋଷ୍ଠ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଅଧିବେଶନରେ କାର୍ଯ୍ୟକ୍ରମର ସଂଯୋଜକ ଡ଼କ୍ଟର ବିବେକାନନ୍ଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହାର ଉଦ୍ଦେଶ୍ୟ ଓ ଶିକ୍ଷାଗତ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ,



ଭାରତର ସମୃଦ୍ଧ ଜ୍ୟୋତିର୍ବିଜ୍ଞାନ ପରମ୍ପରା ଆମର ବୈଜ୍ଞାନିକ ଚିନ୍ତାଧାରା, ଗାଣିତିକ ଦକ୍ଷତା ଓ ବୌଦ୍ଧିକ ଅବଦାନର ପରିଚୟ ବହନ କରେ। ଜ୍ୟୋତିଷ ଶାସ୍ତ୍ରର ଐତିହାସିକ ଓ ତାତ୍ତ୍ୱିକ ଦିଗ ସହ ଜ୍ୟୋତିର୍ବିଜ୍ଞାନର ସମ୍ପର୍କ ଉପରେ ଗଭୀର ଅଧ୍ୟୟନ ଓ ଗବେଷଣାର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ସ୍ୱଦେଶୀ ଜ୍ଞାନ ପରମ୍ପରାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଅଧ୍ୟୟନ କରିବା ସହ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁରୂପ ଏହାକୁ ଉଚ୍ଚଶିକ୍ଷାର ମୁଖ୍ୟଧାରାରେ ସାମିଲ କରିବାକୁ ସେ ଅଂଶଗ୍ରହଣକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ନିଜ ବକ୍ତବ୍ୟରେ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ସହ ଦେଶୀୟ ଜ୍ଞାନ ପରମ୍ପରାକୁ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବାର ଗୁରୁତ୍ୱ ଉପରେ ମତ ରଖିଥିଲେ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଯୋଗଦେଇଥିବା ବିଶିଷ୍ଟ ବକ୍ତା ଡ଼କ୍ଟର ରଜତ କୁମାର ପ୍ରଧାନ, ଭାରତର ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହ ପ୍ରାଚୀନ ଭାରତୀୟ ବିଦ୍ୱାନମାନଙ୍କ ବୈଜ୍ଞାନିକ ସଫଳତା ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଭାରତୀୟ ଜ୍ଞାନ ପରମ୍ପରାର ଏକ ଅଧ୍ୟୟନ କେନ୍ଦ୍ର ଗଢ଼ି ତୋଳିବା ଦିଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସେହିପରି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ତଥା ଭାରତୀୟ ଜ୍ଞାନ ପରମ୍ପରା ପ୍ରକୋଷ୍ଠର ନୋଡାଲ ଅଧିକାରୀ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ଭାରତର ପାରମ୍ପରିକ ଜ୍ଞାନକୁ ବ୍ୟବସ୍ଥିତ ଭାବେ ଅଧ୍ୟୟନ ଓ ଗବେଷଣା କରିବା ସହ ଆଧୁନିକ ବୈଜ୍ଞାନିକ ଉପଲବ୍ଧି ସହ ଏହାର ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ଶ୍ରୀ ଅରୁଣ କୁମାର ନାୟକ ଅଧିବେଶନର ସଂଯୋଜନା କରିଥିବା ବେଳେ ସହ-ସଂଯୋଜକ ଡ଼କ୍ଟର ରାଜୀବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୩୦ ଜଣ ଅଧ୍ୟାପକ-ଅଧ୍ୟାପିକା ଓ ଗବେଷକ ଅଂଶଗ୍ରହଣ କରିଛନ୍ତି। ପାଞ୍ଚଦିନ ଧରି ବିଶେଷଜ୍ଞମାନଙ୍କ ବକ୍ତୃତା ଓ ଶିକ୍ଷାଭିତ୍ତିକ ଆଲୋଚନା ମାଧ୍ୟମରେ ଭାରତୀୟ ଜ୍ୟୋତିର୍ବିଜ୍ଞାନର ମୂଳତତ୍ତ୍ୱ, ଐତିହାସିକ ସଫଳତା ଓ ବର୍ତ୍ତମାନ ସମୟରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋଚନା କରାଯିବ। ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି, ଗବେଷଣାର ପ୍ରସାର ଓ ଭାରତୀୟ ଜ୍ଞାନ ପରମ୍ପରାକୁ ଉଚ୍ଚଶିକ୍ଷା ସହ ଅର୍ଥପୂର୍ଣ୍ଣ ଭାବେ ଯୋଡ଼ିବା ଦିଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଷୟକୁ ନେଇ ଏହି ପ୍ରକାରର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନର ପଦକ୍ଷେପ ଏକ ଉଲ୍ଲେଖନୀୟ ପ୍ରୟାସ।

# ବିଜୁ ଜନତା ଦଳର ମହା ମିଶ୍ରଣ ପର୍ବ ଅନୁଷ୍ଠିତ



ବାସୁଦେବପୁର, ୦୨/୧୧ (ନି. ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାଣୀଡିହ ପଞ୍ଚାୟତର ରମାକାନ୍ତ ସେବା ଫାଉଣ୍ଡେସନ ପରିସରରେ ଏକ ଆକର୍ଷଣୀୟ ତଥା ମଧୁର ପରିବେଶ ମଧ୍ୟରେ ବିଜୁ ଜନତା ଦଳର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳର ବାସୁଦେବପୁର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ବ୍ଲକ୍ ଉପ ସଭାପତି ପ୍ରଫୁଲ୍ଲ କୁମାର ପଲିତା,ବାସୁଦେବପୁର ପୌର ପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଲେ ଯେ ଓଡ଼ିଶାର ଦୁଇଟି ବଡ ରାଜନୈତିକ ପରିବାର ଯଥା ବିଜୁ ପଟ୍ଟନାୟକଙ୍କ ପରିବାର ଓ ନୀଳମଣି ରାଉତରାୟଙ୍କ ପରିବାର ଲୋକ ମାନଙ୍କର ଅଧିକ ସେବା କରି ଆସୁଛନ୍ତି। ଆଗାମୀ ନିର୍ବାଚନରେ ସମସ୍ତେ ବିଜୁ ଜନତା ଦଳ ପରିବାର ସହିତ ରହି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରି ସମସ୍ତ ଭାଇ ଭଉଣୀ ଆଗେଇ ଯିବେ ବୋଲି ଅତିଥି ବନ୍ଧୁ ମତ ପ୍ରକାଶ କରିଥିଲେ। ବିଜୁ ଜନତା ଦଳର ଜିଲ୍ଲା ଉପ ସଭାପତି ତଥା ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ବାବୁ ଏହି ମିଶ୍ରଣ ପର୍ବରେ ସମସ୍ତ ମାଆ ମାଉସୀ ଭାଇ ଭଉଣୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅନ୍ୟ ରାଜନୈତିକ ଦଳ ଛାଡ଼ି ବିଜୁ ଜନତା ଦଳ ପରିବାରରେ ଏହି ମିଶ୍ରଣ ପର୍ବରେ ଶହେରୁ ଊର୍ଦ୍ଧ୍ୱ ଭାଇ ଭଉଣୀ ଯୋଗ ଦେଇଥିଲେ। ଏହି ଅବସରରେ ବିଜୁ ଜନତା ଦଳର କର୍ମୀ ଓ ଭାଇ ଭଉଣୀ ମାନଙ୍କୁ ଉପଢ୍ୱୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନାୟକାଣୀଡିହ ପଞ୍ଚାୟତର ଯେଉଁ ଭାଇ ଭଉଣୀ ମାନଙ୍କ ବିଭିନ୍ନ ସମସ୍ୟା ଥିବ ତାହାକୁ ମୁଁ ମୋ ନିଜ ପରିବାର ଲୋକ ଭାବି ସମାଧାନ କରିବି ଓ ସମସ୍ତଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବି ବୋଲି ବୋଲି ବିଜୁ ଜନତା ଦଳର ଜିଲ୍ଲା ଉପ ସଭାପତି ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ବାବୁ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ପିଣ୍ଟୁ ବାବୁ କହିଲେ ମୋର ପ୍ରିୟ ନେତା ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓରଫ୍ ଜିତୁ ବାବୁ ଙ୍କ ଉପରେ ଭାଇ ଭଉଣୀ ମାନେ ସଦା ସର୍ବଦା ଭରସା ରଖିବା ଉଚିତ୍। ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଆଦିତ୍ୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida